

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 1 June 2020

Vol.No. 30 ■ No. 137 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chaiman

## କରୋନା ବିରୋଧରେ ଲଢେଇରେ ଦେଶବାସୀଙ୍କ ସାମୁହିକ ସଂକଳ୍ପଶକ୍ତିର ଦେଇଛନ୍ତି ପରିଚୟ : ନରେନ୍ଦ୍ର ମୋଦୀ

ନୂଆଦିଲ୍ଲୀ,୩୧।୫ (ନି.ପ୍ର): କରୋନା ବିରୋଧରେ ଲଢେଇରେ ଦେଶବାସୀଙ୍କ ସାମୁହିକ ସଂକଳ୍ପଶକ୍ତିର ପରିଚୟ ଦେଇଛନ୍ତି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆଜି ମନ କି ବାତରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ଯେ ଗତଥର ସେ "ମନ୍ କି ବାତ୍" କହିଲାବେଳେ ଯାତ୍ରୀବାହୀ ଟ୍ରେନ୍‌ଗୁଡ଼ିକ ବନ୍ଦ ଥିଲା, ବସ୍‌ଗୁଡ଼ିକ ବନ୍ଦ ଥିଲା, ବିମାନସେବା ବନ୍ଦ ଥିଲା । ଏଥର ବହୁତ କିଛି ଆରମ୍ଭ ହୋଇସାରିଛି । ଶ୍ରମିକ ସ୍ପେଶାଲ ଟ୍ରେନ ଗୁଡ଼ିକ ଚାଲୁଛି । ଅନ୍ୟ ସ୍ପେଶାଲ ଟ୍ରେନ ଗୁଡ଼ିକ ମଧ୍ୟ ଚାଲିଲାଣି । ସବୁ ପ୍ରକାର ସତର୍କତା ସହିତ ବିମାନଗୁଡ଼ିକ ମଧ୍ୟ ଉଡ଼ାଣ ଆରମ୍ଭ କଲେଣି । ଧୀରେ ଧୀରେ କଳକାରଖାନାଗୁଡ଼ିକ ମଧ୍ୟ ଚାଲୁହେଲାଣି । ଅର୍ଥାତ, ଆର୍ଥିକ ବ୍ୟବସ୍ଥାର ଗୋଟିଏ ବଡ଼ ଅଂଶ ଏବେ ଆରମ୍ଭ ହୋଇସାରିଲାଣି, ଖୋଲିଗଲାଣି । ଏଭଳି ପରିସ୍ଥିତିରେ ଆମକୁ ଆହୁରି ଅଧିକ ସତର୍କ ରହିବାର ଆବଶ୍ୟକତା ରହିଛି । ଦୁଇଗଜ ଦୂରତାର ନିୟମ ହେଉ, ମୁହଁରେ ମାସ୍କ ପିନ୍ଧିବା କଥା ହେଉ, ଯଥାସମ୍ଭବ ଘର ଭିତରେ ରହିବା



କଥା ହେଉ, ଏସବୁ ନିୟମ ପାଳନରେ ଆମେ ଟିକିଏ ହେଲେ ଢ଼ିଲା ଦେବା ଉଚିତ ନୁହେଁ । ସେ କହିଛନ୍ତି ଯେ ଦେଶରେ, ସମସ୍ତଙ୍କ ସମ୍ମିଳିତ ଉଦ୍ୟମରେ ଦୃଢ଼ତାର ସହ କରୋନା ବିରୁଦ୍ଧରେ ସଂଗ୍ରାମ ଚାଲିଛି । ସାରା ବିଶ୍ୱକୁ ଦେଖିଲେ ଆମେ ଏକଥା ଅନୁଭବ କରିପାରୁଛୁ ଯେ, ପ୍ରକୃତରେ ଭାରତବାସୀଙ୍କ ଉପଲବ୍ଧି କେତେ ବଡ଼ ! ଆମର ଲୋକସଂଖ୍ୟା ଅଧିକାଂଶ ଦେଶଠାରୁ ଅନେକ ଗୁଣ ଅଧିକ । ଆମ ଦେଶରେ ଆହ୍ୱାନଗୁଡ଼ିକ ମଧ୍ୟ ଭିନ୍ନ ପ୍ରକାରର ।

▶▶ପୃଷ୍ଠା ୭

## ଆଗାମୀ ଜୁନ ୧୭ରେ ରାଜ୍ୟରେ ଖୋଲିବ ନାହିଁ ସ୍କୁଲ: ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର,୩୧।୫ (ନି.ପ୍ର): କୋବିଡ -୧୯ କାରଣରୁ ଲକଡାଉନ ପରିପ୍ରେକ୍ଷୀରେ ଆଗାମୀ ୧୭ ଜୁନରେ ସ୍କୁଲ ଖୋଲିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସ । ସେ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗତକାଲି ଜାରୀ କରା ଯାଇଥିବା ଗାଇଡଲାଇନ ଆଧାରରେ ଏହି ନିଷ୍ପତି ଗ୍ରହଣ କରା ଯାଇଛି । ଉଲ୍ଲେଖନୀୟ ଯେ ଜୁନ ମାସ ୧୭ ତାରିଖ ଦିନ ରାଜ୍ୟରେ ସ୍କୁଲ ଖୋଲା ଯିବାର ଥିଲା ।




**କରୋନା ମହାମାରୀ ଯୋଗୁଁ ଆପଣମାନେ ସହିଥିବା କ୍ଷତିର ଭରଣା ପାଇଁ**

- କିଷାନ କ୍ରେଡିଟ କାର୍ଡ ଜରିଆରେ ୨ ଲକ୍ଷ କୋଟି ଟଙ୍କାର ରିହାତି ଋଣ ଆବଂଟନ ପାଇଁ ବ୍ୟବସ୍ଥା ହୋଇଛି
- ପିଏମ କିସାନ ଯୋଜନା ଜରିଆରେ ମାସିକ ୨ ହଜାର ଟଙ୍କାକରି ତିନୋଟି ସମାନ କିସ୍ତିରେ ୬୦୦୦ଟଙ୍କା
- ଲକଡାଉନ କାଳରେ, ୯.୭୨ କୋଟି ଚାଷୀ ପରିବାରକୁ ୧୯,୪୫୭ କୋଟି ଟଙ୍କା ଦିଆଯାଇଛି

**ଚାଷୀମାନଙ୍କର ଆୟ ବୃଦ୍ଧି ପାଇଁ ଫାର୍ମ-ଗେଟ ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି**

- ଦେଶର ଯୋଗାଣ ବ୍ୟବସ୍ଥା ଓ ଶୀତଳ ଭଣ୍ଡାରଗୁଡିକୁ ସୁଦୃଢ଼ କରିବା ପାଇଁ ୧ ଲକ୍ଷ କୋଟି ଟଙ୍କାର ଯୋଜନା ଆରମ୍ଭ

**ଚାଷୀମାନଙ୍କୁ ଅଧିକ ସହାୟକ ମୂଲ୍ୟ ପ୍ରଦାନ ବ୍ୟବସ୍ଥା**

- ଏପିଏମସି ଗୁଡିକଠାରୁ ଅଧିକ ବଜାର ସୁବିଧା ପ୍ରଦାନ କରିବା ପାଇଁ କୃଷି ବିପଣନ କ୍ଷେତ୍ରରେ ସଂସ୍କାର ଅଣାଯାଇଛି। ଚାଷୀମାନେ ବର୍ତ୍ତମାନ ସେମାନଙ୍କ ଫସଲ ଯେକୌଣସି ସ୍ଥାନରେ ବିକ୍ରିକରି ଅଧିକ ମୂଲ୍ୟ ପାଇପାରିବେ।
- ଚାଷୀଙ୍କୁ ଅଧିକ ଲାଭ ଦେବା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ, ଏପିଏମସି ଆକ୍ଟ/ମଣ୍ଡି ଆକ୍ଟରେ ସଂଶୋଧନ କରାଯାଇଛି
- ୨ ଲକ୍ଷରୁ ଅଧିକ ଅସଂଗଠିତ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପାଇଁ ୧୦,୦୦୦ କୋଟି ଟଙ୍କା ଆବଂଟନ କରାଯାଇଛି। ଏହା ଫଳରେ ସେମାନେ ନିଜ ବ୍ରାଣ୍ଡ ପ୍ରତିଷ୍ଠା କରିପାରିବେ।

**ମତ୍ସ୍ୟଜୀବୀଙ୍କ ନିମନ୍ତେ...**

- ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନାର ଅଂଶ ବିଶେଷ ଭାବେ ୨୦୦୫୦ କୋଟି ଟଙ୍କାର ଯୋଜନା। ଏହା ଉଭୟ ମଧୁର ଓ ଲୁଣି ପାଣି ମତ୍ସ୍ୟ ଚାଷକୁ ଏକ ବଡ଼ ଧରଣର ପ୍ରୋତ୍ସାହନ ଦେବ

**ପଶୁସମ୍ପଦ ଚାଷୀଙ୍କ ନିମନ୍ତେ....**

- ପଶୁସମ୍ପଦର ବିକାଶ ପାଇଁ ୧୫,୦୦୦ କୋଟି ଟଙ୍କାର ବ୍ୟୟ ବରାଦ

**ଯେତେବେଳେ ଆପଣ ଏହି ଯୁଦ୍ଧ ଜିତିବେ, ସେତେବେଳେ ଆମ ଦେଶ ମଧ୍ୟ ଜିତିବ**



"ଆଜି ବିଶ୍ୱ ଯେଉଁ ପରିସ୍ଥିତି ଦେଇ ଗତି କରୁଛି ତାହା ଆମକୁ ଭବିଷ୍ୟତରେ ଏକ ଆତ୍ମନିର୍ଭର ଭାରତ ଗଠନର ଶିକ୍ଷା ଦେଉଛି"

-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



ଅଧିକ ସୂଚନା ପାଇଁ ଦେଖନ୍ତୁ - transformingindia.mygov.in/aatmanirbharbharat

davp 22112/13/0005/2021

## ମା'ଙ୍କୁ ହତ୍ୟା କଲା ସଇତାନ ପୁଅ

ଭଦ୍ରକ,୩୧।୫ (ନି.ପ୍ର): ଭଦ୍ରକ ଜିଲା ଧୁଷୁରୀ ଥାନା ଅଂଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ମହିଳାଙ୍କୁ ତାଙ୍କ ସାନ ପୁଅ ହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତକଙ୍କ ନାଁ ମାତାଜୀ ଜେନା । ଅଭିଯୁକ୍ତ ତଥା ତାଙ୍କ ସାନ ପୁଅର ନାଁ ନିରଂଜନ ଜେନା । ସୂଚନା ଅନୁସାରେ, ନିରଂଜନ ବେଙ୍ଗାଲୁରର ଏକ ଘରୋଇ କଂପାନୀରେ କାମ କରୁଥିଲେ । କିଛିଦିନ ପୂର୍ବରୁ ସେ ଘରକୁ ଆସିଥିଲେ । କୌଣସି କାରଣକୁ ନେଇ ମା'ଙ୍କ ସହିତ ତାଙ୍କର ଝଗଡା ହୋଇଥିଲା । ୨୮ ତାରିଖ ଦିନ ନିରଂଜନ ତାଙ୍କ ମାଆଙ୍କୁ ଧରି ମାମୁଁ ଘର ପଛାଲକୁ ବାହାରିଥିଲେ । ହେଲେ ରାସ୍ତାରେ ମାଆ ପୁଅଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ ନିରଂଜନ ଶାଢୀରେ ମାଆଙ୍କ ବେକକୁ ଚିପି ଦେଇଥିଲେ । ଏଥିସହ ଏକ ଶକ୍ତ ବାଡିରେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ । ଏହାପରେ ସେ ଘରକୁ ଫେରି ଆସିଥିଲେ । ଘରେ ତାଙ୍କ ବାପା ତାଙ୍କୁ ମାତାଜୀଙ୍କ ସଂପର୍କରେ ପଚାରିଲେ ।

▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୨୯ କରୋନା ଆକ୍ରାନ୍ତ ଚିହ୍ନଟ




ଭୁବନେଶ୍ୱର, ୩୧ ମଇ (ହି.ସ.) ରାଜ୍ୟରେ ଆଉ ୧୨୯ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୧୯୪୮କୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ମୋଟ ୧୯ଟି ଜିଲ୍ଲାରୁ ଏହି ୧୨୯ ଜଣ ଆକ୍ରାନ୍ତଙ୍କୁ ଚିହ୍ନଟ କରା ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସଂକ୍ରମିତ ମାନଙ୍କ ମଧ୍ୟରେ କେନ୍ଦ୍ରାପଡା ଜିଲ୍ଲାରୁ ସର୍ବାଧିକ ୧୮ ଜଣ ରହିଛନ୍ତି । ସେହିପରି ଗଜପତି ଜିଲ୍ଲାରୁ ୧୬ ଜଣ ସଂକ୍ରମିତ ହୋଇଥିବା ଜଣା ପଡିଛି । ସେହିପରି ନୂଆପଡାରୁ ୧୨ ଜଣ, ବଲାଙ୍ଗୀରରୁ ୧୧ ଜଣ, ଗଂଜାମ ଓ ଯାଜପୁରରୁ ୧୦ -୧୦ ଜଣ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ଖୋର୍ଧା ଜିଲ୍ଲାରୁ ୭ ଜଣ, ବାଲେଶ୍ୱର, ସୁନ୍ଦରଗଡ, ମୟୁରଭଂଜ ଓ ବରଗଡ ଜିଲ୍ଲାରୁ ୬ ଜଣ ଲେଖାଏ ସଂକ୍ରମିତ ହୋଇଛନ୍ତି । ସେହିପରି କଟକ ଜିଲ୍ଲାରୁ ୫ ଜଣ, ଦେବଗଡ ଜିଲ୍ଲାରୁ ୪ ଜଣ, ପୁରୀରୁ ୪ ଜଣ, କେନ୍ଦୁଝରରୁ ୩ଜଣ ଆକ୍ରାନ୍ତ ହୋଇଥିବା ଜଣା ପଡିଛି । ଜଗତସିଂହପୁର ଜିଲ୍ଲାରୁ ୨ ଜଣ, ମାଲକାନଗିରି, ଢେଙ୍କାନାଳ ଓ ସମ୍ବଲପୁର ଜିଲ୍ଲାରୁ ଜଣେ ଲେଖାଏ ଆକ୍ରାନ୍ତ ହୋଇଛନ୍ତି ।

## ରାଜ୍ୟରେ ଗତ ୨୪ ଘଂଟାରେ ୪୬୪୧ ନମୁନାର ପରୀକ୍ଷଣ

ଭୁବନେଶ୍ୱର,୩୧।୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ୪୬୪୧ ନମୁନାର ପରୀକ୍ଷା କରା ଯାଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ ୧୫୨୧୩୧ ନମୁନାର ପରୀକ୍ଷଣ କରା ଯାଇ ସରିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ବର୍ତମାନ ସୁଦ୍ଧା ରାଜ୍ୟରେ ୧୯୪୮ ଟି ମାମଲା ସାମନାକୁ ଆସିଛି । ଏଥି ମଧ୍ୟରୁ ସାତ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧୨୬ ଜଣ ସୁସ୍ଥ ହୋଇ ସାରିଛନ୍ତି । ରାଜ୍ୟରେ ମୋଟ ୮୧୩ ସକ୍ରିୟ ମାମଲା ରହିଛି ।

# ଜୟପୁରରେ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନ

ଜୟପୁର,୩୧/୫ (ନି.ପ୍ର): କରୋନା ସହ ଲଢେଇ ଜାରି ରହିଥିବା ବେଳେ ଏହି ଲଢେଇରେ ଯୋଦ୍ଧା ସାଜିଥିବା ସହରକୁ ଗ୍ରୀନ, କ୍ଲିନ୍ କରୁଥିବା ଓ ଏହାର ତଦାରଖ କରୁଥିବା ସ୍ୱଚ୍ଛ ସାଥି, ପୌର କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆଜି ସମ୍ମାନିତ କରାଯାଇଛି । ଜୟପୁର ପୌର କାର୍ଯ୍ୟାଳୟ ପରିସରରେ ଏନେଇ ଏକ ସଭାର ଆୟୋଜନ କରାଯାଇଥିଲା । ଲକ୍ ଡାଉନ ଜାରି ହେବା ଠାରୁ ଜିଲାପାଳ ମଧୁସୁଦନ ମିଶ୍ର ଠିକ୍ ଭାବେ ଏହାର ପରିଚାଳନା କରିଥିବାରୁ ବିଧାୟକ ତାରା ପ୍ରସାଦ ବାହିନିପତି ତାଙ୍କୁ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ପିଡି ଡିଆରଡିଏ ପ୍ରବିର କୁମାର ନାୟକ, ଉପ ଜିଲାପାଳ ଲୋକନାଥ ଦଳ ବେହେରା. ପୌର କାର୍ଯ୍ୟନିବାହୀ ଅଧିକାରି ଆଲୋକ ସାମନ୍ତରାୟଙ୍କୁ ମଧ୍ୟ ଉତରୀୟ ଓ ମାସ୍କ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ନିଜ ଜୀବନକୁ ବାଜି ଲଗାଇ କରୋନା ଲଢେଇରେ ସାମିଲ ହୋଇଥିବା କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କରାଯାଇଛି । ଦୀର୍ଘ ୨ ମାସ ଧରି କରୋନା ସହ ଲଢେଇ ଜାରି ରହିଥିବା ବେଳେ ଏହି ଲଢେଇରେ ଯୋଦ୍ଧା ସାଜିଥିବା ସହରକୁ ଗ୍ରୀନ ଓ କ୍ଲିନ୍ କରୁଥିବା ଓ ଏହାର ତଦାରଖ କରୁଥିବା ପୌରାଚଂଳର ସ୍ୱଚ୍ଛ ସାଥୀ, ୱାର୍ଡରେ ନାଳ ସଫା, ଅଳିଆ ଆବର୍ଜନା ସଫେଇ କରିବାରେ ସହଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ ୱାର୍ଡ ସୁପରଭାଇଜର୍, ସଫେଇ କର୍ମଚାରୀ, ପୌର କର୍ମଚାରି, ଗଣ ମାଧ୍ୟମ ପ୍ରତିନିଧି, ଏସଡିପିଓ ପିତବାସ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଛି । କରୋନା ମହାମାରୀ ସାରା ଦେଶକୁ ପ୍ରଭାବିତ କରିଛି । ଏହା ଠାରୁ ଦୂରରେ ରହିବା ପାଇଁ ସରକାର ପଚଂମ ପର୍ଯ୍ୟାୟ ଲକ୍ ଡାଉନ ଘୋଷଣା କରିଛନ୍ତି । ସମାଜିକ ଦୂରତା ବଜାୟ ରଖିବା ସହ ଘରେ ନିରାପଦରେ ରୁହନ୍ତୁ ସୁସ୍ଥ ରୁହନ୍ତୁ ଏହା ହେଉଛି ବର୍ତମାନ ପରିସ୍ଥିତିରେ ବଡ ଆହ୍ୱାନ । ତେବେ ଯଦି ସବୁ ବର୍ଗର ଲୋକମାନେ ଘରେ ରହିବେ ସମାଜ ଠିକ୍ ରହିବ ନାହିଁ । ସମସ୍ତେ ଘରେ ରହୁଥିବା ବେଳେ ସଫେଇ କର୍ମଚାରି ମାନେ ନିଜ ଜୀବନକୁ ବାଜି ଲଗାଇ ଅହରହ କାର୍ଯ୍ୟ କରିଚାଲିଛନ୍ତି । ସ୍ୱାସ୍ଥ୍ୟ ଓ ପୋଲିସ କର୍ମଚାରୀଙ୍କ ଭଳି ସଫେଇ କର୍ମଚାରି ନିରନ୍ତର ସେବା ଯୋଗଇ ଚାଲିଛନ୍ତି । ଏମାନେ ହେଉଛନ୍ତି ପ୍ରକୃତରେ କୋଭିଡ ଯୋଦ୍ଧା । ସେ ମାନେ ନିଜକୁ ପଛେ ରୋଗ ହେଉ, କିନ୍ତୁ ସହରକୁ ସଫା ରଖିବାକୁ ଗୁରୁତ୍ୱ ଦେଇଛନ୍ତି । କେତେବେଳେ ପ୍ରଶଂସା କି ପୁରସ୍କାର ଆଶାବି ରଖି ନାହାନ୍ତି । ବିପଦ ସମୟରେ ଲୋକଙ୍କୁ ସୁସ୍ଥ ରଖିବାକୁ ଯାଇ ଅଳିଆ ଆବର୍ଜନା ସଫା କରି ଚାଲିଛନ୍ତି । ସହରରେ ସ୍ୱାସ୍ଥ୍ୟ ସଚେତନ ଲୋକ ମାନେ ଘରେ ରହୁଥିବା ବେଳେ ଏମାନଙ୍କ ମଧ୍ୟରେ ଭୟ ଥିଲେ ବି ସୁଦ୍ଧା ନିଜ ସେବାରୁ କେବେ ନିବୃତ ରହି ନାହାଁନ୍ତି । ଦେଖିଲେ ମନହୁଏ ସହରକୁ ସଫା ରଖିବାକୁ ସତେ ଯେମିତି ଏମାନେ ଏକ ପ୍ରକାର ପ୍ରତିଶୃତିବଦ୍ଧ । ଜୟପୁର ପୌରାଚଂଳରେ ୨୮ ନଂ ୱାର୍ଡର ୨୫୦ ସଫେଇ କର୍ମଚାରି କରୋନା ଯୁଦ୍ଧରେ ମହା ଯୋଦ୍ଧା ଭଳି କାମ କରୁଛନ୍ତି । ସଂକ୍ରମଣ ରୋକିବା ପାଇଁ ସ୍ୱଚ୍ଛ ପରିବେଶ ଏକାନ୍ତ ଆବଶ୍ୟକ ହୋଇଥିବାରୁ ସଫେଇ କର୍ମଚାରୀ ମାନେ ନିଜର ସସମ୍ୟାକୁ ଭୁଲି ନିଜ ଦାୟୀତ୍ୱ ସୁତାରୁ ରୂପେ ତୁଲାଉଛନ୍ତି । ଭୋର୍ ହେବା ମାତ୍ରରେ ହାତର ଗ୍ଲୋବସ, ମୁହଁରେ ମାସ୍କ ପିନ୍ଧି ରାସ୍ତା ଘାଟ ସଫା କରି ଚାଲିଛନ୍ତି । କିଏ ଝାଡୁ କରୁଛିତ କିଏ କିଏ ଘର ଘର ବୁଲି ଅଳିଆ ସଂଗ୍ରହ କରୁଛି ତ କିଏ ଡ୍ରେନ ସଫା କରୁଛି । ଏହି ସଫେଇ କର୍ମଚାରି ମାନଙ୍କୁ ସମ୍ମାନିତ କରି ଜୟପୁର ବିଧାୟକ, ଜିଲାପାଳ ନିଜକୁ ଧନ୍ୟ ମନେ କରିଛନ୍ତି ।

## ବନ୍ଦ ଥିବା ନିର୍ମାଣ କାର୍ଯ୍ୟ କୁ ତଦାରଖ କଲେ କନିଷ୍ଠ ଯନ୍ତ୍ରୀ

କେନ୍ଦ୍ରାପଡ଼ା,୩୧/୫ (ନି.ପ୍ର): ଲକ ଡାଉନ କଟକଣା ସମୟରେ ବିଭୀନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଦୀର୍ଘ ୨ ମାସରୁ ଊର୍ଦ୍ଧ୍ୱ ହେବ ବନ୍ଦ ରହିଥିଲା । କଟକଣା କୋହଳ ହେବା ସଙ୍ଗେ ସଙ୍ଗେ ବନ୍ଦ ଥିବା ଏହି ଉନ୍ନୟନ ମୂଳକ କାର୍ଯ୍ୟ ସାରିବା ପାଇଁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । କେନ୍ଦ୍ରାପଡା ନିକିରାଇ ମୁକ୍ୟ ରାସ୍ତା ଉପରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରା ଯାଉଥିବା କଲଭର୍ଟ କାର୍ଯ୍ୟକୁ ସାରିବା ପାଇଁ ଅଗ୍ରାଧିକାର ଦିଆ ଯାଇଛି । ରାସ୍ତା ଓ କୋଠାବାଡି ବିଭାଗର ଜେଇ ପ୍ରଶନ୍ନ ସାମଲ ରବିବାର ଘଟଣା ସ୍ଥଳରେ ପହଁଚି ନିର୍ମାଣ କାର୍ଯ୍ୟକୁ ତଦାରଖ କରି କାମ ନେଇଥିବା ଠିକାଦାରକୁ ତୁରନ୍ତ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ଧର୍ମଶାଳା ଥାନାଅଧିକାରୀ ସମ୍ବର୍ଦ୍ଧିତ

ଧର୍ମଶାଳା,୩୧/୫ (ନି.ପ୍ର): ବିଶ୍ୱମହାମାରୀ କରୋନା ପାଇଁ ସାଧାରଣ ଲୋକଙ୍କୁ ସଚେତନତା କରିବା ଓ ସେମାନଙ୍କୁ ସୁରକ୍ଷା ଯୋଗାଇ ଆସୁଥିବା ପୋଲିସ ବାହିନୀର ଭୂମିକା ଅତୁଳନୀୟ । ପୋଲିସ, ଡାକ୍ତର, ନର୍ସ, ସ୍ୱେଚ୍ଛାସେବୀ,ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଓ ସାମ୍ବାଦିକ ମାନଙ୍କର ଏ କରୋନା ମହାମରୀରେ ବିଶେଷ ଭୂମିକା ରହିଅଛି । ଧର୍ମଶାଳା ଅଂଚଳରେ ପ୍ରବାସୀ ମାନଙ୍କୁ ସୁରକ୍ଷିତ କ୍ୱାରେଂଟାଇନ ସେଂଟରରେ ପହଂଚାଇବା ଓ ନିଜ ରଚନାରେ ସଙ୍ଗୀତ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇବା ଧର୍ମାଶାଳା ଥାନାଧିକାରୀ ସରୋଜ କୁମାର ସାହୁଙ୍କ ଭୂମିକା ଅନ୍ୟମାନଙ୍କ ପାଇଁ ଏକ ଉଦାହାରଣ ପାଲଟିଛି । ଏଥି ନେଇ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ଓ ଶୁଭେଚ୍ଛାର ସୁଅ ଛୁଟୁଛି । ଚଣ୍ଡିଖୋଲ ନିକଟସ୍ଥ ଶୁଭଦ୍ରାପୁର ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କମିଟିର ଶିକ୍ଷକ, ଶିକ୍ଷୟତ୍ରୀ ଓ ବ୍ରାହ୍ମଣି ଦେବୀ ଯୁବକ ସଂଘ ପକ୍ଷରୁ ନାଏବ ସରପଂଚ କ୍ରାନ୍ତିପ୍ରଭା ସାହୁ ଥାନା ଅଧିକାରୀ ଶ୍ରୀ ସାହୁଙ୍କୁ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସ୍କୁଲ କମିଟିର ସଭାପତି ସୁବାସ ନାୟକ, ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁଲତା ସାମଲ, ରୋଜାଲିନି ବିଶ୍ୱାଳ ଏବଂ କ୍ଲବର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କେନ୍ଦୁଝର ରେ ପୁଣି ୩ କରୋନା ଆକ୍ରାନ୍ତ ଚିହ୍ନଟ : ଆକ୍ରାନ୍ତଙ୍କ ସଂଖ୍ୟା ୨୫କୁ ବୃଦ୍ଧି

କେନ୍ଦୁଝର, ୩୧ ମଇ (ହି.ସ.)- କେନ୍ଦୁଝର ଜିଲ୍ଲାରେ ଆଜି ରବିବାର ଦିନ ପୁଣି ୩ ଜଣ କରୋନା ପଜିଟିଭ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଫଳରେ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଜିଲ୍ଲାରେ ଏବେ ୨୫ ରେ ପହଞ୍ଚି ଅଛି । ଆଜି ସୁଦ୍ଧା କେନ୍ଦୁଝର ଜିଲ୍ଲାରେ ୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ପ୍ରତ୍ୟାବର୍ତନ କରିଛନ୍ତି ଫଳରେ ଜିଲ୍ଲାରେ କରୋନା ଆକ୍ଟିଭଙ୍କ ସଂଖ୍ୟା ୧୭ ରେ ପହଞ୍ଚିଅଛି । ଏହି ସମସ୍ତ କରୋନା ଆକ୍ରାନ୍ତ ୩ ଜଣ ତାମିଲନାଡୁରୁ ଫେରିଥିଲେ ଏବଂ ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକର ତରୁଆଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦଲି ଗ୍ରାମର ଅସ୍ଥାୟୀ ମେଡିକାଲ କେନ୍ଦ୍ର କ୍ୟୁରେଟାଂଇନ ସେଟଂରେ ରହିଥିଲେ । ଏହି ଗ୍ରାମଟି ଅଧିକ ଜନ ବହୁଳ ହୋଇଥିବାରୁ ସମସ୍ତ ଚାନ୍ଦୋଲି ଗ୍ରାମକୁ ପ୍ରଶାସନ ପକ୍ଷରୁ କଟେଂନମେଟଂ ଜୋନ ଭାବେ ଘୋଷଣା କରାଯାଇଛି । ପ୍ରଶାସନର ଏହି ନିର୍ଦ୍ଦେଶ ଚଳିତ ମେ ମାସ ୩୧ ତାରିଖ ସକାଳ ୧୦ ଟା ଠାରୁ ପରବର୍ତି ୭ ଦିନ ତଥା ଜୁନ ମାସ ୭ ତାରିଖ ସକାଳ ୧୦ ଟା ପର୍ଯ୍ୟନ୍ତ ବଳବତର ରହିବ ବୋଲି କୁହା ଯାଇଛି ।

# ବ୍ରହ୍ମପୁରରେ ଫସି ରହିଛନ୍ତି ୨୦ ଶ୍ରମିକ

ନୂଆପଡା,୩୧/୫ (ନି.ପ୍ର): ନୂଆପଡା ଜିଲ୍ଲାର ବୋଡେନ ଏବଂ ସିନାପାଲି ବ୍ଲକ ୨୦ ଜଣ ଶ୍ରମିକ ବ୍ରହ୍ମପୁରର ଜଗନ୍ନାଥପୁର ଠାରେ ଫସି ରହିଥିବା ଅଭିଯୋଗ କରି ସେମାନଙ୍କୁ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି । ସୂଚନାମତେ ବୋଡେନ ଏବଂ ସିନାପାଲି ବ୍ଲକର ୨୦ ଜଣ ପୁରୁଷ/ମହିଳା ଶ୍ରମିକ ମାନେ ଗତ ଦିନରେ କର୍ଣ୍ଣାଟକ ରାଜ୍ୟର ରେଚୁର ଠାରେ ଥିବା ଏକ ଇଟାଭାଟିରେ ଶ୍ରମିକ ଭାବରେ ନିୟୋଜିତ ଥିଲେ । ହେଲେ କାମ କରୁଥିବା ବେଳେ କେନ୍ଦ୍ର ସରକାରଙ୍କ କରୋନା ଲକଡାଉନ କାରଣରୁ ଏହି ଶ୍ରମିକ ମାନେ ଇଟା ଭାଟିରେ ଫସି ରହିଥିଲେ । ଖାଦ୍ୟପେୟର ଅଭାବକ ସହ ଅନ୍ୟାନ୍ୟ ଅସୁବିଧା କାରଣରୁ ସେମାନେ ରେଚୁର ଠାରୁ ଏକ ବସ ଯୋଗେ କପଳା ରେଳ ଷ୍ଟେସନକୁ ଆସିଥିଲେ । ସେଠାରୁ ସେମାନେ ସ୍ୱତନ୍ତ୍ର ଟ୍ରେନ ଯୋଗେ ବ୍ରହ୍ମପୁର ପର୍ଯ୍ୟନ୍ତ ଆସିଥିଲେ । ହେଲେ ବ୍ରହ୍ମପୁର ଠାରୁ ପ୍ରଶାସନ ଶ୍ରମିକଙ୍କ ଯିବା ପାଇଁ କୌଣସି ବ୍ୟବସ୍ଥା ନକରିବାରୁ ସେମାନେ ୨ ଦିନ ହେଲା ବ୍ରହ୍ମପୁରର ଜଗନ୍ନାଥପୁର ଠାରେ ଫସି ରହିଛନ୍ତି । ଏନେଇ ଶ୍ରମିକ ମାନେ ଫୋନ ଯୋଗେ ନୂଆପଡା ଜିଲ୍ଲା ପ୍ରେସ କ୍ଲବ ସଭାପତି ଅଜିତ ପଣ୍ଡା ଓ ସମ୍ପାଦକ ତପନ ଦାଶଙ୍କୁ ଜଣାଇଛନ୍ତି । ପ୍ରେସ କ୍ଲବ ପକ୍ଷରୁ ଟୁଇଟ କରି ମୁଖ୍ୟମନ୍ତ୍ରୀ, ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ନୂଆପଡା ଜିଲ୍ଲାପାଳଙ୍କୁ ଜଣାଇଛନ୍ତି । ବର୍ତମାନ ଶ୍ରମିକ ମାନଙ୍କ ପାଖରେ ଖାଇବା ସହ ଘରକୁ ଯିବା ପାଇଁ ଟଙ୍କା ନଥିବା ବେଳେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ନିଜ ଘରକୁ ପଠାଇବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ କରାଯାଇଛି ।

## ମାସ୍କ ବ୍ୟବହାର କରୁନଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଗଜପତି ଜିଲ୍ଲା ପୋଲିସର କାର୍ଯ୍ୟାନୁଷ୍ଠାନ

### ୨୪୦୦ ଟଙ୍କା ଜୋରିମାନା ଆଦାୟ

ପାରଳାଖେମୁଣ୍ଡି,୩୧/୫ (ନି.ପ୍ର): ଗଜପତି ଜିଲ୍ଲାରେ ସର୍ବସାଧାରଣରେ ମୁହଁରେ ମାସ୍କ ବ୍ୟବହାର କରୁନଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଆଇନ ଉଲ୍ଲଘଂନକାରୀଙ୍କ ବିରୋଧରେ ଜିଲ୍ଲା ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସେମାନଙ୍କ ନିକଟରୁ ଜୋରିମାନା ଆଦାୟ କରାଯାଉଛି । ଗତ ୩୦ ତାରିଖ ଦିନ ସକାଳ ଠାରୁ ସଂନ୍ଧ୍ୟା ସୁଦ୍ଧା ଜିଲ୍ଲାର ବିଭିନ୍ନ ଥାନା ପୋଲିସ ପକ୍ଷରୁ ଏନେଇ ମୋଟ୍ ୨୪୦୦ ଟଙ୍କା ଜୋରିମାନା ବାବଦକୁ ଆଦାୟ କରାଯାଇଛି ।

# ମାର୍ଶାଘାଇ ଓ ପେଣ୍ଠୁପାଳକୁ ସଟଡାଉନ ଘୋଷଣା କଲା ପ୍ରଶାସନ

କେନ୍ଦ୍ରାପଡ଼ା,୩୧/୫ (ନି.ପ୍ର): ଜିଲ୍ଲାର ମାର୍ଶାଘାଇ ବ୍ଲକର ମାର୍ଶାଘାଇ ବଜାର ଓ ପେଣ୍ଠୁପାଳ ଅଂଚଳକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ୪୮ ଘଣ୍ଟିଆ ସଟଡାଉନ ଘୋଷଣା କରାଯାଇଛି । ଏହି ଘୋଷଣା ପରେ ସଂପୃକ୍ତ ଅଂଚଳ ମଧ୍ୟକୁ ପ୍ରବେଶ ଓ ପ୍ରସ୍ଥାନ ଉପରେ ୪୮ ଘଣ୍ଟିଆ କଟକଣା ଜାରି କରାଯାଇଛି । ଏହି ଅଂଚଳରେ ଥିବା ସଂଗରୋଧ ଶିବିର ରେ ସେବାକାର୍ଯ୍ୟ ଯୋଗାଉଥିବା ୬ଜଣ ବ୍ୟକ୍ତିଙ୍କ ଠାରେ ଭୂତାଣୁ ସଂକ୍ରମଣ ଜଣାପଡିବା ପରେ ପ୍ରଶାସନ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରବାସୀ ମାନଙ୍କୁ ସେବା ଯୋଗାଉଥିବା ଆଶାକର୍ମୀ, ଅଙ୍ଗନବାଡି ଅଶାକର୍ମୀ ଓ ସ୍ୱସ୍ଥ୍ୟକର୍ମୀ ଙ୍କ ସମେତ ସଫେଇ କର୍ମଚାରୀ ଓ ସ୍ୱେଚ୍ଛାସେବୀ ମାନେ ସଂକ୍ରମିତ ହୋଇ ଥିବାରୁ ସଂପୃକ୍ତ ଅଂଚଳକୁ ସଟଡାଉନ ଘୋଷଣା କରାଯାଇଛି । ମାର୍ଶାଘାଇ ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଡାକଘର ପ୍ରଭୃତି ସରକାରୀ ଦପ୍ତର ଥିବାରୁ ଏଗୁଡିକୁ ସଂପୂର୍ଣ୍ଣ ବନ୍ଦ କରି ଦିଆଯାଇଛି । ପ୍ରବେଶ ପ୍ରସ୍ଥାନ ଉପରେ କଟକଣା ଥିବାରୁ ଜନ ସାଧାରଣଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଉ ଦେବାକୁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରା ଯିବା ସହ ଏ ଅଂଚଳକୁ ସାନିଟାଇଜ କରାଯିବାର ଯୋଜନା ରହିଛି । ତେବେ ଜନ ସାଧାରଣଙ୍କୁ ସଚେତନ କରୁଥିବା ସ୍ୱାସ୍ଥ୍ୟ କର୍ମୀମାନେ ସଂକ୍ରମିତ ହେବା ଘଟଣା କରୋନା ନିୟମ ପାଳନରେ ତ୍ରୁଟି ବିଚ୍ୟୁତି କରାଯାଇଥିବା ସ୍ଥାନୀୟ ଅଂଚଳରେଏ ଚର୍ଚ୍ଚା ହୋଇଛି । ନିୟମ ଉଲଙ୍ଗନ କରା ଯାଇଥିବା କାରଣରୁ ଏଭଳି ସଂକ୍ରମଣ ଘଟିଛି ବୋଇଲି ସ୍ଥାନୀୟ ଅଂଚଳରେ ଜନ ସାଧାରଣ ଚିନ୍ତା ପ୍ରକଟ କରିଛନ୍ତି ।

# ଚାକିରୀ କାଳରୁ ବିଦାୟ ନେଲେ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ

ଧର୍ମଶାଳା,୩୧/୫ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନା ଆଜି ତାଙ୍କ ଚାକିରୀ କାଳରୁ ଅବସର ନେଇଛନ୍ତି । କରୋନା ନିୟମକୁ ପାଳନ କରି ବିନା ସମ୍ବର୍ଦ୍ଧନାରେ ଅବସର ନେଇଛନ୍ତି । ୩୪ ବର୍ଷ କାଳ ଏଠାରେ ଶିକ୍ଷା ପ୍ରଦାନ ଓ ଏହି ଶିକ୍ଷାନୁଷ୍ଠାନକୁ ସର୍ବାଙ୍ଗୀନ ଉନ୍ନତିରେ ତାଙ୍କର ଅବଦାନ ଅତୁଳନୀୟ । ଏବଂ ତାଙ୍କର ସମସ୍ତ ଦାୟିତ୍ୱ ଆଜି କଲେଜ କତୃପକ୍ଷଙ୍କୁ ଦେଇଛନ୍ତି । ଶ୍ରୀ ଜେନା ୧।୮।୧୯୮୬ ମସିହାରେ ଏହି ମହାବିଦ୍ୟାଳୟରେ ଶିକ୍ଷାପ୍ରଦାନ ନିମନ୍ତେ ଅଧ୍ୟାପକ ଯୋଗ ଦେଇଥିଲେ । ମାତୃଭାଷା ବିଭାଗରେ ସେ ଅନେକ ଛାତ୍ରଛାତ୍ରୀମାନଙ୍କୁ ସରଳ ଓ ସହଜ ଉପାୟରେ ଶିକ୍ଷା ପ୍ରଦାନକୁ ସହଜରେ ଗ୍ରହଣ କରିପାରୁଥିଲେ । ପରେ ତାଙ୍କର କର୍ତବ୍ୟ ଓ ଦାୟିତ୍ୱ ନିଷ୍ଠା ଯୋଗୁଁ ୨୨।୭।୨୦୧୨ ମସିହାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱ ନେଇଥିଲେ । ଅଧ୍ୟକ୍ଷ ପଦ ନେବାଠାରୁ ସେ ପଛକୁ ନ ଚାହିଁ ଶିକ୍ଷାର ବିକାଶ ଓ ପରିବେଶ ଉପରେ ସେ ସଦା ସର୍ବଦା ଗୁରୁତ୍ୱ ଦେଇଥିଲେ । ପ୍ରକୃତିକୁ ଭଲ ପାଇଥିବା ଶ୍ରୀ ଜେନା ମହାବିଦ୍ୟାଳୟ ପରିସରରେ ଗଛ ଲଗାଇବା ସହିତ ଏନଏନଏସ କାର୍ଯ୍ୟକ୍ରମରେ ତାଙ୍କୁ ଅନେକ ପରିଚୟ ଦେଇଥିଲା । ଗଛ ଲଗାଇବା କ୍ଷେତ୍ରରେ ତାଙ୍କୁ ୨୦୧୨ ମସିହାରେ ପ୍ରକୃତି ମିତ୍ର ପୁରସ୍କାର ପାଇଥିଲେ । ଏବଂ ସ୍ଥାନୀୟ ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଶିକ୍ଷାନୁଷ୍ଠାନର ବିକାଶ ନିମନ୍ତେ ତାଙ୍କର ପରିଶ୍ରମ ସଫଳ ରୂପାୟନ ହୋଇଥିବା ନେଇ ଆଜି ସମସ୍ତଙ୍କ ମୁହଁରେ ଲୁହ ଝରିଛି । ତାଙ୍କର ଏହି ସଫଳତାକୁ ମହାବିଦ୍ୟାଳୟର ପରିଚାଳନା କମିଟି ଓ ଶିକ୍ଷାକର୍ମଚାରୀମାନଙ୍କ ସହଯୋଗ ଅତୁଳନୀୟ ଏବଂ ଏହି ଅବସରକାଳୀନ ଆଜି ସମସ୍ତଙ୍କୁ ଆନ୍ତରିକା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ଚଣ୍ଡିଖୋଲଠାରେ ବଡଚଣା ପୁଲିସର ସଚେତନତା କାର୍ଯ୍ୟକ୍ରମ

ଧର୍ମଶାଳା,୩୧/୫ (ନି.ପ୍ର): ଦେଶରେ କରୋନା ସଂକ୍ରମଣଙ୍କ ସଂଖ୍ୟା ବଢିବାରେ ଲାଗିଛି । ଫଳରେ ୫ ପର୍ଯ୍ୟାୟ ଲକ୍ ଡାଉନ ଜାରି ରହିଛି । ରାଜ୍ୟର ଯାଜପୁରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି । ଯାହାକୁ ନେଇ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ବଜାରରେ ସାମାନ୍ୟ କୋହଳ କରାଯାଇଛି । ଅନ୍ୟ ପକ୍ଷେ ଜିଲାରେ ବସ ଚଳାଚଳ କରିବା ସହିତ ଅନେକ ସ୍ଥାନରେ ଜନ ସମାଗମ ହେବାର ସମ୍ଭାବନା ରହିଛି । କରୋନା ଗୋଷ୍ଠି ସଂକ୍ରମଣ ନ ହେବା ଲାଗି ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଏହି ଅବସରରେ ଆଜି ଯାଜପୁର ଜିଲା ବଡଚଣା ଥାନା ଓ ଚଣ୍ଡିଖୋଲ ଫାଣ୍ଡି ପକ୍ଷରୁ ଚଣ୍ଡିଖୋଲଛକଠାରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜନସାଧାରଣ ଓ ବ୍ୟବସାୟୀମାନଙ୍କୁ ମାକ୍ସ ବ୍ୟବହାର ଓ ସାମାଜିକ ଦୂରତାକୁ ଗୁରୁତ୍ୱ ଦେବା ଲାଗି ପରାମର୍ଶ ଦେଇଛନ୍ତି । ଥାନା ଅଧିକାରୀ ଓ ଫାଣ୍ଡି ଅଧିକାରୀଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ ଉପସ୍ଥିତ ରହି ଲୋକମାନଙ୍କୁ ସଚେତନ କରାଇଥିଲେ ।

## ଚଣ୍ଡିଖୋଲଠାରେ ବଡଚଣା ପୁଲିସର ସଚେତନତା କାର୍ଯ୍ୟକ୍ରମ

ଧର୍ମଶାଳା,୩୧/୫ (ନି.ପ୍ର): ଦେଶରେ କରୋନା ସଂକ୍ରମଣଙ୍କ ସଂଖ୍ୟା ବଢିବାରେ ଲାଗିଛି । ଫଳରେ ୫ ପର୍ଯ୍ୟାୟ ଲକ୍ ଡାଉନ ଜାରି ରହିଛି । ରାଜ୍ୟର ଯାଜପୁରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି । ଯାହାକୁ ନେଇ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ବଜାରରେ ସାମାନ୍ୟ କୋହଳ କରାଯାଇଛି । ଅନ୍ୟ ପକ୍ଷେ ଜିଲାରେ ବସ ଚଳାଚଳ କରିବା ସହିତ ଅନେକ ସ୍ଥାନରେ ଜନ ସମାଗମ ହେବାର ସମ୍ଭାବନା ରହିଛି । କରୋନା ଗୋଷ୍ଠି ସଂକ୍ରମଣ ନ ହେବା ଲାଗି ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଏହି ଅବସରରେ ଆଜି ଯାଜପୁର ଜିଲା ବଡଚଣା ଥାନା ଓ ଚଣ୍ଡିଖୋଲ ଫାଣ୍ଡି ପକ୍ଷରୁ ଚଣ୍ଡିଖୋଲଛକଠାରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜନସାଧାରଣ ଓ ବ୍ୟବସାୟୀମାନଙ୍କୁ ମାକ୍ସ ବ୍ୟବହାର ଓ ସାମାଜିକ ଦୂରତାକୁ ଗୁରୁତ୍ୱ ଦେବା ଲାଗି ପରାମର୍ଶ ଦେଇଛନ୍ତି । ଥାନା ଅଧିକାରୀ ଓ ଫାଣ୍ଡି ଅଧିକାରୀଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ ଉପସ୍ଥିତ ରହି ଲୋକମାନଙ୍କୁ ସଚେତନ କରାଇଥିଲେ ।

# ଯୁକ୍ତ୨ ପରୀକ୍ଷା ଖାତା ମୂଲ୍ୟାଙ୍କନ କେନ୍ଦ୍ରକୁ ସାନିଟାଇଜ

ନୂଆପଡା,୩୧/୫ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଯୁକ୍ତ୨ ଖାତା ମୂଲ୍ୟାଙ୍କନ କେନ୍ଦ୍ର ଘୋଷଣା ପରେ କଲେଜ ପରିସରକୁ ସାନିଟାଇଜ କରାଯାଇଛି । ଆସନ୍ତା ସପ୍ତାହରୁ ଏହି ସ୍ୱୟଂଶାସିତ କଲେଜରେ ଅନଲାଇନ ଏବଂ ଅଫଲାଇନ ମାଧ୍ୟମରେ ମୂଲ୍ୟାଙ୍କନ କରାଯିବ ବୋଲି ଏବଂ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଥିବା ନେଇ ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ ଡଃ ହରେନ୍ଦ୍ର କୁମାର ପଣ୍ଡା ପ୍ରକାଶ କରିଛନ୍ତି । ଏହି ଅବସରରେ ମହାମାରୀ କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଖଡିଆଳ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ କଲେଜର ବାହାର ପରିସରକୁ ରବିବାର ସାନିଟାଇଜ କରିଛନ୍ତି । ସୋମବାର ଦିନ କଲେଜର ଭିତରେ ଥିବା ସବୁ ରୁମ୍, ପରୀକ୍ଷା ମୂଲ୍ୟାଙ୍କନ କେନ୍ଦ୍ର, ଷ୍ଟାଫ କମନ ରୁମ ସହ ଅନ୍ୟାନ୍ୟ ହଲକୁ ସାନିଟାଇଜ କରାଯିବ ବୋଲି କଲେଜ ଅଧ୍ୟକ୍ଷ ସୂଚନା ଦେଇଛନ୍ତି ।

# ପ୍ରବାସୀ ଶ୍ରମିକଙ୍କ ଆଗମନକୁ ଦୃଷ୍ଟିରେ ରଖି ସେଲୁନ ବନ୍ଦ କଲେ ସେଲୁନ ସଂଘ

ନୂଆପଡା,୩୧/୫ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହରରେ କାର୍ଯ୍ୟରତ ଶତାଧିକ ସେଲୁନ ବ୍ୟବସାୟୀ ମାନେ ପ୍ରବାସୀ ଶ୍ରମିକଙ୍କ ଆଗମନକୁ ଦୃଷ୍ଟିରେ ରଖି ସେଲୁନ ବ୍ୟବସାୟକୁ ଆସନ୍ତା ୧୫ ଦିନ ପାଇଁ ବନ୍ଦ ରଖିଛନ୍ତି । ଗତ ଦିନରେ ପ୍ରବାସୀ ଶ୍ରମିକ ମାନେ ସେଲୁନକୁ ଆସି ବାଳ, ଦାଢି କାଟିକି ଘରକୁ ଯାଉଥିଲେ । ଫଳରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସେଲୁନ ସଂଘ ସେଲୁନ ବନ୍ଦ ରଖିଥିବା ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ କରୋନା ଲକଡାଉନ ପାଇଁ ସବୁଠାରୁ ଅଧିକ ମାତ୍ରାରେ ସେଲୁନ ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେମାନଙ୍କୁ ସରକାର ଉପଯୁକ୍ତ କ୍ଷତିପୂରନ ପ୍ରଦାନର ବ୍ୟବସ୍ଥା କରବାକୁ ସଂଘ ଦାବୀ କରିଛି । ସେଲୁନ ସଂଘର ସଭାପତି ବିଜୟ ବାରିକ, ସମ୍ପାଦକ ମହେନ୍ଦ୍ର ବାରିକ, ରୂପେଶ ସେନ, ନୀଳ ବାରିକ, ରାଜୁ ବାରିକ, ଭାସ୍କର ଡାକୁଆ, ରାଜେସ ସେନ, ଅଲୋକ ଡାକୁଆ, ଭରତ ଚନ୍ଦ୍ର ବାରିକ, ରମାନାଥ ଡାକୁଆ, ସଞ୍ଜିବ ବାରିକଙ୍କ ସମେତ ଅନ୍ୟାନ୍ୟ ସେଲୁନ କର୍ମଚାରୀ ଦାବୀ କରିଛନ୍ତି ।

# କାନ୍ଥ ପଡ଼ି ଆଦିବାସୀ ନାବାଳକର ମୃତ୍ୟୁ

କୋରେଇ,୩୧ ମଇ(ହି.ସ.) - ପାଣିକୋଇଲି ଥାନା ଅନ୍ତର୍ଗତ ରୁଢ଼ିଆ ଚିମିନି ଇଟାଭାଟିରେ କାନ୍ଥ ପଡ଼ିବାରୁ ଏକ ଆଦିବାସୀ ନାବାଳକର ମୃତ୍ୟୁ ଘଟିଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ଶବ ବ୍ୟବଚ୍ଛେଦ କରଯାଇ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି । ପ୍ରକାଶ ଯେ, ବୁଢ଼ା ନଦୀ ପଠାରେ ଥିବା ବିବିଡ଼ି ଚିମିନି ଇଟାଭାଟିରେ ବାବୁ ମୁଣ୍ଡା କାମ କରିବା ସହ ପରିବାରେ ଶ୍ରମିକଙ୍କ ପାଇଁ ନିର୍ମାଣ ଘରେ ରୁହନ୍ତି । ବାବୁ ମୁଣ୍ଡାର ପୁଅ ବିକୁ (୬) ଏକ ଘର ପଛ ପଛରେ ଖେଳୁଥିବା ବେଳେ ହଠାତ କାନ୍ଥଟି ଭୁଷୁଡ଼ି ପଡ଼ିଥିଲା । ଫଳରେ କାନ୍ଥ ତଳେ ବିକୁ ଚାପି ହୋଇଯଇଥିଲା । ପରିବାର ପକ୍ଷରୁ ତାକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲେ ହେଁ ଡାକତର ତାକୁ ମୃତ ଘୋଷଣା କରିଥିଲେ । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା । ଇଟାଭାଟି ବନ୍ଦ ଯୋଗୁ ବର୍ତମାନ ଶ୍ରମିକ ମାନେ ଘରକୁ ଫେରିଯାଇଥିବା ବେଳେ ଅନେକ ଗୃହ ପରିତ୍ୟକ୍ତ ଅବସ୍ଥାରେ ରହିଛି । ଏବେ ବାତ୍ୟା ଯାଇଥିବାରୁ ଘର ଗୁଡ଼ିକ ବିପଦ ସଂକୁଳ ହୋଇପଡ଼ିଛି । ଯାହା ଫଳରେ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି ।

# ମହାନଦୀରେ ବୁଡି ଦୁଇ ଭାଇଙ୍କ ମୃତ୍ୟୁ

ବୌଦ୍ଧ,୩୧/୫ (ନି.ପ୍ର): ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅନ୍ତର୍ଗତ ଅରଖପଦର ଗ୍ରାମ ଠାରେ ଆଜି ମଧ୍ୟାହ୍ନରେ ମହାନଦୀରେ ଗାଧୋଇବା ବେଳେ ବୁଡିଯାଇ ଦୁଇ ଭାଇଙ୍କ ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ହେଲେ ଆଶିଷ ପ୍ରଧାନ ଓ ତୋଫାନ ପ୍ରଧାନ । ଦୁଇ ଜଣଙ୍କ ବୟସ ପାଖାପାଖି ୨୫ ବର୍ଷ ହେବ । ବଡ଼ଭାଇ ପ୍ରଥମେ ବୁଡିଯାଇଥିଲେ । ତାଙ୍କୁ ଉଦ୍ଧାର କରିବାକୁ ଯାଇ ସାନ ଭାଇ ମଧ ପ୍ରାଣ ହରାଇଥିଲେ । ଖବର ପାଇ ହରଭଙ୍ଗା ପୋଲିସ ଓ ଦମକଳବାହିନୀ ଘଟଣାସ୍ଥଳରେ ପହଂଚି ପାଣିରୁ ଦୁହିଁଙ୍କ ମୃତଦେହ ଉଦ୍ଧାର କରିଛି । ପୋଲିସ ଉଭୟଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ।

# ଦିନରେ ବିଦ୍ୟୁତ ଯୋଗାଣ- ରାତିରେ ବିଦ୍ୟୁତ କାଟ୍

ନୂଆପଡା,୩୧/୫ (ନି.ପ୍ର): ନୂଆପଡା ଜିଲ୍ଲାର ଗ୍ରାମାଂଚଳ ମାନଙ୍କରେ ମନମୁଖି ବିଦ୍ୟୁତ କାଟ୍ ଘଟଣା ଦେହସୁହା ହୋଇଗଲାଣି । ଏପରିକି ବର୍ଷ ସାରା ଏହି ମନମୁଖି ବିଦ୍ୟୁତ କାଟ୍ ହେଉଥିବା ବେଳେ ଗତ ୧୦ ଦିନ ହେବ ଖଡିଆଳ ବ୍ଲକର ରାଣିମୁଣ୍ଡା ପ ।ୟତବାସୀଙ୍କୁ ରାତିରେ ଆଉ ବିଦ୍ୟୁତ ସେବା ମିଳିପାରୁନାହିଁ । ବିଦ୍ୟୁତ ବିଭାଗ ଦିନ ସାରା ବିଦ୍ୟୁତ ଯୋଗାଣ କରୁଥିବା ବେଳେ ସଂଧ୍ୟା ହେଲେ ବିଦ୍ୟୁତ କାଟି ଦେଇ ପୁଣି ସକାଳ ସମୟରେ ବିଦ୍ୟୁତ ଦିଆଯାଉଥିବା ଅଭିଯୋଗ ହେଉଛି । ଯାହାଫଳରେ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି । ବିନା କାରଣରେ ବିଦ୍ୟୁତ ବିଭାଗ ଏପରି ବିଦ୍ୟୁତ କାଟୁଥିବାରୁ ସାଧାରଣରେ ନାପସନ୍ଦ କରିଛନ୍ତି । ଚଳିତ ବର୍ଷ ପଂଚାୟତରେ କରୋନା କ୍ୱାରେ ।ଇନ କେନ୍ଦ୍ର ଖୋଲା ଯାଇଥିବା ବେଳେ କେନ୍ଦ୍ରରେ ଶତାଧିକ ପ୍ରବାସୀ ଶ୍ରମିକ ରହୁଛନ୍ତି । ଫଳରେ ଅନେକ ସମୟରେ ଅସୁବିଧା ଦେଖା ଦେଉଥିବା ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବିଦ୍ୟୁତ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି । ଏନେଇ ଖଡିଆଳ ବିଦ୍ୟୁତ ବିଭାଗ ଏସଡିଓ ବାପୁଜୀ ପ୍ରଧାନଙ୍କୁ ଯୋଗେଯାଗ କରିବାରୁ ଗ୍ରାମାଂଚଳ ଏରିଆ ହୋଇଥିବାରୁ ବିଦ୍ୟୁତର କୌଣସି ଅସୁବିଧା ହେଲେ ଲାଇଟ କଟି ଯାଉଥିବ ଏବଂ ରାତ୍ରରେ ବିଦ୍ୟୁତ କଟାଯାଉନାହିଁ ବୋଲି ପ୍ରକାଶ କରିଥିଲେ ।

# ସରକାରୀ ସହାୟତା ଓ ଅନ୍ୟାନ୍ୟ ଦାବି ନେଇ କୋରାପୁଟ ଜିଲା ଘରୋଇ ବସ୍ କର୍ମଚାରୀଙ୍କ ବିକ୍ଷୋଭ ଓ ଧାରଣା

ଜୟପୁର,୩୧/୫ (ନି.ପ୍ର): କୋରନା ମୁକାବିଲା ପାଇଁ ଦୀର୍ଘ ୨ ମାସ ହେବ ଲକ୍ ଡାଉନ ଜାରୀ ରହିଛି । ଫଳରେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଛି । ଏହି ବନ୍ଦ ସମୟରେ କର୍ମଚାରୀଙ୍କ ଦୁର୍ଦ୍ଦଶା କହିଲେ ନ ସରେ । ଏହି ବିପତି ସମୟରେ କୈଣସି ମାଲିକ ବସରେ କାମ କରୁଥିବା ଡ୍ରାଇଭର, କଣ୍ଡକ୍ଟର, ହେଲପରଙ୍କୁ ସାହାଯ୍ୟ ସହଯୋଗ ମଧ୍ୟ କଲେ ନାହିଁ । ପ୍ରଶାସନ ମଧ୍ୟ ଅନେଇଲା ନାହିଁ । ବସ୍ ଚଳାଇବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି । ବସ୍ ମାଲିକଙ୍କ ସହ ସରକାର ଆଲୋଚନା କରି ତାଙ୍କର ସମସ୍ୟା ସମାଧାନ କରିଛନ୍ତି । କିନ୍ତୁ, କର୍ମଚାରିଙ୍କ କଥା ଭୁଲି ଯାଇଛନ୍ତି । ବସ୍ ରେ କର୍ମଚାରି ମାନେ ଯିବା ସମୟରେ ଯଦି ସେମାନଙ୍କ ମଧ୍ୟରୁ କେହି କରୋନା ଆକ୍ରାନ୍ତ ହୁଅନ୍ତି, ତେବେ ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରିଛନ୍ତି । କେଉଁ ଯାତ୍ରୀକୁ କରୋନା ହୋଇଛି କି ନାହିଁ ଆମେ ଜାଣିପାରିବୁ ନାହିଁ ଯଦି କର୍ମଚାରିଙ୍କ ପ୍ରତି କ'ଣ ଘଟେ ତେବେ କଣ କରିବୁ । ତେଣୁ ବସ୍ ମାଲିକ ଓ ସରକାର ତୁରନ୍ତ ଦାବି ପୂରଣ କରନ୍ତୁ ଦ୍ୱାହି ଦେଇ ସେମାନେ ଧାରଣାରେ ବସିଛନ୍ତି । ଲକ୍ ଡାଉନ କୋହଳ କରାଯାଇ ୧ ତାରିଖରେ ବସ୍ ଚାଲିବା ନେଇ ସରକାର ନିଷ୍ପତି ନେଇଥିଲେ । କିନ୍ତୁ, ଘରୋଇ ବସ୍ ଚାଲିବା ନେଇ ଅନିର୍ଣ୍ଣିତତା ଦେଖାଯାଇଛି । ଯାହାର ପ୍ରତିବାଦରେ କୋରାପୁଟ ଜିଲାର ସମସ୍ତ ଘରୋଇ ବସ୍ କର୍ମଚାରି ମାନେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଜୟପୁର ଠାରେ ଧାରଣା ଦେଇଛନ୍ତି । ଆନ୍ଦୋଳନକାରୀ କର୍ମଚାରୀଙ୍କ ଦାବି ମୁତାବକ, ଲକ୍ ଡାଉନ ପର ଠାରୁ ପ୍ରଶାସନ, ବସ୍ ମାଲିକ କି କର୍ମଚାରି ସଂଘ ଠାରୁ କୌଣସି ପ୍ରକାର ସହାୟତା କିମ୍ବା ସାହାଯ୍ୟ ପାଇ ନାହୁଁ । ବର୍ତ୍ତମାନ ସରକାର ମାଲିକ ମାନଙ୍କ ସମସ୍ତ ଦାବୀ ପୁରଣ କରି ବସ୍ ଚଳାଚଳ ପାଇଁ ନିର୍ଦ୍ଦେଷନାମା ଜାରୀ କରିଛନ୍ତି । ବସ୍ ଚାଲିଲେ ମାଲିକ ମାନେ ଟଙ୍କା ପାଇବେ ଓ ସରକାର ଟେକ୍ସ ପାଇବେ ଓ ଜନ ସାଧାରଣ ଉପକୃତ ହେବେ । ଏହି ପରିସ୍ଥିତିରେ କର୍ମଚାରି ମାନେ ବଳି ପଡିବେ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ବସ କୁ ସାନିଟାଇଜେସନ କରାଯାଉ, ଡ୍ୟୁଟିରେ ଥାଇ ଯଦି କୌଣସି ବସ୍ କର୍ମଚାରୀ କରୋନା ସଂକ୍ରମିତ ହୋଇ କ୍ୱାରେଂଟାଇନରେ ରହିଲେ ତାଙ୍କ ପରିବାରର ଭରଣ ପୋଷଣ ନିମନ୍ତେ ବସ୍ ମାଲକ ମାସିକ ୩୦ ହଜାର ଟଙ୍କା ପରିବାରକୁ ଦେବେ, କୌଣସି କର୍ମଚାରୀ କରୋନାରେ ସଂକ୍ରମିତ ହୋଇ ମୃତ୍ୟୁ ବରଣ କଲେ ମାଲିକ ସଂଘ ତରଫରୁ ସମ୍ପୃକ୍ତ ବ୍ୟକ୍ତିର ପରିବାରକୁ ୩୦ ଦିନ ମଧ୍ୟରେ ୧୦ ଲକ୍ଷ ଟଙ୍କା ସହାୟତା ଦେବା ପାଇଁ ଲିଖିତ ଆକାରର୍ ପ୍ରତିଶୃତି ଦିଆଯାଉ, ସରକାର କିଛି କର୍ମଚାରି ମାନଙ୍କୁ କରୋନା ଯୋଦ୍ଧାର ଆଖ୍ୟା ଦେଇ ସେମାନଙ୍କ ପାଇଁ ପେକେଜ୍ ଘୋଷଣା କରିଛନ୍ତି ସେହିପରି ବସ କର୍ମଚାରିଙ୍କୁ କରୋନା ଯୋଦ୍ଧା ଘୋଷଣା କରି ସେମାନଙ୍କ ପାଇଁ ମଧ୍ୟ ପେକେଜ୍ ଘୋଷଣା କରାଯାଉ ଆଦି ଦାବୀରେ ଅଟଳ ରହିଛନ୍ତି । ତେଣୁ ତୁରନ୍ତ ଦାବୀ ପୁରଣ ନଦେବେ ବସ ଚାଲିବା ନେଇ ଆଶଙ୍କା ଦେଖାଯାଇଛି ।

# ପ୍ରୟାସ ସଂଗଠନ ପକ୍ଷରୁ କରୋନା ଯୋଦ୍ଧା ନିକିରାଇ ଥାନା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୩୧/୫ (ନି.ପ୍ର): କେନ୍ଦ୍ରାପଡା ର ଅଗ୍ରଣୀ ସ୍ୱେଛାସେବୀ ଅନୁଷ୍ଠାନ ପ୍ରୟାସ ତରଫରୁ ନିକିରାଇ ଥାନାର ର ଅଧିକାରୀ ଓ କର୍ମଚାରୀ ମାନଙ୍କୁ କରୋନା ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରାଯାଇଛି । ମହାମାରୀ କରୋନା ଭୂତାଣୁ ସଂକ୍ରମଣ କଟକଣା ମଧ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଲକଡାଉନ ସମୟରେ ବିଭିନ୍ନ ଅସହାୟ ବ୍ୟକ୍ତିଙ୍କୁ ସହାୟତାଲ୍କୁଲା ପଶୁ ମାନଙ୍କୁ ଖାଦ୍ୟ ବଣ୍ଟନ ଓ ସଚେତନତା କରିଥିବା ବେଳେ ପ୍ରୟାସ ସଂଗଠନ ର କର୍ମକର୍ତ୍ତା ମାନେ ରବିବାର ଥାନା ପରିସର ରେ ପହଁଚି ସମସ୍ତଙ୍କୁ ଉତ୍ସାହିତ କରିବା ସହ ସମ୍ବର୍ଦ୍ଧନା ଦେଇଥିଲେ । ନିକିରାଇ ଥାନା ଅଧିକାରୀ କାବୁଲି ବାରିକ, ଏସଆଇ ଶ୍ରୀଧର ମହାଳି, ଏଏସଆଇ ପ୍ରକାଶ କୁମାର ନାୟକ, ନିକୁଞ୍ଜ କିଶୋର ପ୍ରଧାନଙ୍କ ସହିତ ଅନ୍ୟ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ ଅନୁଷ୍ଠାନର ସଭାପତି ଚନ୍ଦନ କୁମାର ସାହୁ ମିର୍ଜା ଅନୟବାର ବେଗ, ପ୍ରକାଶ କୁମାର ଜେନା , ବସନ୍ତ ସାହୁ, ଅକିଲ ଏହେମଦ, ମୃତ୍ୟୁଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ୨୮୦୦ ପ୍ରବାସୀ କ୍ୱାରେଂଟାଇନ ସେଂଟରରୁ ଘରକୁ ଫେରିଲେଣି - ଜିଲ୍ଲାପାଳ

ପାରଳାଖେମୁଣ୍ଡି,୩୧/୫ (ନି.ପ୍ର): ଗଜପତି ଜିଲ୍ଲାରେ ଆଜି ଚିହ୍ନଟ ହୋଇଥିବା ୧୬ ଜଣଙ୍କୁ ମିଶାଇ ଜିଲ୍ଲାରେ ପଜିଟିଭ୍ ସଂଖ୍ୟା ୩୬କୁ ବୃଦ୍ଧି ପାଇଛି । ଇତିମଧ୍ୟରେ ଯେଉଁମାନେ ୭ ଦିନ କ୍ୱାରେଂଟାଇନ ଶେଷ କଲେଣି ଏବଂ ତାଙ୍କର ଶରୀରରେ କୌଣସି ଲକ୍ଷଣ ପରିଲକ୍ଷିତ ହେଉନାହିଁ । ସ୍ୱାବ୍ ଟେଷ୍ଟିଂ ହୋଇନାହିଁ କିମ୍ବା ସ୍ୱାବ୍ ଟେଷ୍ଟିଂ ରିପୋର୍ଟ ପେଣ୍ଡିଂ ନାହିଁ, ସେହିଭଳି କ୍ଷେତ୍ରରେ ଏହି ଅନ୍ତେବାସୀ ମାନଙ୍କୁ କ୍ୱାରେଂଟାଇନ ସେଂଟରରୁ ଘରକୁ ପଠାଯିବାର ପ୍ରକ୍ରିୟ ଆରମ୍ଭ ହୋଇଛି ଏବଂ ଗତକାଲି ସୁଦ୍ଧା ୨୮୦୦ ଜଣ ପ୍ରବସୀଙ୍କୁ କ୍ୱାରେଂଟାଇନ ସେଂଟରରୁ ଘରକୁ ଛଡାଯାଇଥିବା ନେଇ ଗଜପତି ଜିଲ୍ଲାପାଳ ଅନୁପମ୍ ସାହା ସୂଚନା ଦେଇଛନ୍ତି । ଏନେଇ ଅଧିକ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ସାହା କହିଛନ୍ତି ଯେ, ୮୫୦୦ରୁ ଉର୍ଦ୍ଧ୍ୱ ପ୍ରବାସୀ ବର୍ତ୍ତମାନ ସୁଦ୍ଧା କ୍ୱାରେଂଟାଇନରେ ରହିଲେଣି । ଘରକୁ ଛାଡିବା ବେଳେ ମଧ୍ୟ ଆଉ ଥରେ ସେମାନଙ୍କର ମେଡିକାଲ ଚେକଅପ୍ କରାଯାଉଛି । କ୍ୱାରେଂଟାଇନ ସେଂଟରଗୁଡିକ ଖାଲି ହେବା ପରେ ତାକୁ ପୁଣି ଥରେ ସୋଡ଼ିୟମ୍ ହାଇପୋ କ୍ଲୋରାଇଡ୍ ସଲ୍ୟୁସନରେ ସାନିଟାଇଜ୍ କରାଯାଉଛି । ଶଯ୍ୟା ଗୁଡିକୁ ସାନିଟାଇଜ୍ କରାଯାଉଛି । ୪୮ ଘଂଟା ପର୍ଯ୍ୟନ୍ତ ସେଗୁଡିକୁ ବ୍ୟବହାର କରାଯାଉନାହିଁ । ୪୮ ଘଂଟା ପରେ ପୁନଃ ଶଯ୍ୟା ଗୁଡିକୁ ବ୍ୟବହାର ଉପଯୋଗୀ କରାଯାଉଛି । ସେହିପରି ଗାଁ ଗହଳିରେ ଲକ୍ଷଣ ଦେଖାଯାଉଥିବା ବ୍ୟକ୍ତି ବିଶେଷ ତୁରନ୍ତ ଏଏନଏମ ଓ ଆଶାକର୍ମୀଙ୍କ ସହଯୋଗ ନେବା କିମ୍ବା ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବାକୁ ସେ ଜନସାଧାରଣଙ୍କୁ ଅପିଲ୍ କରିଛନ୍ତି ।

# ଗଜପତି ଜିଲ୍ଲାରେ ଆଉ ୧୬ କରୋନା ପଜିଟିଭ୍ ଚିହ୍ନଟ : ଆକ୍ରାନ୍ତଙ୍କ ମଧ୍ୟରେ ଦୁଇ ମହିଳା, ଜଣେ ୧୫ ବର୍ଷିୟ ନାବାଳକ ରହିଛନ୍ତି

## ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୬ କୁ ବୃଦ୍ଧି : ସମସ୍ତ ଆକ୍ରାନ୍ତଙ୍କ ମହାରାଷ୍ଟ୍ର ଲିଙ୍କ୍ ରହିଛି- ଜିଲ୍ଲାପାଳ

ପାରଳାଖେମୁଣ୍ଡି,୩୧/୫ (ନି.ପ୍ର): ଗଜପତି ଜିଲ୍ଲାରେ ଆଜି ଆଉ ୧୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୬ କୁ ବୃଦ୍ଧି ପାଇଛି । ଆକ୍ରାନ୍ତ ମାନଙ୍କୁ ଆର. ସୀତାପୁର ସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆଜି ଚିହ୍ନଟ ହୋଇଥିବା ସମସ୍ତେ ମହାରାଷ୍ଟ୍ର ଫେରନ୍ତା ଏବଂ କ୍ୱାରେଂଟାଇନ ସେଂଟରର ରହିଥିବା ନେଇ ଜିଲ୍ଲାପାଳ ଅନୁପମ୍ ଶାହା ସୂଚନା ଦେଇଛନ୍ତି । ସେହିପରି ଗତକାଲି ଚିହ୍ନଟ ହୋଇଥିବା ୧୦ ଜଣ ମଧ୍ୟ ମହାରାଷ୍ଟ୍ର ଫେରନ୍ତା ରହିଥିବା ନେଇ ସେ କହିଛନ୍ତି । ଆକ୍ରାନ୍ତ ଚିହ୍ନଟ ହୋଇଥିବା ଦୁଇ ତିନୋଟି କ୍ୱାରେଂଟାଇନ ସେଂଟରରେ ଅତିରିକ୍ତ ମନିଟରିଂ ବ୍ୟବସ୍ଥା କରାଯାଇଛି । ସମସ୍ତ ଅନ୍ତେବାସୀଙ୍କର ବାରମ୍ବାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । ଯାହାଦ୍ୱାରା ଯଦି କାହାରି କୌଣସି ଲକ୍ଷଣ ଥିବ ତାହା ସାମ୍ନାକୁ ଆସିବ । ଆକ୍ରାନ୍ତଙ୍କ ମଧ୍ୟରୁ ଜଣକୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ତାଙ୍କ ହାର୍ଟରେ ସମସ୍ୟା ଥିବାରୁ ତାଙ୍କୁ ସ୍ଥାନାନ୍ତରିତ କରାଯାଇଛି । ସେ ଭଲ ଅଛନ୍ତି । ବାକି ଅନ୍ୟ ମାନଙ୍କର ସମୟ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । ଚିକିତ୍ସା ଜାରୀ ରହିଛି ବୋଲି ଜିଲ୍ଲାପାଳ ଶ୍ରୀ ସାହା କହିଛନ୍ତି । ନୂଆ ଚିହ୍ନଟ ହୋଇଥିବା ୧୬ ଜଣ ଗତ ୧୮ ଓ ୧୯ ତାରିଖ ଦିନ ମହାରାଷ୍ଟ୍ରରୁ କାଶୀନଗର ଛକରେ ଥିବା ଅଲଡ଼ା ଓ ହାଡୁଭାଙ୍ଗି ନାକା ଦେଇ ପ୍ରବେଶ କରିଥିଲେ । ସେମାନଙ୍କୁ କ୍ୱାରେଂଟାଇନ କେନ୍ଦ୍ରରେ ରଖାଯାଇଥିଲା । ଗତ ୨୦ ଓ ୨୧ ତାରିଖରେ ସେମାନଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ସକାଶେ ପଠାଯାଇଥିଲା । ନମୂନା ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ ଆର୍. ସୀତାପୁର ସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆଜି ଚିହ୍ନଟ ହୋଇଥିବା ୧୬ ଜଣଙ୍କ ମଧ୍ୟରେ ଦୁଇ ଜଣ ମହିଳା ରହିଛନ୍ତି । ଦୁଇ ମହିଳାଙ୍କ ମଧ୍ୟରେ ଜଣକର ବୟସ ୨୦ ଓ ଅନ୍ୟ ଜଣକର ୨୫ ବର୍ଷ । ୧୪ ଜଣ ପୁରୁଷ ରହିଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ୧୫ ବର୍ଷିୟ ନାବାଳକ ମଧ୍ୟ ରହିଛି । ସେହିପରି ଅନ୍ୟ ମାନଙ୍କର ବୟସ ଯଥାକ୍ରମେ ୧୯, ୨୦, ୨୨, ୨୩, ୨୪ ତିନିଜଣ , ୨୭ ତିନିଜଣ , ୨୮ ଜଣେ , ୪୩ ଏବଂ ଜଣେ ୪୫ ବର୍ଷିୟ ବ୍ୟକ୍ତି ରହିଛନ୍ତି ।

# ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ନୂଆପଡା,୩୧/୫ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବ ରେଡକ୍ରସ ତରଫରୁ ବିଶ୍ୱ ତମାଖୁ ବର୍ଜନ ଦିବସ ରବିବାର ପାଳିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ଅଧ୍ୟକ୍ଷ ଡଃ ହରେନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ତମାଖୁ ସେବନର ଭୟାବହତା, ତଦ୍ଜନୀତ ରୋଗ ଯଥା କ୍ୟାନସର, ଅମ୍ଳ, ବାନ୍ତି, ଟ୍ୟୁମର ଉପରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଡଃ ସରୋଜ କୁମାର ପଣ୍ଡା ସୁସ୍ଥ ସମାଜ ପାଇଁ ତମାଖୁ ବର୍ଜନର ଉପାଦେୟତା ଉପରେ ଦୃଷ୍ଟି ନିକ୍ଷେପ କରିଥିଲେ । ଡିନଦ ପ୍ରମୋଦ କୁମାର ସାହୁ ସ୍ୱେଚ୍ଛାସେବୀ ମାନେ ବିଡି, ସିଗାରେଟ, ଭାଙ୍ଗ, ଗୁଡାଖୁ, ହେରୋଇନ ଇତ୍ୟାଦି ଠାରୁ ଦୂରରେ ରହିବା ସହ ଉତମ ସମାଜ ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ । ଶେଷରେ ଡଃ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟାଟା ମ୍ୟାଜିକରୁ ୭୩ କିଗ୍ରା ଗଞ୍ଜେଇ ଜବତ ଗାଡି ଓ ବାଇକ ଜବତ ୪ ଗିରଫ

କନ୍ଧମାଳ,୩୧/୫ (ନି.ପ୍ର): ଆଜି କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନା ପୋଲିସ ଏକ ଟାଟାମ୍ୟାଜିକ ଗାଡିରେ ବାଲିଗୁଡା ଅଂଚଳରୁ ନୁଆପଡା ଜିଲାକୁ ଚାଲାଣ ହେଉ ଥିବାବେଳେ ସେଥିରୁ ୭୩ କିଗ୍ରା ଗଞ୍ଜେଇ ଏବଂ ଚାଲାଣ କାର୍ଯ୍ୟରେ ସହେଯାଗ କରୁଥିବା ଗୋଟିଏ ବାଇକ ଜବତ କରିବା ସହିତ ୪ ଜଣ ଚାଲାଣ କାରୀଙ୍କୁ ଗିରଫ କରିଛି । ସୁଚନା ଅନୁସାରେ ଗଞ୍ଜେଇ ଚାଲାଣ ହେଉଥିବା ପୁର୍ବ ସୁଚନା ପାଇବାପରେ ତୁମୁଡିବନ୍ଧ ଥାନା ପୋଲିସ ଗାଡିମୋଟର ଜାଂଚ କଡାକାଡି କରି ସମସ୍ତ ଗାଡି ମୋଟର ଉପରେ କଡା ନଜର ରଖିବାବେଳେ ସମ୍ପୃକ୍ତ ଟାଟାମ୍ୟାଜିକ ଗାଡି ଓ ମୋଟର ସାଇକଲଟି ଦ୍ରୁତ ଗତିରେ ସେହି ଦିଗରେ ଯିବାରୁ ପୋଲିସ ସେମାନଙ୍କ ପିଛାକରି ତୁମୁଡିବନ୍ଧ ବ୍ଲକ ଡଡଙ୍ଗ ରାସ୍ତାରେ ଉଭୟ ଗାଡିକୁ କାବୁ କରିଥିଲା । ଟାଟାମ୍ୟାଜିକର ତଲାସିବେଳେ ସେଥିରୁ ୭୩ କିଗ୍ରା ଗଞ୍ଜେଇ ମିଳିଥିଲା । ପୋଲିସ ଏହି ଗଞ୍ଜେଇକୁ ଜବତ କରିବା ସହିତ ଏହି ସଂକ୍ରାନ୍ତରେ ନୁଆପଡା ଜିଲା ଖରିଆର ଅଂଚଳର ଜୟ ବାଗ୍, ବୈଦ୍ୟ ବାଗ୍ ଏବଂ ବାଲିଗୁଡା ଥାନା ଅଂଚଳର ଡପାକିଆର ପିଟର ଦିଗାଲ ଓ ଡଙ୍ଗେଣିର ନାଜିଙ୍ଗା ମଲ୍ଲିକଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ଏନଡିପିଏସ ଆଇନରେ ଏକ ମାମଲା ୪୪/୨୦ ରୁଜ୍ଜୁ କରିବା ସହିତ ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଜବତ ଗଞ୍ଜେଇର ଆନୁମାନିକ ମୁଲ୍ୟ ୩ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ତୁମୁଡିବନ୍ଧ ଥାନା ଅଧିକାରୀ ବବାଶଙ୍କର ଶରାଫ କହିଛନ୍ତି ।

# ବେଲଗୁଣ୍ଠା ଏନଏସି କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍ ର ଛାନଭିନ୍

ଗଞ୍ଜାମ,୩୧/୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଏନଏସିରେ ଏବେ ଦୁର୍ନୀତି ଚରମ ସୀମାରେ ପହଂଚିଛି, ବିଭିନ୍ନ କାମରେ ଏଠାରେ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ନେଇ ଅଭିଯୋଗ ହୋଇଛି । ଅନେକ ସ୍ଥାନରେ ବିନା କାମରେ ମିଥ୍ୟା ବିଲ୍ କରାଯାଉଥିବା ଅଭିଯୋଗ ହେଉଛି । ଏନଏସି କନିଷ୍ଠ ଯନ୍ତ୍ରୀ ଓ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ବେଲଗୁଣ୍ଠା ଫାଣ୍ଡିରେ ମାମଲା ରୁଜୁ ହୋଇଛି । ଏହାର ଦିନକ ପରେ ପୁଣି ଏନଏସି ଗୋଷ୍ଠୀ ସଂଗଠଡିକା ନିର୍ବାହୀ ଅଧିକାରୀଙ୍କ ନାମରେ ଗୁରୁତର ଅଭିଯୋଗ ଆଣିଛନ୍ତି । ଗତକାଲି ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ଏନଏସି କାର୍ଯ୍ୟାଳୟରେ ପଶି ବିଭିନ୍ନ ମାମଲାର ଛାନଭିନ୍ ଆରମ୍ଭ କରିଛନ୍ତି । ନିମ୍ନମାନର କାମ, ମିଥ୍ୟା ବିଲ୍ କରାଯାଇଥିବା ନେଇ ବେଲଗୁଣ୍ଠା ବିକାଶ ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି । ଭିଜିଲାନ୍ସ ଟିମ୍ କେତେକ ସ୍ଥାନରେ କାର୍ଯ୍ୟସ୍ଥଳକୁ ଯାଇ ଫଟୋ ଉତୋଳନ କରିଛନ୍ତି । କାର୍ଯ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଯାଂଚ୍ କରିଛନ୍ତି । ଏହି ଭିଜିଲାନ୍ସ ଟିମ୍ ରେ ଏସଆଇ ଶରତ ଚନ୍ଦ୍ର ସାହୁ ଓ ପିସି ପ୍ରଧାନ ପ୍ରମୁଖ ଉପସ୍ଥିତ ଅଛନ୍ତି । ଅନ୍ୟପକ୍ଷରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ବେଲଗୁଣ୍ଠା ଅତିରିକ୍ତ ତହସିଲଦାର ଧରଣୀଧର ବେହେରାଙ୍କୁ ତୁରନ୍ତ ଏନଏସିର ନୂତନ ନିର୍ବାହୀ ଅଧିକାରୀ ଭାବେ ଦାୟୀତ୍ୱ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

# ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା

କେନ୍ଦ୍ରାପଡ଼ା,୩୧/୫ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ସ୍ୱଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ଅଗ୍ନି ବିପିନ୍ନଙ୍କୁ ସହାୟତା ପ୍ରଦାନ କରା ଯାଇଛି । କେନ୍ଦ୍ରାପଡା ବ୍ଲକର କୋର ପଂଚାୟତ ଉପେଇପୁର ଗ୍ରାମର ରାଜ କିଶୋର ନାୟକଙ୍କ ଘର ଅଗ୍ନି କାଣ୍ଡରେ ଭସ୍ମ ହୋଇଥିଲା । ଖବର ପାଇ ଟ୍ରଷ୍ଟ ପକ୍ଷରୁ ସଂପୃକ୍ତ ପରିବାର କୁ ଏକ ମାସର ଖାଦ୍ୟ ସାମଗ୍ରୀ, ଲୁଗାପଟା ସହାୟତା ପ୍ରଦାନ କରା ଯାଇଛି । ସଭାପତି ନମନ କୁମାର ମହାନ୍ତିଙ୍କ ସମେତ ସୂର୍ଯ୍ୟକାନ୍ତ ପରିଡା, ରମେଶ କୁମାର ପନ୍ଡା, କେଦାର ସ୍ୱାଇଁ, ଜୟନ୍ତ ଜେନା, ଲିଟନ ଦାସ ଓ ସୁରେନ୍ଦ୍ରନାଥ ଶତପଥୀ ପ୍ରମୁଖ ସହାୟତା ସମୟରେ ଉପସ୍ଥିତ ଥିଲେ ।

# ରାମଚନ୍ଦ୍ରପୁର ପଡିଆରେ ବନ୍ଦେ ଉତ୍କଳ ଜନନୀ କାର୍ଯ୍ୟକ୍ରମ

ଆନନ୍ଦପୁର,୩୧/୫ (ନି.ପ୍ର): କରୋନା ମହାମାରୀ ସାରା ଦେଶ ତଥା ରାଜ୍ୟରେ ଭୟଙ୍କର ରୂପ ଧାରଣ କରିଥିବାବେଳେ ଜନସାଧାରଣଙ୍କ ସୁରକ୍ଷା ପାଇଁ କାର୍ଯ୍ୟରତ ବ୍ୟକ୍ତି ବିଶେଷ ଡାକ୍ତର, ନର୍ସ, ଡାକ୍ତରଖାନା କର୍ମଚାରୀ, ପ୍ରଶାସନିକ ଅଧିକାରୀ, ସମାଜସେବୀ, ସାମ୍ବାଦିକଙ୍କ ସବୁ ବର୍ଗର ଲୋକଙ୍କ ମନୋବଳ ଦୃଢ କରିବା ପାଇଁ ରାଜ୍ୟ ସରକାର ଶନିବାର ସଂଧ୍ୟା ୫.୩୦ ମିନିଟ୍ ସମୟରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି କ୍ରମରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ରାମଚନ୍ଦ୍ରପୁର ପଡିଆରେ ଏକ ସମାବେଶରେ ଯୋଗଦେଇ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଏହି ସମାବେଶରେ ଦେଢ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ସାମାଜିକ ଦୂରତା, ମାସ୍କ ବ୍ୟବହାର ଆଧାରରେ ଯୋଗଦେଇ ସଂଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଗତୀଶିଳ ନାଗରିକ ମଂଚ କେନ୍ଦୁଝରର ସଭାପତି ଧିରେନ୍ଦ୍ର ରାଉତ, ବିଜେଡି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ନନ୍ଦ କିଶୋର ବେହେରା, ରାମଚନ୍ଦ୍ରପୁର ପୂର୍ବତନ ସରପଂଚ ମଦନ ମୋହନ ସାହୁ, ତରୁଅଁ ସରପଂଚ ବଳରାମ ବେହେରା, ରାମଚନ୍ଦ୍ରପୁର ସରପଂଚ ଆରତୀ ବେହେରା, ପୁରୁଣାବାନ୍ଧଗୋଡା ସରପଂଚ ପ୍ରଦୀପ ଧିର, ପୂର୍ବତନ ଜିଲ୍ଲା ପରିଷଦ ବିଶ୍ୱରଞ୍ଜନ ବେହେରା, ଶାଳଦେଇ ସେବା ସମବାୟ ସମିତି ସଭାପତି ଚିନ୍ତାମଣି ଦାଶ, ସମାଜସେବୀ ପ୍ରଦୀପ ସାହୁ, ପୂର୍ବତନ ସରପଂଚ ଭାଗ୍ୟ କମଳ ବୋଇତେଇ, ସୁଶାନ୍ତ କୁମାର ବିଶ୍ୱାଳ, ଶରତ ଚନ୍ଦ୍ର ଜେନା, କାର୍ତ୍ତିକ ବାରିକ, ରବିନ୍ଦ୍ର ସ୍ୱାଇଁ, ମଦନ ମୋହନ ନାୟକ, ସୁରେନ୍ଦ୍ର ନାୟକ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କେନ୍ଦୁଝର ଜିଲ୍ଲାରେ ପଙ୍ଗପାଳ ଆତଙ୍କ : ଫଳ, ଡାଳ, ପତର ଖାଇ ଲଣ୍ଡା କରି ପକାଉଛନ୍ତି ଗଛ

କେନ୍ଦୁଝର,୩୧/୫ (ନି.ପ୍ର): ପଙ୍ଗପାଳ ମାଡି ଆସୁଥିବା ଖବରକୁ ନେଇ ସାରା ରାଜ୍ୟର ଚାଷୀମାନଙ୍କୁ ଏକ ଅଜଣା ଆତଙ୍କ ଘାରିଥିବା ବେଳେ କେନ୍ଦୁଝର ଜିଲ୍ଲା ମଧ୍ୟ ସେଥିରୁ ବାଦ୍ ପଡି ନାହିଁ । କୃଷି ବିଶେଷଜ୍ଞ ଓ ରାଜ୍ୟ ସରକାର ପଙ୍ଗପାଳ ଦଳଙ୍କ ଓଡିଶା ସାମ୍ଭବ୍ୟ ପ୍ରବେଶ ସମୟକୁ ଜୁନ୍ ମାସରେ କହିବା ସହ ଚାଷୀ ମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି । ହେଲେ ଏବେ କେନ୍ଦୁଝର ଜିଲ୍ଲାର ବିଭନ୍ନ ଅଂଚଳରେ ଦେଖିବାକୁ ମିଳୁଛି ପଙ୍ଗପାଳ ଭଳି ଦିଶୁଥିବା ଏକ ପ୍ରକାର ଝିଂଟିକା । ଏହି ଝିଂଟିକା ମାନେ ଡାଳ ପତର ଖାଇ ଗଛ ସବୁକୁ ଲଣ୍ଡା କରି ପକାଉଛନ୍ତି । ଏହାକୁ ନେଇ ଅନେକ ମତବ୍ୟକ୍ତ କରିଛନ୍ତି ଯେ, ବିପତି ଯେମିତି ଆମ ରାଜ୍ୟର ପିଛା ଛାଡୁନାହିଁ । କେତେବେଳେ ଫନି ତ କେତେବେଳେ କୋରୋନା ଆଉ ତାପରେ ଅମ୍ଫନ ଏବଂ ଏବେ ପଙ୍ଗପାଳ ରାଜ୍ୟର ଚାଷୀ ଙ୍କ ନିଦ ହଜାଇ ଦେଇଛି । ଏବେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରେ ଲକ୍ଷ ଲକ୍ଷ ସଂଖ୍ୟାର ପଙ୍ଗପାଳ ଭଳି ଦେଖାଯାଉଥିବା ଝିଂଟିକା ପଲକୁ ଦେଖି ଚାଷିମାନେ ପଙ୍ଗପାଳ ମନେକରି ପୂରାପୂରି ଛାନିଆ ହୋଇପଡିଛନ୍ତି । କେନ୍ଦୁଝର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ବାସୁଦେବପୁର, ମଇଦାନକେଲ, ତାଳପଦା, ବାରଖୁଂଟା, ରେମୁଣିବିଲ ଆଦି ଅନେକ ଗ୍ରାମର ଚାଷୀଙ୍କର ଚାଷ ବିଲ ପାଖ ଜଙ୍ଗଲରେ ସକାଳୁ ସକାଳୁ ଲକ୍ଷ ଲକ୍ଷ ସଂଖ୍ୟାର ପଙ୍ଗପାଳ ଭଳି ଦିଶୁଥିବା ଏହି ଝିଂଟିକା ମାନେ ଡାଳ ପତ୍ର ଖାଉଥିବା ଦେଖି ସେସବୁକୁ ପଙ୍ଗପାଳ ବୋଲି ମନେକରି ଚାଷୀମାନେ ପୁରା ଛାନିଆ ହୋଇପଡିଛନ୍ତି । କେବଳ ସଦର ବ୍ଲକ ନୁହେଁ ଘଟଗାଁ ବ୍ଲକ ଓ ଝୁମ୍ପୁରା ବ୍ଲକର ଉଖୁଣ୍ଡା ଆଦି ଜିଲ୍ଲାର ଅନେକ ଅଂଚଳରେ ଏହି ଭଳି ଝିଂଟିକା ଦେଖିବାକୁ ମିଳିଛି । ଯାହା ଚାଷୀଙ୍କ ମଧ୍ୟରେ ଏକ ଅଜଣା ଭୟକୁ ଜନ୍ମ ଦେଇଛି । ନାମ ଗୋପନ ରଖି ଶ୍ରୀ ଶ୍ରୀ ୟୁନଭରସିଟିର ଇଂଟୋମୋଲୋଜିର ଜଣେ ଆସିଷ୍ଟାଂଟ ପ୍ରଫେସରଙ୍କ କହିବାନୁଶାରେ, ଏହି ପଙ୍ଗପାଳ ଦଳ ମୁଖ୍ୟତଃ ରାଜସ୍ଥାନର ମରୁଭୂମି ଅଂଚଳରେ ରହିଥାଆନ୍ତି । କିନ୍ତୁ, ବିଶ୍ୱ ପାଣିପାଗ ବଦଳିବା ଏବଂ ରାଜସ୍ଥାନର ମରୁଭୂମି ଅଂଚଳରେ ମରୁଭୂମିରେ ଗଛ ଲଗାଯିବା ଦ୍ୱାରା ସଂପୃକ୍ତ ଅଂଚଳରେ ସ୍ଥାନ କ୍ରମଶଃ କମିଯିବାରୁ ସେମାନେ ସେ ଅଂଚଳରୁ ବାହାରି ଆସୁଥିବା ସେ କହିଛନ୍ତି । କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରେ ପଙ୍ଗପାଳ ଭଳି ଦେଖାଯାଉଥିବା କୀଟ ବାସ୍ତବରେ ସେହି ପ୍ରଜାତିର ଏକ ଝିଂଟିକା । ଏମାନେ କଫି ଗ୍ରାସ ହୋପର ଏହି ପ୍ରଜାତିର ଝିଂଟିକା । ଜଙ୍ଗଲ ଜାତ ବୃକ୍ଷର ଫଳ, ପତ୍ର ଆଦି ଖାଇ ଯାଆନ୍ତି । ଏମାନେ କିନ୍ତୁ ଚାଷ ପାଇଁ ବିପଦ ନୁହଁନ୍ତି ବୋଲି ସେ କହିଛନ୍ତି । ଇତି ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ଦେଖା ଦେଇଥିବା ଏହି ଝିଂଟିକା ମାନେ ପଣସ, କେନ୍ଦୁ, ନଡିଆ, କଦଳୀ, ଶାଳ ଆଦି ଗଛରେ ବସି ପତ୍ର ଫଳ ଆଦି ସବୁ ଖାଇ ଯାଉଛନ୍ତି । ଯେଉଁଥିପାଇଁ ଚାଷୀ ମାନଙ୍କ ମଧ୍ୟରେ ଭୟ ପ୍ରକାଶ ପାଇଛି । କୃଷି ବିଭାଗର କୌଣସି ଅଧିକାରୀଙ୍କ ପରାମର୍ଶରେ ସେମାନେ ଏବେ କିରୋସିନୀ ପକାଇ ସେହି ଝିଂଟିକା ମାନଙ୍କୁ ମାରିବାର ପନ୍ଥା ଆପଣାଇଛନ୍ତି ।

# କେନ୍ଦୁଝର : କୋଭିଡ୍ ଯୋଦ୍ଧାଙ୍କ ସମ୍ମାନ ଜଣାଇ ଜିଲ୍ଲାବାସୀ ଗାଇଲେ ବନ୍ଦେ ଉତ୍କଳ ଜନନୀ

କେନ୍ଦୁଝର,୩୧/୫ (ନି.ପ୍ର): କୋଭିଡ୍ ଯୋଦ୍ଧାଙ୍କ ପାଇଁ କେନ୍ଦୁଝର ଜିଲ୍ଲାବାସୀ ଗାଇଲେ ବନ୍ଦେ ଉତ୍କଳ ଜନନୀ ବନ୍ଦନା । କୋଭିଡ୍ ଯୋଦ୍ଧାଙ୍କ ସମ୍ମାନ ଲାଗି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଶନିବାର ଅପରାହ୍ନ ୫ଟା ୩୦ମି. ସମୟରେ ଜିଲ୍ଲାବାସୀ "ବନ୍ଦେ ଉତ୍କଳ ଜନନୀ" ବନ୍ଦନା ଗାନ କରିଥିଲେ । ଏହି ଉପଲକ୍ଷେ ଜିଲ୍ଲା, ଉପଖଣ୍ଡ, ପୌରପାଳିକା, ବ୍ଲକ୍, ଗ୍ରାମ ପଂଚାୟତ ଏବଂ କ୍ୱାରେଟାଂଇନ୍ ସେଂଟର ଆଦି ଆୟୋଜିତ ସମାରୋହ ମାନଙ୍କରେ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଉଦବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ଠାକରେ କରୋନା ମହାମାରୀର ସଂକ୍ରମଣକୁ ପ୍ରତିହତ କରିବା ପାଇଁ କରୋନା ଯୁଦ୍ଧରେ ସାମିଲ ହୋଇଥିବା ଯୋଦ୍ଧାମାନେ ରାତି ଦିନ ଏକ କରି କାମ କରୁଛନ୍ତି । ସେମାନଙ୍କ ସେବା ମହନୀୟତା, ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟକୁ ଏବଂ ମହନୀୟ ସେବାକୁ ସ୍ୱୀକୃତୀ ଜଣାଇ ତାଙ୍କର ତ୍ୟାଗକୁ ସମ୍ମାନ ଜଣାଇବା ଏବଂ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ବନ୍ଦେ ଉତ୍କଳ ଜନନୀ ବନ୍ଦନା ଗାନ କରିବାର କାର୍ଯ୍ୟକ୍ରମ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆୟୋଜନ କରାଯାଇଛି । ପ୍ରତି ସ୍ତରରେ ସାମାଜିକ ଦୂରତା ଅବଲମ୍ବନ ଏବଂ ମୁହଁରେ ମାସ୍କ ପରିଧାନ କରି କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଜିଲ୍ଲାବାସୀଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ । କେନ୍ଦୁଝର ସହରରେ ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସର୍କିଟ୍ ହାଉସ୍ ଛକଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା । ଠିକ୍ ଅପରାହ୍ନ ୫ଟା ୩୦ମି. ସମୟରେ ଡାକବାଜି ଯନ୍ତ୍ର ଯୋଗେ ବନ୍ଦେ ଉତ୍କଳ ଜନନୀ ବନ୍ଦନା ପରିବେଷଣ କରାଯାଇଥିଲା ଏବଂ ପରେ ପରେ ଏସ୍‌ପି ଶ୍ରୀ ମିତ୍ରଭାନୁ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଆରକ୍ଷୀ ବାହିନୀ ପକ୍ଷରୁ ବ୍ୟାଣ୍ଡ ବାହିନୀର ଧୂନ୍ ମାଧ୍ୟମରେ ବନ୍ଦେ ଉତ୍କଳ ଜନନୀ ବନ୍ଦନା ପରିବେଷଣ କରାଯାଇଥିଲା । ସହରବାସୀ ମଧ ଅନୁରୁପ ଭାବେ ଛିଡା ହୋଇ କୋଭିଡ୍ ଯୋଦ୍ଧାମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସହିତ ଉତ୍ସାହିତ କରିଥିଲେ । ପଦ୍ମଶ୍ରୀ ଦୈତାରୀ ନାଏକ ମଧ୍ୟ ଉକ୍ତ ସମାରୋହରେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ଠାକରେ, ଏସପି ଶ୍ରୀ ମହାପାତ୍ରଙ୍କ ସମେତ ଡିଏଫଓ ସନ୍ତୋଷ ଯୋଶୀ, ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସନ୍ତୋଷ କୁମାର ନାୟକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ଜିଲ୍ଲାସ୍ତରୀୟ ସମାରୋହର ସଂଯୋଜକ କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ମଧୁମିତା ସାମନ୍ତରାୟ, ଡି. ଏସ୍ . ପି ଡି. ଆଇ. ବି . ହରେଶ ଚନ୍ଦ୍ର ପାଣ୍ଡେ, କେନ୍ଦୁଝର ଏସ୍. ଡି. ପି. ଓ .ପ୍ରକାଶ ଜେମ୍ସ ଟପ୍ପୋ, ଡି. ଏସ୍. ପି . ସୁରେଶ ଚନ୍ଦ୍ର ପାତ୍ର ଓ ସୁବୋଧ ମଲ୍ଲିକ୍, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକ, ଟାଉନ୍ ଥାନାର ଭାରପ୍ରାପ୍ତ ଆଇ. ଆଇ . ସି .ଅମିତ୍ କୁମାର ଭୂୟାଁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ/ କର୍ମଚାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ସମାଜସେବୀ, କ୍ରୀଡାବିତ୍, କଳାକାର, ଶିକ୍ଷାବିତ୍ ଏବଂ ସମାଜର ବିଭିନ୍ନ ବର୍ଗର ମାନ୍ୟଗଣ୍ୟ ବ୍ୟକ୍ତି ତଥାଜନସାଧାରଣ ଏହି ସମାରୋହରେ ଯୋଗ ଦେଇଥିଲେ ।

# କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇ ଆଦାନୀ ଧାମରା ପୋର୍ଟ ପକ୍ଷରୁ ସାମୁହିକ 'ବନ୍ଦେ ଉତ୍କଳ ଜନନୀ' ଗାନ

ଭଦ୍ରକ, ୩୧/୫ (ହି.ସ.) - ସାରା ବିଶ୍ୱ କରୋନା ରୂପକ ମହାମାରୀରେ ଜୁଝୁଥିବା ବେଳେ ଏହାରି ସହ ଲଢୁଥିବା ଯୋଦ୍ଧାଙ୍କୁ ସମ୍ମାନ ଜଣାଇବାକୁ ଏକାଠି ହୋଇଛି ସାରା ଓଡିଶା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଗତକାଲି ସାଢେ ୫ଟା ସମୟରେ ସାରା ରାଜ୍ୟ ସମବେତ ଭାବେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲା । ଯିଏ ଯେଉଁଠାରେ ଥିଲେ, ସେଠାରେ ଛିଡା ହୋଇ କରୋନା ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନରେ ପ୍ରେରିତ ହୋଇ କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ପାଇଁ ଆଦାନୀ ଧାମରା ପୋର୍ଟ ପକ୍ଷରୁ ସାମୁହିକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ବନ୍ଦର ପରିସରରେ ପୋର୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ତ୍ରିପାଠୀଙ୍କ ନେତୃତ୍ୱରେ ସମସ୍ତ ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗ ଓ ପ୍ରକଳ୍ପର ମୁଖ୍ୟ, ଜାହାଜର କ୍ୟାପଟେନ୍, ନାବିକ, କର୍ମଚାରୀ, ଶ୍ରମିକ ଉପସ୍ଥିତ ରହି ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । କୋରନା ଯୋଦ୍ଧାଙ୍କ ମନୋବଳ ବୃଦ୍ଧି କରିବା ସହ ଅଦୃଶ୍ୟ ମହାମାରୀକୁ ପରାସ୍ତ କରିବାକୁ ଏହା ସେମାନଙ୍କୁ ଆହୁରି ଶକ୍ତି ଯୋଗାଇବ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧ ଜୁନ୍ ୨୦୨୦, ସୋମବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଗଙ୍ଗା ଦଶହରା

**ଶ୍ରୀହରି ପଣ୍ଡା**

ଜ୍ୟେଷ୍ଠମାସ ଶୁକ୍ଳ ଦଶମୀ ତିଥିରେ ଗଙ୍ଗାତଟରେ ରହୁଥିବା ଅଧିବାସୀମାନେ ଗଙ୍ଗା ଦଶହରା ପାଳନ କରିଥାନ୍ତି । ଭାରତୀୟ ଧର୍ମ ସଂସ୍କୃତିରେ ଗଙ୍ଗାନଦୀର ବିଶେଷ ମହତ୍ୱ ଅଛି । ତ୍ରିପଥଗାମୀ ଦେବୀଗଙ୍ଗା ସ୍ୱର୍ଗରେ ମନ୍ଦାକିନୀ, ମର୍ତ୍ତ୍ୟରେ ଭାଗୀରଥୀ ଓ ପାତାଳରେ ଭଗବତୀ ରୂପେ ପ୍ରବାହିତା । ସ୍ୱର୍ଗରେ ଗଙ୍ଗା ବ୍ରହ୍ମାଙ୍କ କମଣ୍ଡଳୁରୁ ବାହାରି ତ୍ରିବିକ୍ରମ ବାମନାବତାରରେ ବିଷ୍ଣୁଙ୍କ ନଖ କୋଣରେ ରହି ସେଠାରୁ ନିର୍ଗତ ହୋଇ ଶିବଙ୍କ ଜଟାରେ ପତିତ ହେଲେ । ସ୍ୱର୍ଣ୍ଣପର୍ବତରେ ଥିବା ଶିବଙ୍କ ଲିଙ୍ଗ ଉପରେ ପଡି ଭୂପୃଷ୍ଠକୁ ଅବତରଣ କରି ୩୨୦ କିମି ପାର୍ବତ୍ୟଶଯ୍ୟାରେ ପ୍ରବାହିତ ହୋଇ ହରିଦ୍ୱାରଠାରେ ସମତଳ ଭୂମିରେ ପଦାର୍ପଣ କରିଛି । ଏହାପରେ ସେଠାରୁ ପୂର୍ବାଭିମୁଖୀ ହୋଇ ପ୍ରବାହିତ ହୋଇ ଉତ୍ପତ୍ତି ସ୍ଥଳରୁ ୨୫୧୦ କିମି ଦୂରତ୍ୱରେ ମିଶିଛି ବଙ୍ଗୋପସାଗରରେ । ଗଙ୍ଗା ବଦ୍ରିନାରାୟଣଙ୍କ ପାଦତଳେ ଅଳକାନନ୍ଦା ହୋଇ ପ୍ରବାହିତା ହେଉଥିବା ବେଳେ ଗଙ୍ଗାସାଗର ପର୍ଯ୍ୟନ୍ତ ଭାଗିରଥୀ ଗଙ୍ଗା ଓ ବଙ୍ଗଳା ପର୍ଯ୍ୟନ୍ତ ପଦ୍ମା ହୋଇ ପ୍ରବାହିତା ହେଉଛନ୍ତି । ପୁରାଣମାନଙ୍କରେ ଗଙ୍ଗାଙ୍କ ଆବିର୍ଭାବ ବୈଶାଖ ଶୁକ୍ଳ ତୃତୀୟା ବୋଲି ଉଲ୍ଲେଖ ଅଛି । ଗଙ୍ଗା ହିମାଳୟରୁ ଜ୍ୟେଷ୍ଠ ଶୁକ୍ଳ ୧୦ମୀରେ ହୋଇଥିବାରୁ ଉକ୍ତ ଦିବସକୁ ଗଙ୍ଗାଙ୍କ ଜୟନ୍ତୀ ରୂପେ ପାଳନ କରାଯାଏ । ଗଙ୍ଗା ଭଳି ପବିତ୍ରତମ ନଦୀ ଭାରତରେ କେହି ନାହାନ୍ତି । ଗଙ୍ଗାଙ୍କ ନାମ ଶ୍ରବଣ, ଜପ,ଦର୍ଶନ, ଜଳପାନ, ସ୍ନାନ, ସ୍ୱର୍ଶକରି ମନୁଷ୍ୟ ଜନ୍ମଜନ୍ମାନ୍ତରର ପାପକୁ ଧୋଇଦେଇଥାଏ । ଏଥିପାଇଁ ସମସ୍ତ ପୁରାଣରେ ମା’ଗଙ୍ଗାଙ୍କ ମାହାତ୍ମ୍ୟ ସମ୍ପର୍କରେ ବର୍ଣ୍ଣନା ଦେଖାଯାଏ । ମଣିଷ ନିଜ ଜୀବନରେ ଜ୍ଞାତରେ କିମ୍ବା ଅଜ୍ଞାତରେ କରିଥିବା ଦଶଦୋଷ-ଲୁଟ, ହିଂସା, ପରସ୍ତ୍ରୀ ଆସକ୍ତି, ନିଷ୍ଠୁରବାଣୀ କହିବା, ମିଛକହିବା, ପରଚର୍ଚ୍ଚା କରିବା, ସବୁବେଳେ ବିରକ୍ତ ହେବା, ପରଧନ ପ୍ରତି ଲୋଭ କରିବା, କାହାର ଅନିଷ୍ଟ ଚିନ୍ତା କରିବା, ନାସ୍ତିକ ବୁଦ୍ଧି ହେବା ଆଦି ଦୋଷକୁ ନାଶ କରିବା ଲାଗି ଗଙ୍ଗା ଦଶହରା ବ୍ରତ ପାଳନ କରାଯାଏ । ମନୁସଂହିତାର ବର୍ଣ୍ଣନାନୁସାର-

ଅଦତାନାଂ ମୁପାଦାନଂ ହିଂସା ଚୈବାବିଧାନତଃପରଦାରୋପ ସେବା ଚ ଶରୀରଂ ତ୍ରୀବିଧଂ ସ୍ମୃତମ୍

ପାରୁଷ୍ୟମନୃତଂ ଚୈବ ପୈଶୂନଂ ଚାପି ସର୍ବଶଃ

ଅସମ୍ବଦ୍ଧପ୍ରଳାପଶ୍ଚ ବାଙ୍ମୟ ସ୍ୟାତଚତୁର୍ବିଧମ୍

ପରଦ୍ରବ୍ୟେଷ୍ୱଭିଧ୍ୟାନଂ ମନସାନିଷ୍ଟ ଚିନ୍ତନମ୍

ବିତଥାଭିନିବେଶଶ୍ଚ ତ୍ରିବିଧ କର୍ମ ମାନସମ୍ ।

ଗୌଡ଼ଗାଁ,କପ୍ତିପଦା, ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮

# ଇଏ କେମିତି ଗଣତାନ୍ତ୍ରିକ ବ୍ୟବସ୍ଥା ?

**ଗୋପାଳ ମହାପାତ୍ର**

ଦୀର୍ଘଦିନର ଇଂରେଜ ଶାସନ କବଳରୁ ୧୯୪୭ ମସିହାରେ ଦେଶ ସ୍ୱାଧିନ ହେଲା। ଦେଶ ସ୍ୱାଧିନ ହେବା ସମୟରେ ଜନସଂଖ୍ୟା ଥିଲା ୩୩କୋଟି। ୨୦୧୯ ଶେଷ ସୁଦ୍ଧା ଦେଶର ଜନସଂଖ୍ୟା ୧୩୫କୋଟି ପାର କରିସାରିଛି। ସ୍ୱାଧିନତାର ୭୨ବର୍ଷ ପରେ ଏ ଯେଉଁ ୧୦୨କୋଟିରୁ ଅଧିକ ଜନସଂଖ୍ୟା ବୃଦ୍ଧି ପାଇଛି ତାହା କ’ଣ ଦର୍ଶାଉଛି ? ଜନସଂଖ୍ୟାକୁ ହିସାବ କଲେ ଚୀନ ହୋଇଛି ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଓ ଭାରତର ସ୍ଥାନ ଚୀନ ତଳେ। ଅର୍ଥାତ୍ ଜନସଂଖ୍ୟାରେ ଚୀନ ପ୍ରଥମରେ ଥିବାବେଳେ ଭାରତ ୨ୟ ସ୍ଥାନରେ। ୧୯୪୯ ମସିହା ଅକ୍ଟୋବର ୧ ତାରିଖରେ କମ୍ୟୁନିଷ୍ଟ ନେତା ମାଓ ସେତୁଙ୍ଗ ଚୀନକୁ ପିପୁଲସ ରିପବ୍ଲିକ୍ ଅଫ ଚାଇନା ଘୋଷଣା କରିଥିଲେ। ତା’ପର ଠାରୁ ଚୀନରେ ସବୁ ସ୍ତରରେ ବିକାଶ ଘଟିଛି ଏପରିକି ଚୀନ ଏବେ ବିଶ୍ୱର ଅନ୍ୟତମ ଆର୍ଥୀକ ତଥା ସାମରିକ ଶକ୍ତିଶାଳୀ ରାଷ୍ଟ୍ର। ୧୯୪୭ ରେ ସ୍ୱାଧିନ ହେବା ପରଠାରୁ ଯେ ଭାରତର ବିକାଶ ଘଟିନାହିଁ ତାହା ନୁହେଁ। ଦେଶର ଆର୍ଥୀକ, ରାଜନୈତିକ, ଔଦ୍ୟୋଗିକ ଓ ସାମାଜିକସ୍ତରରେ ବିକାଶ ଘଟିଛି। ଦେଶ ଓ ଜନସାଧାରଣଙ୍କ ଜୀବନସ୍ତର ମଧ୍ୟ ସୁଧୁରିଛି। ଦେଶରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ବିକାଶ ଘଟିଛି। ସଡ଼କ, ପରିବହନ ଓ ଶିଳ୍ପ ବଢ଼ିଛି। ଲୋକଙ୍କର ଖାଦ୍ୟ ପାନୀୟ, ରହିବା ବ୍ୟବସ୍ଥା ମଧ୍ୟ ସୁଧୁରିଛି। ଖାଦ୍ୟାନ୍ନ କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହୋଇପାରିଛି। କମ୍ପ୍ୟୁଟର କ୍ରାନ୍ତି ଓ ମୋବାଇଲ କ୍ରାନ୍ତି କାରଣରୁ ଦେଶରେ ସଂଗ୍ରହ ବ୍ୟବସ୍ଥା ଉନ୍ନତ ହୋଇପାରିଛି। ଦେଶ ସ୍ୱାଧିନ ହେବାପରେ ଦେଶର ଏକ ସ୍ୱତନ୍ତ୍ର ସମ୍ବିଧାନ ପ୍ରଣୟନ କରାଯାଇଥିଲା। ସମସ୍ତଙ୍କୁ ସମାନ ଅବସର, ମୌଳିକ ଅଧିକାର, ନୀତିନିର୍ଦ୍ଦେଶ ତତ୍ୱ, ସାମାଜିକ ନ୍ୟାୟର ଅବସର କଥା ସମ୍ବିଧାନରେ ଉଲ୍ଲେଖ କରାଯାଇଛି। ଏଥିସହିତ ଧର୍ମ ନିରପେକ୍ଷ କଥା ମଧ୍ୟ ସମ୍ବିଧାନରେ ସ୍ଥାନ ପାଇଛି। କିନ୍ତୁ ଯେଭଳି ଭାବରେ ଦେଶର ବିକାଶ ଘଟିଛି ସେଇ ତାଳରେ ମଧ୍ୟ ଦେଶର ରାଜନୈତିକ ସ୍ୱରୂପ ବଦଳିଛି। ଏବେ ଏମିତି ସ୍ଥିତି ଦେଶରେ ହୋଇଛି ଯେ କୌଣସି ନିର୍ବାଚନରେ ଅର୍ଥ ହିଁ ମୁଖ୍ୟ ବିନ୍ଦୁ ପାଲଟିଯାଇଛି। ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଟିକେଟ ଦେବା ପ୍ରସଙ୍ଗରେ ରାଜନୈତିକ ଦଳମାନଙ୍କର ଭୂମିକାକୁ ନେଇ ପ୍ରଶ୍ନ ମଧ ଉଠିଲାଣି। ରାଜନୈତିକ ଦଳ ଓ ଦଳର କର୍ମକର୍ତ୍ତାଙ୍କ ବୟାନବାଜି ମଧ ରାଜନୀତିର ସ୍ୱରୂପକୁ ବଦଳେଇ ଦେଲାଣି। ରାଜନେତାଙ୍କର ଆଚରଣ ଓ ଉଚ୍ଚାରଣରେ ମଧ ପାର୍ଥକ୍ୟ ଦେଖିବାକୁ ମିଳିଲାଣି। କିଣାବିକା ରାଜନୀତି, ସରକାର ଭାଙ୍ଗିବା ଗଢ଼ିବା ଖେଳ ମଧ ଚାଲିଲାଣି। କହିବାକୁ ଗଲେ ସାମ୍ବିଧାନିକ ବିଧିବ୍ୟବସ୍ଥା ଏକପ୍ରକାର ଧ୍ୱସ୍ତ ବିଧ୍ୱସ୍ତ ହେବାକୁ ବସିଲାଣି।

ରାଜନୀତିର ଏଇ ବିଗିଡ଼ିଯାଇଥିବା ସ୍ୱରୂପ ଦେଶ ପାଇଁ ଯେ କେବଳ ଘାତକ ସିଦ୍ଧ ତାହା ନୁହେଁ ବରଂ ଜାତିବାଦ, ଅଞ୍ଚଳବାଦ, ସାମ୍ପ୍ରଦାୟିକତା ଓ ଧାର୍ମିକ କଠୋରବାଦିତା ମଧ ଏବେ ବଢ଼ିବାରେ ଲାଗିଛି ଯାହା ଦେଶ ପାଇଁ ବିପଦ ସୃଷ୍ଟି କରୁଛି। ଦେଶର ଜନସାଧାରଣ ଏବେ ରାଜନେତା ଓ ରାଜନୈତିକ ଦଳର ନିର୍ବାଚନ ଇସ୍ତାହାର (ଘୋଷଣା ପତ୍ର) କୁ ବିଶ୍ୱାସକୁ ନେଉନାହାଁନ୍ତି। ସଂଘବାଦ ର ଭାବନା ଆମ ସମ୍ବିଧାନର ଅଭିନ୍ନ ଅଙ୍ଗ କିନ୍ତୁ ସ୍ୱାର୍ଥପର ଶାସକମାନଙ୍କ ଦ୍ୱାରା ଏସବୁ ବ୍ୟବସ୍ଥାକୁ ଭାଙ୍ଗିଦିଆଯିବା ପାଇଁ ଉଦ୍ୟମ ଚାଲିଛି ଯାହା ଦେଶର ବିକାଶ ପଥରେ ଅନ୍ତରାୟ ସୃଷ୍ଟି କରୁଛି। ବିରୋଧି ଦଳର ସ୍ୱରକୁ ଚପାଇଦେବା ପାଇଁ ଉଦ୍ୟମ ହେବା ସହ ପ୍ରତିଶୋଧ ପରାୟଣ ଭାବନାରେ କାର୍ଯ୍ୟକରିବା ଏବେ ସରକାରୀ ଫେସନରେ ପରିଣତ ହୋଇଗଲାଣି। ଲୋକଙ୍କୁ ନ୍ୟାୟ ମଧ ମିଳୁନାହିଁ। ଲୋକଙ୍କୁ ନ୍ୟାୟ ପାଇଁ କୋର୍ଟ କଚେରୀକୁ ବର୍ଷ ବର୍ଷ ଧରି ଦୌଡ଼ିବାକୁ ପଡୁଥିବାବେଳେ ପ୍ରଭାବଶାଳୀ ଲୋକଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଘଟୁଛି ଓ ସେମାନଙ୍କ ମାମଲାକୁ ତ୍ୱରିତ ଶୁଣାଣି କରାଯାଉଛି। ଏହା ଅନ୍ୟାୟ ନୁହେଁ କି ? ନ୍ୟାୟ ବ୍ୟବସ୍ଥା ଏବେ ମହଙ୍ଗା ହୋଇଯାଇଛି ଓ ଏହାର କଚ୍ଛପ ଗତି କାରଣରୁ ନ୍ୟାୟବ୍ୟବସ୍ଥା ପ୍ରତି ସାଧାରଣ ଲୋକଙ୍କର ମୋହ ଭଙ୍ଗ ହେବାରେ ଲାଗିଛି। ଏହି ବ୍ୟବସ୍ଥାରେ ମଧ ଭ୍ରଷ୍ଟାଚାର ପଶିଗଲାଣି ବୋଲି ଅଭିଯୋଗ ହେଉଛି। ଦେଶର ବିକାଶ ପାଇଁ ଆବ ନ କରାଯାଉଥିବା ଅର୍ଥର ହରିଲୁଟ ଚାଲିଛି। ଏ କିଭଳି ବ୍ୟବସ୍ଥା ?

ଦେଶରେ ଏବେ କୋରେନା ସଙ୍କଟ ଦେଖାଦେଇଛି। ଏଯାବତ୍ ଏହି କୋରେନା ମହାମାରୀ କାରଣରୁ ୪ହଜାର ରୁ ଅଧିକ ଲୋକଙ୍କର ଜୀବନ ଗଲାଣି ଓ ଲକ୍ଷ ଲକ୍ଷ ଲୋକ ଏବେ ସଂକ୍ରମିତ ହୋଇସାରିଲେଣି। ଏହା ଦେଶ ପାଇଁ ଚିନ୍ତାର କାରଣ ନିଶ୍ଚୟ। ଲକ୍‌ଡାଉନ୍ ସମୟରେ ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ ଯେଭଳି ଭାବରେ ଅଛନ୍ତି ଓ ସେମାନେ ଯେଭଳି କଷ୍ଟ ଭୋଗ କରୁଛନ୍ତି ତାହା କହିଲେ ନସରେ। ନିଜ ଅଞ୍ଚଳକୁ ଫେରିବା ପାଇଁ ଚାଲି ଚାଲି ଯାଉଥିବା ସମୟରେ ଅନେକ ମଧ ଜୀବନ ହରାଇଛନ୍ତି। ଭୋକ ଉପବାସରେ ରହି ଶହ ଶହ କିଲୋମିଟର ଚାଲିବା ପାଇଁ ମଧ ବାଧ ହେଉଛନ୍ତି ସେମାନେ। ରେଳ ଓ ସଡ଼କ ଦୁର୍ଘଟଣାରେ କେତେକ ପ୍ରବାସୀ ଶ୍ରମିକଙ୍କର ମଧ ମୃତ୍ୟୁ ହୋଇଛି। ଶ୍ରମିକମାନେ ନିଜ ଅଞ୍ଚଳକୁ ଫେରିବାର ପ୍ରକ୍ରିୟା କିଛି ମାସ ହେବ ଚାଲିଛି ଓ ସେମାନଙ୍କ ଦୁଃଖକୁ ନା କେନ୍ଦ୍ର ସରକାର ନା ରାଜ୍ୟ ସରକାର କେହି ବୁଝୁନାହାଁନ୍ତି ବରଂ ଏମାନଙ୍କୁ ନେଇ ଏବେ ରାଜନୈତିକ ଖେଳ ଚାଲିଲାଣି। ପ୍ରବାସୀ ଶ୍ରମିକମାନଙ୍କ ଦୁଃଖ ଓ ସେମାନଙ୍କୁ ଅବହେଳା କରାଯିବ କ’ଣ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା କି ? ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ ଏବେ ଅବ୍ୟବସ୍ଥାରେ ଅଛନ୍ତି। କ’ଣ ଏହି ଶ୍ରମିକମାନଙ୍କ ପାଇଁ ସରକାରଙ୍କର କିଛି ଠୋସ୍ ରଣନୀତି ନାହିଁ? ଏ ପ୍ରସଙ୍ଗରେ ଗତ ୨୨ ତାରିଖ ଶୁକ୍ରବାର ଦିନ କଂଗ୍ରେସର ଅଧକ୍ଷା ସୋନିଆ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ ପ୍ରବାସୀ ଶ୍ରମିକଙ୍କ ପାଇଁ କେନ୍ଦ୍ର ସରକାରଙ୍କର ନିର୍ଦ୍ଦିଷ୍ଟ ରଣନୀତି ନାହିଁ। ୨୨ ତାରିଖରେ ବିରୋଧି ଦଳର ନେତାମାନଙ୍କର ଭିଡ଼ିଓ କନ୍‌ଫରେସିଙ୍ଗ୍ ମାଧମରେ ଏକ ଆଲୋଚନା ମଧ ହୋଇଥିଲା। ଏଥିରେ ସମାଜବାଦୀ ପାର୍ଟି, ବହୁଜନ ସମାଜ ପାର୍ଟି ଓ ଆମ୍‌ଆଦମୀ ପାର୍ଟି ଯୋଗ ଦେଇନଥିଲେ। ସୋନିଆ ଗାନ୍ଧୀ କ’ଣ କହୁଛନ୍ତ ସେକଥା ବଡ଼ କଥା ନୁହେଁ। କଣ ସତ ନୁହେଁ କି ଘରକୁ ଫେରିବାକୁ ଥିବା ପ୍ରବାସୀ ଶ୍ରମିକ ରେଳଗାଡ଼ିତଳେ ଚାପି ହୋଇ ମରିଛନ୍ତି ଓ ପିଲାଛୁଆଙ୍କୁ ଧରି ଚାଲି ଚାଲି ଆସୁଥିବା ଶ୍ରମିକ ରାସ୍ତାରେ ଜୀବନ ହାରିଥିବା କ’ଣ ମିଛ କି? ତେବେ କଂଗ୍ରେସ ବା ଅନ୍ୟ କେହି ରାଜନୈତିକ ଦଳ ଯଦି ଏ କଥା କହିଲେ ତେବେ କ୍ଷତି ବା କ’ଣ? ଏବେ ଓଡ଼ିଶା ସମେତ କେତେକ ରାଜ୍ୟର ସରକାର ପ୍ରବାସୀ ଶ୍ରମିକଙ୍କୁ ନିଜ ରାଜ୍ୟକୁ ଫେରାଇ ଆଣିବାର ଉଦ୍ୟମ କରୁଛନ୍ତି ତେବେ କେନ୍ଦ୍ର ଏ ଦିଗରେ ଉଦାସୀନ କାହିଁକି? ତାମିଲନାଡୁର ଯେଦୁୟେରେପା ସରକାର ସେଠାରୁ ଫେରିବାକୁଥିବା ଶ୍ରମିକମାନଙ୍କୁ ଫେରିବାକୁ ନଦେବାର କାରଣ କ’ଣ? ଏ ପ୍ରସଙ୍ଗରେ ଏମିତି ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରିବା ସ୍ୱାଭାବିକ୍। ବିରୋଧି ଦଳମାନେ ଆନ ସାମୁଦ୍ରିକ ବାତ୍ୟାକୁ ରାଷ୍ଟ୍ରୀୟ ବିପଦ ଘୋଷଣା କରିବା ପାଇଁ ଦାବି କରିଥିଲେ। ଏହି ଦାବି କଣ ଅଯୁକ୍ତିକର? ଭାରତ ଭଳି ଗଣତାନ୍ତ୍ରିକ ଦେଶରେ ପ୍ରବାସୀ ଶ୍ରମିକଙ୍କ କ୍ଷେତ୍ରରେ ଯାହା କରାଗଲା ଓ ସେମାନଙ୍କୁ ଯେଭଳି ଅଣଦେଖା କରାଗଲା ତାକୁ ଗଣତାନ୍ତ୍ରିକ ବ୍ୟବସ୍ଥାର ଅନୁକୂଳ ବୋଲି କୁହାଯିବ କିପରି? ଗଣତାନ୍ତ୍ରିକ ବ୍ୟବସ୍ଥା ହେଉଛି ଜନତାଙ୍କର ଜନତାଙ୍କ ପାଇଁ ଏବଂ ଜନତାଙ୍କ ଦ୍ୱାରା ଶାସନ। କିନ୍ତୁ ଲକ୍‌ଡାଉନ୍ ସମୟରେ ପ୍ରବାସୀ ଶ୍ରମିକମାନଙ୍କୁ ଯେଭଳି ଅଣଦେଖା କରାଗଲା ତାହା ଠିକ୍ ନୁହେଁ। ସରକାର କେନ୍ଦ୍ରର ହେଉ ଅଥବା ରାଜ୍ୟର ସେମାନେ ଜନତାଙ୍କୁ ଆଦୌ ଅଣଦେଖା କରିବା ଉଚିତ୍ ନୁହେଁ। ସ୍ୱାର୍ଥ ରାଜନୀତି ଓ ଦଳଗତ ରାଜନୀତିରୁ ଉର୍ଦ୍ଧ୍ୱରେ ରହି କୋରେନା ଭଳି ମହାମାରୀର ମୁକାବିଲା କରିବା ସମସ୍ତଙ୍କର ଧେୟ ହେବା ଉଚିତ୍ ଏବଂ ଦେଶହିତ ପାଇଁ ଏକଜୁଟତା ମଧ ଜରୁରୀ। ସଂଘବାଦର ଭାବନା ଆମ ସମ୍ବିଧାନର ମୂଳ ଉଦ୍ଦେଶ୍ୟ। ଏକଥାକୁ ଦୃଷ୍ଟିରେ ରଖି କେନ୍ଦ୍ରସରକାର କାର୍ଯ୍ୟ କଲେ ଦେଶର ବିକାଶ ନିଶ୍ଚୟ ହେବ।

ରାମଚନ୍ଦ୍ରପୁର, ରଣପୁର,
ମୋ.-୯୪୩୮୪୮୫୦୯୪

# ସଂକ୍ରମଣ କାଳରେ ସଂଘର୍ଷ

**ସୌମେନ୍ଦ୍ର ଜେନା**

ସମଗ୍ର ପୃଥିବୀର ଦୁଇଶହରୁ ଅଧିକ ଦେଶରେ ସଂପ୍ରତି ଚୀନା ଭାଇରସର ଆକ୍ରମଣ ଜାରି ରହିଛି । ଦିନକୁ ଦିନ ସଂକ୍ରମିତ ସଂଖ୍ୟା ବଢୁଥିଲା ବେଳେ ମୃତ ବ୍ୟକ୍ତିଙ୍କ ସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗିଛି । ଚୀନର ଵୁହାନ ଗବେଷଣାଗାରରେ ସୃଷ୍ଟି ହୋଇଥିବା ଏହି କୀଟାଣୁର ଆକ୍ରମଣ ଯୋଗୁ ଶହଶହ କୋଟି ଜନସାଧାରଣଙ୍କୁ ଗୃହବନ୍ଦୀ ହେବାକୁ ପଡିଛି । ଯୋଗାଯୋଗ, ବାଣିଜ୍ୟ, ଶିକ୍ଷା, କୃଷି ଆଦି ବିବିଧ କ୍ଷେତ୍ରରେ କାର୍ଯ୍ୟବନ୍ଦ ରହିଛି । ଫଳରେ ଲକ୍ଷଲକ୍ଷ କୋଟି କ୍ଷତି ହେବା ସହ ସବୁ ଦେଶରେ ଲୋକେ ରୋଜଗାର ହରାଇବା ସ୍ପଷ୍ଟ ହୋଇଗଲାଣି । ଏହି କୀଟାଣୁର ସଂକ୍ରମଣରେ କ୍ଷତିଗ୍ରସ୍ତ ବିଶ୍ୱ ଏବେ ଏହାର ପ୍ରକୃତ ଉତ୍ସ ଖୋଜିବାକୁ ଦାବି କଲାବେଳେ ଏହାର ଜନ୍ମଦାତା ଚୀନ ସମେତ ଅଳ୍ପ କେତେକ ସମର୍ଥକ ରାଷ୍ଟ୍ର ଏହାର ବିରୋଧରେ ରହିଛନ୍ତି । ପ୍ରଥମେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଯେପରି ଏହାର ଅନୁସନ୍ଧାନ ନକରେ ସେଥିପାଇଁ ଚୀନ ସରକାର ଚାପ ପ୍ରୟୋଗ କଲେ । ଏପରିକି ଏହି ସଂଗଠନକୁ ଆମେରିକା ଅର୍ଥ ଦେବନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଘୋଷଣା କଲାପରେ ଚୀନ ୩୦ ମିଲିଅନ ଡଲାର ଦେବାକୁ ପ୍ରକାଶ କଲା । ସଂଗଠନର ମୁଖ୍ୟ ଟ୍ରେଡୋସଙ୍କୁ ଚୀନ କର୍ତ୍ତୃପକ୍ଷ ବହୁ ପୂର୍ବରୁ ନିଜ ସପକ୍ଷରେ ରଖି ଏହାର ଭୟାବହତାକୁ ନେଇ ଭ୍ରମାତ୍ମକ ତଥ୍ୟ ପ୍ରକାଶ କରାଉଥିଲେ । ଏପରିକି ମଣିଷରୁ ମଣିଷକୁ ଏହି କୀଟାଣୁ ସଂକ୍ରମିତ ହେବାର ସମ୍ଭାବନା ନଥିବା ନେଇ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଗତ ଜାନୁଆରୀ ମାସରେ ସୂଚନା ପ୍ରଦାନ କରାଯାଇଥିଲା । ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଉଭୟ ଚୀନ ସରକାର ଏବଂ ବିଶ୍ୱସ୍ୱାସ୍ଥ୍ୟ ସଂଗଠନକୁ ଏଥିପାଇଁ ଦୋଷୀଥିବା ପ୍ରକାଶ କରି ଚୀନ ସରକାରଙ୍କ ବିରୋଧରେ ନିଜର ଅସନ୍ତୋଷ ବ୍ୟକ୍ତ କଲେ । ଆମେରିକାର କମ୍ପାନୀମାନଙ୍କୁ ଚୀନରୁ ବାହାରିଆସିବା ଲାଗି ଆହ୍ୱାନ ଦେବା ସହ ଚୀନ ସହ ବାଣିଜ୍ୟ ହ୍ରାସ ପାଇଁ ଘୋଷଣା କଲେ । ଏହାକୁ କେନ୍ଦ୍ରକରି ଚୀନ-ଆମେରିକା ମଧରେ ସଂଘର୍ଷର ବାତାବରଣ ସୃଷ୍ଟି ହେବା ସହ ଚୀନ ନିଜର ଦୋଷକୁ ଲୁଚାଇବା ପାଇଁ ଅନେକ ଦେଶକୁ ନାଲିଆଖି ଦେଖାଇବା ଆରମ୍ଭ କରିଛି । ଉତ୍ତେଜନା ସୃଷ୍ଟି କରି ସମସ୍ତଙ୍କ ଦୃଷ୍ଟିକୁ ମୂଳ ସମସ୍ୟାରୁ ହଟାଇବାକୁ ପ୍ରୟାସ ଜାରି ରଖିଛି ।

ଦେଖିବାକୁ ଗଲେ କୋରୋନା ଭାଇରସ ଯୋଗୁ ପୃଥିବୀରେ ୫,୩୦,୪୩୬୪ ବ୍ୟକ୍ତି ୨୩ ମଇ ସୁଦ୍ଧା ସଂକ୍ରମିତ ହୋଇଥିଲାବେଳେ ୩,୪୦,୦୦୦ ଲୋକେ ମୃତ୍ୟୁବରଣ କରିସାରିଲେଣି । ମୃତ ରୋଗୀଙ୍କ ମଧରେ ଆମେରିକାରେ ୯୭,୬୪୭, ରୁଷିଆରେ ୩୨୪୯, ବ୍ରାଜିଲରେ ୨୧,୧୧୬. ବ୍ରିଟେନରେ ୩୬,୩୯୩, ସ୍ପେନରେ ୨୮,୬୨୮ ଇଟାଲୀରେ ୩୨୬୧୬, ଜର୍ମାନୀରେ ୮୩୫୨, ତୁର୍କୀରେ ୪୧୭୬, ଫ୍ରାନ୍ସରେ ୨୮୨୮୯, ଇରାନରେ ୭୩୦୦, ଭାରତରେ ୩୭୨୬, ପେରୁରେ ୩୨୪୪, କାନାଡାରେ ୬୨୫୦, ବେଲଜିଅମରେ ୯୨୧୨ ମେକ୍‌ସିକୋରେ ୬୯୮୯, ନେଦରଲ୍ୟାଣ୍ଡରେ ୫୭୮୮, ଇକ୍ୱେଡରରେ ୩୦୫୬, ସ୍ୱିଡେନରେ ୩୯୨୫, ପର୍ତ୍ତୁଗାଲରେ ୧୨୮୯, ରୋମାନିଆରେ ୧୧୬୬,ଚୀନରେ ମାତ୍ର ୪୬୩୪ ଜଣ ରହିଛନ୍ତି । ସମଗ୍ର ପୃଥିବୀରେ ଲୋକେ ମୃତ୍ୟୁବରଣ କରୁଥିବାବେଳେ ଏହି ଘଟଣାର ପ୍ରକୃତ ଅନୁସନ୍ଧାନ ହେବ ବୋଲି ସମସ୍ତେ ଚାହୁଁଛନ୍ତି । କିନ୍ତୁ ଚୀନ ଏହି ଅନୁସନ୍ଧାନକୁ ବିରୋଧ କରି ପୃଥିବୀର ଅନେକ ଦେଶକୁ କେବଳ ନାଲିଆଖି ଯେ ଦେଖାଉଛି ତା ନୁହେଁ । ସେ ଦିଗରେ ନିଜର ସାମରିକ ଶକ୍ତି ପ୍ରଦର୍ଶନ କରିବାରେ ଲାଗିଛି । ପ୍ରଥମେ ଆମେରିକା ସରକାର ଏବଂ ପରେ ଅଷ୍ଟ୍ରେଲିଆ ପକ୍ଷରୁ ଚୀନ ସରକାରଙ୍କ କୀଟାଣୁ ସଂପର୍କୀତ ବିଳମ୍ବିତ ସୂଚନାକୁ ସମାଲୋଚନା କରାଯାଇଥିଲା । ଚୀନ କର୍ତ୍ତୃପକ୍ଷ ଅଷ୍ଟ୍ରେଲିଆକୁ ନିଜ ଛାତ୍ରଛାତ୍ରୀଙ୍କୁ ପଢିବା ଲାଗି ନପଠାଇବା, ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ ବନ୍ଦ କରିବାକୁ ଧମକ ଶୁଣାଇଲେ । ଅଷ୍ଟ୍ରେଲିଆର କାର୍ଲି ଉପରେ ପ୍ରତିବନ୍ଧକ ଲଗାଇଲେ । ସେମିତି ଭାରତ ଯେପରି ଆମେରିକାର ଦାବିକୁ ସମର୍ଥନ ନକରେ ସେଥିପାଇଁ ସିକିମ୍ ସୀମାର ନାକୁଲା ଏବଂ ଲଦାଖ ସୀମାରେ ଚୀନା ସେନାପକ୍ଷରୁ ଉତ୍ତେଜନା ସୃଷ୍ଟି କରାଗଲା । କୈଳାସ ମାନୋସରୋବର ଯାତ୍ରାପଥକୁ ସୁଗମ କରିବା ଲାଗି ଉତ୍ତରାଖଣ୍ଡ ରାଜ୍ୟର ଲିପୁଲେଖକୁ ଯୋଡୁଥିବା ସଡକପଥ ଉଦ୍‌ଘାଟନ ପରେ ଏହି ଅଞ୍ଚଳ ନିଜର କହିବାକୁ ନେପାଳକୁ ଚୀନ କର୍ତ୍ତୃପକ୍ଷ କହିଲେ । ଏହାର କିଛିଦିନ ପୂର୍ବରୁ ନେପାଳ ସରକାରରେ ସୃଷ୍ଟି ହୋଇଥିବା ରାଜନୀତିକ ଅସ୍ଥିରତାର ସମାଧାନପାଇଁ ଚୀନା କର୍ତ୍ତୃପକ୍ଷ ଉଦ୍ୟମ କରିଥିଲେ । ଫଳରେ ନେପାଳ ସଂସଦରେ ପ୍ରଦର୍ଶିତ ନୂଆ ମାନଚିତ୍ରରେ ଲିପୁଲେଖକୁ ନେପାଳ ନିଜର ବୋଲି ଦର୍ଶାଉଛି । ଭାରତର ଉତ୍ତର ସୀମାନ୍ତରେ କୌଣସି ତାରବାଡ ନଥିବା, ନେପାଳ ଭାରତ ସୀମା ମୁକ୍ତଥିବାରୁ ଏହି ଅଞ୍ଚଳରେ ସୀମା ଉତ୍ତେଜନା ସୃଷ୍ଟିକରି ଚୀନ ଭାରତ ଉପରେ ଚାପ ପ୍ରୟୋଗ କରିବାକୁ ଚାହୁଁଛି । ଏହାକୁ ନେଇ ନେପାଳ କମ୍ୟୁନିଷ୍ଟ ପାର୍ଟିର ଲୋକେ ଲିପୁଲେଖ ନିକଟକୁ ନେପାଳର ପତାକାଧରି ଆସିବାକୁ ଶୋଭାଯାତ୍ରା ପାଇଁ ଉଦ୍ୟମ କଲାବେଳେ ସ୍ଥାନୀୟ ନେପାଳୀ ଲୋକେ ସେମାନଙ୍କୁ ତଡି ଦେଇଥିବା ଖବର ମିଳିଛି । ସଂକ୍ରମଣ ସମୟରେ ଦକ୍ଷିଣ କୋରିଆ ସୀମାରେ ଚୀନର ଯୁଦ୍ଧବିମାନର ଉଡାଣ, ତାଇୱାନ ସୀମାରେ ଚୀନା ଯୁଦ୍ଧବିମାନର ପଇଁତରା, ଜାପାନ ନିକଟସ୍ଥ ଦ୍ୱୀପ ନିକଟରେ ଚୀନର ପୋତ ସମୁଦ୍ର ଜଳରେ ପଇଁତରା ମାରିବା, ଦକ୍ଷିଣ ଚୀନ ସାଗରରେ ତିନି ଏପ୍ରିଲରେ ଭିଏତନାମର ମାଛଧରା ବୋଟକୁ ଚୀନ ନୌସେନା ଧକ୍କା ମାରି ବୁଡାଇଦେବା ଦ୍ୱାରା ୬ଜଣ ମତ୍ସଜୀବୀ ମୃତ୍ୟୁବରଣ କରିବା ଫିଲିପାଇନ୍‌ସ ଜଳସୀମାରେ ଚୀନର ଯୁଦ୍ଧପୋତ ପ୍ରବେଶ କରିବା ପାକ୍, ଅଧିକୃତ କାଶ୍ମିରରେ ଏକ ନଦୀବନ୍ଧ ପ୍ରକଳ୍ପ ପାଇଁ ବୁଝାମଣା ପରି ଉତ୍ତେଜନା ବୃଦ୍ଧିକାରୀ କାର୍ଯ୍ୟ ଚୀନ ପକ୍ଷରୁ ଜାରି ରହିଛି । କେବଳ ସେତିକି ନୁହେଁ ସଂକ୍ରମଣ କାଳରେ ଭାରତ ମହାସାଗରକୁ ଅନେକଗୁଡିଏ ଯୁଦ୍ଧପୋତ ଜଳପଥ-ଦସ୍ୟୁଙ୍କୁ ନିୟନ୍ତ୍ରଣ ପାଇଁ ପଠାଇଥିବା କଥା କହୁଥିବା ଚୀନର ଅଭିସନ୍ଧିକୁ ନେଇ କେହି ଆଶ୍ଚର୍ଯ୍ୟ ହେବାର ନାହିଁ । କହିବାକୁ ଗଲେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ କଡା ଆଭିମୁଖ୍ୟ ନେଇ ଚୀନ କର୍ତ୍ତୃପକ୍ଷ ଭୟଭୀତ ଅବସ୍ଥାରେ ରହିଛନ୍ତି । କାରଣ ଟ୍ରମ୍ପ ସରକାର ଭାରତ-ପ୍ରଶାନ୍ତ ମହାସାଗରସ୍ଥ ନୌ-ଭେଳାକୁ ତାଇୱାନ ନିକଟକୁ ପଠାଇଛନ୍ତି । ତେଣୁ ରୁଷିଆର ସମର୍ଥନ ନେଇ ଚୀନ ସରକାର ଉଦ୍ୟମ କରିଆସିଥିଲେ । ଏପରିକି ରୁଷିଆରେ ରାଷ୍ଟ୍ରପତି ପୁଟିନ ମଧ ଚୀନକୁ ରକ୍ଷା କରିବାକୁ ଘୋଷଣା ମଧ କରିସାରିଥିଲେ । ହେଲେ ଅଷ୍ଟ୍ରେଲିଆ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାରେ ଆଗତ ପ୍ରସ୍ତାବ ସପକ୍ଷରେ ସଂଖ୍ୟାଧିକ ରାଷ୍ଟ୍ରଗୁଡିକର ସମର୍ଥନ ଦେଖି ରୁଷିଆ ଶେଷ ମୁହୂର୍ତ୍ତରେ ମତ ବଦଳାଇବାକୁ ବାଧ ହୋଇ ପ୍ରସ୍ତାବ ସପକ୍ଷରେ ସମର୍ଥନ ଦେବା ଫଳରେ ଜାତିସଂଘର ପଞ୍ଚ ମହାଶକ୍ତିଙ୍କ ମଧରେ ଚୀନ ଏବେ ଏକାକୀ ହୋଇପଡିଛି । ଗୋଟିଏ ପଟେ ସାରା ବିଶ୍ୱରେ କୀଟାଣୁକୁ ଖେଳାଇ ମହାମାରୀ ରୂପ ଦେବାରେ ଖଳନାୟକ ଭୂମିକାରେ ଥିବା ଚୀନ ଏବେ ନିଜକୁ ମହାନାୟକ ଭାବେ ଉପସ୍ଥାପିତ କରିବାକୁ ଉଦ୍ୟମ ଚଳାଇଛି । ଯେଉଁସବୁ ଦେଶ ଚୀନ ସରକାରଙ୍କ ଭୂମିକାକୁ ସମାଲୋଚନା କରୁଛନ୍ତି ସେମାନଙ୍କ ବିରୋଧରେ ପଦକ୍ଷେପ ନେବାକୁ ଚୀନ ପରୋକ୍ଷରେ ଧମକ ଦେଉଛି । ଭାରତକୁ ଔଷଧ ନିର୍ମାଣ ସାମଗ୍ରୀର ରପ୍ତାନୀ ବନ୍ଦ କରିବା ହେଉ କିମ୍ବା ଅଷ୍ଟ୍ରେଲିଆ ବାଣିଜ୍ୟ ସୁବିଧାକୁ ସଂକୁଚିତ କରିବା ହେଉ ଏସବୁ ଚୀନର ସାମ୍ରାଜ୍ୟବାଦୀ ଆଭିମୁଖ୍ୟର ଗୋଟିଏ ଗୋଟିଏ ପ୍ରମାଣ । କୀଟାଣୁ ମାଧମରେ ସମଗ୍ର ବିଶ୍ୱର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଥିବା ଚୀନ ଏବେ ନିଜର ଆର୍ଥିକ ଓ ସାମରିକ ଶକ୍ତି ପ୍ରୟୋଗ କରି ଅନ୍ୟମାନଙ୍କୁ ଭୟଭୀତ କରିବାକୁ ଚାହୁଁଛି । ହେଲେ ଏହି ଉଦ୍ୟମ ସଫଳ ହେବାପରି ଜଣାପଡୁନାହିଁ । କାରଣ ଚୀନର ବନ୍ଧୁ ଅପେକ୍ଷା ଶତ୍ରୁ ସଂଖ୍ୟା ଏବେ ପୃଥିବୀରେ ଅଧିକ । ତାଇୱାନକୁ ଦଖଲ କରିବା ପାଇଁ ୱାନ ଚାଇନା କଥା ଚୀନ କହୁଥିବା ବେଳେ ଭାରତର ଅଖଣ୍ଡତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନାହିଁ କି ହଂକଂବାସୀଙ୍କୁ ସେମାନଙ୍କ ଅଧିକାର ଦେବାକୁ ଚାହୁଁନାହିଁ । ଏପ୍ରକାର ଦୋମୁହାଁ ନୀତି ପାଇଁ ଆଗାମୀ ଦିନରେ ଚୀନକୁ ଅନ୍ୟମାନଙ୍କ ବିରୋଧକୁ ସହିବାକୁ ହେବ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ସଂସ୍କାର ପଥେ...

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) କାର୍ଯ୍ୟନିର୍ବାହୀ ବୋର୍ଡର ଅଧକ୍ଷ ପଦକୁ ଭାରତ ନିର୍ବାଚିତ ହେବା ଏକ ସୁଖଦ ସମ୍ବାଦ । ସ୍ୱାସ୍ଥ୍ୟ ସଂପର୍କିତ ଏହି ବିଶ୍ୱ ସଂଗଠନ ଦୀର୍ଘ ବର୍ଷ ଧରି ମାନବ କଲ୍ୟାଣ ଦିଗରେ କାର୍ଯ୍ୟ କରିଆସୁଛି । ତେଣୁ ଏହାର ନୀତି ନିର୍ଦ୍ଧାରଣ ବୋର୍ଡର ମୁଖ୍ୟ ଭାବେ ତିନିବର୍ଷ ପାଇଁ କାର୍ଯ୍ୟ କରିବାର ସୁଯୋଗ ଭାରତକୁ ମିଳିବା ଏବଂ ସର୍ବସମ୍ମତ ଭାବେ ଭାରତକୁ ନିର୍ବାଚିତ କରାଯିବା ଦେଶ ପାଇଁ ଗର୍ବ ଓ ଗୌରବର କଥା । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ଏହି ପଦଲାଭ ମଣ୍ଡନ କରିବେ । ତେବେ ଯେକୌଣସି ଦାୟିତ୍ୱ ସହ କର୍ତ୍ତବ୍ୟ ଗୁନ୍ଥି ହୋଇ ରହିଥାଏ ଏବଂ ଦାୟିତ୍ୱ ଯେତିକି ବଡ଼ କର୍ତ୍ତବ୍ୟ ସେତିକି ଗୁରୁତ୍ୱ । ବିଶେଷକରି ଏବେ ସମଗ୍ର ବିଶ୍ୱକୁ ଆକ୍ରାନ୍ତ କରି ରଖିଥିବା କରୋନା ମହାମାରୀ ପରିପ୍ରେକ୍ଷୀରେ ଡବ୍ଲ୍ୟୁଏଚଓର ଦାୟିତ୍ୱ ଓ କର୍ତ୍ତବ୍ୟ ଢ଼େର ମାତ୍ରାରେ ବୃଦ୍ଧି ପାଇଛି । ପୁଣି ଏହି ବିଶ୍ୱ ସଂଗଠନର ନିରପେକ୍ଷ ଭୂମିକାକୁ ନେଇ ଯୁକ୍ତରାଷ୍ଟ୍ର ଆମେରିକା ସମେତ ଅନେକ ରାଷ୍ଟ୍ର ପ୍ରଶ୍ନ ଉଠାଇଛନ୍ତି । ଯଦି ୩୦ ଦିନ ମଧରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାର କାର୍ଯ୍ୟପଦ୍ଧତିରେ ବ୍ୟାପକ ସଂଶୋଧନ ନଘଟାଏ, ତେବେ ଡବ୍ଲ୍ୟୁଏଚଓକୁ ଆମେରିକା ତାର ଅନୁଦାନ ସବୁଦିନ ଲାଗି ବନ୍ଦ୍ କରିଦେବ ବୋଲି ସେ ଦେଶର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଧମକ ଦେଇଛନ୍ତି । ଆମେରିକା ପଛରେ ୟୁରୋପୀୟ ସଂଘ ସମେତ ଅନେକ ରାଷ୍ଟ୍ରଙ୍କ ନିରବ ସମର୍ଥନ ମଧ ରହିଛି । ମିଳିତ ଜାତିସଂଘ ଛତା ତଳେ ଥିବା ଯେକୌଣସି ବୈଶ୍ୱିକ ସଂଗଠନର ପରିଚାଳନା ସକାଶେ ଆମେରିକାର ଅନୁଦାନ ଓ ସହଯୋଗ ବିଶେଷ ଗ୍ରହଣ କରେ, ତେବେ ଡବ୍ଲ୍ୟୁଏଚଓ ଆପେ ଆପେ ସଂକୁଚିତ ହୋଇଯିବ । ଏହାର ଅନେକ କାର୍ଯ୍ୟକ୍ରମ ବନ୍ଦ୍ ହେବାର ଆଶଙ୍କା ରହିଛି । ଏହା ବିଶ୍ୱ ପାଇଁ ଆଦୌ ଶୁଭଲକ୍ଷଣ ନୁହେଁ । ଡବ୍ଲ୍ୟୁଏଚଓ ଗଠିତ ହୋଇଥିଲା ଦୀର୍ଘ ବର୍ଷ ପୂର୍ବେ । ଏହା ସେତେବେଳର ବାସ୍ତବ ସମସ୍ୟାକୁ ଦୃଷ୍ଟିରେ ରଖି ପରିକଳ୍ପନା କରାଯାଇଥିଲା । ଏକବିଂଶ ଶତାବ୍ଦୀରେ କିଛି ବର୍ଷ ବ୍ୟବଧାନରେ ନିୟମିତ ଭାବେ ଯେଉଁଭଳି ଭୂତାଣୁଜନିତ ମହାମାରୀ ସଂକ୍ରମିତ କରୁଛି ତାର ମୁକାବିଲା ନିମନ୍ତେ ଡବ୍ଲ୍ୟୁଏଚଓ ସକ୍ଷମ ହୋଇପାରୁନାହିଁ । କୋଭିଡ-୧୯ ପରିପ୍ରେକ୍ଷୀରେ ଡବ୍ଲ୍ୟୁଏଚଓର ଦୋଷତ୍ରୁଟିକୁ ବିଳମ୍ବରେ ହେଲେ ସୁଦ୍ଧା ଏହାର ମହାନିର୍ଦ୍ଦେଶକ ଡକ୍ଟର ଟେଡ୍ରୋସ୍ ଘିବ୍ରେସସ ସ୍ୱୀକାର କରିଛନ୍ତି । ଆମେରିକା ଏଥିରେ କ୍ଷୁବ୍ଧ ହେବା ସ୍ୱାଭାବିକ । ଯଦି ବୃହତ୍ତର ମାନବ ସମାଜର କଲ୍ୟାଣ ନିମନ୍ତେ କୌଣସି ଏକ ସଂସ୍ଥା ଅସମର୍ଥ ହୁଏ, ତେବେ ସେଥିରେ ସଂସ୍କାର କିମ୍ବା ପୁନର୍ଗଠନ ଏକାନ୍ତ ଲୋଡ଼ା । ଏବେ ଯେଉଁ ସମୟରେ ଭାରତ ଏହାର କାର୍ଯ୍ୟନିର୍ବାହୀ ବୋର୍ଡର ଦାୟିତ୍ୱ ଗ୍ରହଣ କରିଛି, ସେଥିରେ ପ୍ରଥମେ ସଂସ୍କାର ଘଟାଇବା ପୂର୍ବରୁ ପ୍ରଥମେ ସଂସ୍କାର ବିଶ୍ୱସନୀୟତାକୁ ପୁନଃବହାଲ କରିବା ପ୍ରଥମ କାର୍ଯ୍ୟ ହେବ । ଅନ୍ୟଥା ସଂସ୍କାର ଘଟାଇଲେ ସୁଦ୍ଧା ତାହା ଗ୍ରହଣୀୟ ହେବନାହିଁ ।

ଭାରତ ଏବେ ବିଶ୍ୱ ରାଜନୀତିଠାରୁ ଆରମ୍ଭକରି ଅର୍ଥନୀତି, ବିଜ୍ଞାନ ଓ ପ୍ରଯୁକ୍ତିଗତ ଗବେଷଣା କ୍ଷେତ୍ରରେ ଏକ ମହାଶକ୍ତିଶଳୀ ଭାବେ ମୁଣ୍ଡ ଟେକିଛି । ତେଣୁ ଭାରତର ସ୍ୱରକୁ ପୂର୍ବଭଳି ଏଡ଼ାଇଦେବା ଅନ୍ୟ ସଦସ୍ୟ ରାଷ୍ଟ୍ରଙ୍କ ପାଇଁ ସହଜସାଧ ନୁହେଁ । କିନ୍ତୁ ଏକାକୀ ଭାରତ କୌଣସି କାର୍ଯ୍ୟ କରିପାରିବ ନାହିଁ । ଏଥିପାଇଁ କାର୍ଯ୍ୟନିର୍ବାହୀ ବୋର୍ଡର ଅନ୍ୟ ସଦସ୍ୟ ଏବଂ ସାଧାରଣ ସଦସ୍ୟଙ୍କ ଘନିଷ୍ଠ ସହଯୋଗ ଆବଶ୍ୟକ । ବିଶେଷକରି ଭୟଙ୍କର ସଂକ୍ରାମକ ରୋଗର ଗବେଷଣା, ପୂର୍ବାନୁମାନ, ସେସବୁର ପ୍ରତିଷେଧକ ଟିକା ଉଦ୍ଭାବନ କରିବା ଆଦି ଜରୁରୀ । ଏବେ ଆଉ ହଇଜା, ବସନ୍ତ କିମ୍ବା ପ୍ଲେଗ ମହାମାରୀର ଭୟ ନାହିଁ । ଏପରିକି ଏଡ୍‌ସ ଓ କ୍ୟାନସର ରୋଗ ମଧ ପୃଷ୍ଠଭୂମିକୁ ଠେଲି ହୋଇଗଲାଣି । ବର୍ତ୍ତମାନର ବାସ୍ତବତା ହେଉଛି ସାର୍ସ, ଇବୋଲା, ବାର୍ଡ ଫ୍ଲୁ, ସ୍ୱାଇନ ଫ୍ଲୁ ଅବା କୋଭିଡ-୧୯ । ଚିକିତ୍ସା ବିଜ୍ଞାନର ଗବେଷଣା ଯେତେ ପ୍ରଖର ଓ ବ୍ୟାପକ ହେଲେ ସୁଦ୍ଧା ତାହା ଯେ ଏପରି ଭୂତାଣୁ ସଂକ୍ରମଣକୁ ରୋକିବାକୁ ପର୍ଯ୍ୟାପ୍ତ ନୁହେଁ, ତାହା ସ୍ୱୀକାର୍ଯ୍ୟ । ତେଣୁ ଏବେ ଆଉ କୌଣସି ରାଷ୍ଟ୍ର ଏକାକୀ ନିଜକୁ ଶକ୍ତିଶାଳୀ କିମ୍ବା ସ୍ୱୟଂସଂପୂର୍ଣ୍ଣ ବୋଲି ଭାବି ପାରିବନାହିଁ । ଏଥିପାଇଁ ସମୂହ ପ୍ରୟାସ ଲୋଡ଼ା । ସମଗ୍ର ବିଶ୍ୱକୁ ଏକ ପରିବାର ବୋଲି ଚିନ୍ତନରେ ବିଶ୍ୱାସୀ ଭାରତ ଡବ୍ଲ୍ୟୁଏଚଓରେ ଆବଶ୍ୟକ ସଂସ୍କାର ଆଣି ପୁଣି ଥରେ ଏହାକୁ ସାର୍ବଜନଗ୍ରାହ୍ୟ କରିବ ବୋଲି ଆଶା କରାଯାଇପାରେ । କେବଳ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ନୁହେଁ, ସମଗ୍ର ଜାତିସଂଘ ବ୍ୟବସ୍ଥାରେ ଏପରି ସଂସ୍କାରର ଜରୁରି ଆବଶ୍ୟକତା ରହିଛି । ଭାରତର ମଧ ଏଥିରେ ଏକ ବୃହତ୍ତର ଭୂମିକା ଗ୍ରହଣ କରିବାର ଅଛି । ଏହା ହେଉଛି ସମୟର ବାସ୍ତବତା ।




## କରୋନାକୁ ଡରନା

**ସୁଧାକର ରାଉତ**

ଚୀନରୁ କରୋନା ହୋଇଣ ସୃଷ୍ଟି
ସାରା ବିଶ୍ୱେ କରେ ଆତଙ୍କ ବୃଷ୍ଟି
ଭୟରେ ଥରେ ଜଗତ
କରୋନା ଏ ଦେଶେ ହାର ମାନିଯିବ
ହୋଇଲେ ଆଗୁ ପ୍ରସ୍ତୁତ ।

ପରିସ୍ଥିତି ଧିରେ ହୁଏ ଗମ୍ଭୀର
କିସ ଏକା କରିବେ ସରକାର
ସର୍ବେ ହେଲେ ସଚେତନ
ସଙ୍କଟରୁ ଆମେ ଉଦ୍ଧାର ପାଇବା
କରି ଦୃଢ଼ ନିଜ ମନ ।

ପରସ୍ପର ମଧେ କର ମର୍ଦ୍ଦନ
କି ଅବା ଆନନ୍ଦରେ ଆଲିଙ୍ଗନ
ନ କରିଣ ନମସ୍କାର
କରିବା ଏବେଠୁ ସଭିଏଁ ନିଶ୍ଚିତ
ସଂସ୍କୃତି ଏ ଭାରତର ।

ସାବୁନ୍ ହେଉ ବା ହ୍ୟାଣ୍ଡ ୱାସ୍‌ରେ
ଧୋଇବାଟି ହାତ ଭଲଭାବରେ
ନିୟମିତ ବ୍ୟବଧାନେ
ଅଧୁଆ ହାତରେ ସ୍ୱର୍ଶ ନ କରିବା
ନାକ, ପାଟି ବା ନୟନେ ।

ଭୋଜିଭାତ ଅବା ଜନ ଗହଳି
ଏକ ସ୍ଥାନେ କେବେ ନହେବା ମେଳି
କାଶ, ଛିଙ୍କ ସହ ଜ୍ୱରର
ହୋଇଲେ ଯାକୁ ଅଣଦେଖା ନକରି
କରିବା ତା ପ୍ରତିକାର ।

ମୁହଁରେ ସଦା ମାସ୍କ ପିନ୍ଧିଣ
ଦୁରେଇବା ଭୂତାଣୁ ସଂକ୍ରମଣ
ଖାଇବା ନାହିଁ ଆମିଷ
ଉଷୁମ ପାଣି ପ୍ରତିଦିନ ପିଇବା
ନରହିବା ଭୟ ଲେଶ ।

ବିଶ୍ୱାସ ନକରି ତିଳେ ଗୁଜବ
ସୃଷ୍ଟି କରି ସଚେତନତା ଭାବ
ଏ ତ ଶ୍ରେଷ୍ଠ ପ୍ରତିକାର
ସଭିଏଁ ମିଳିଣ ସଂଗ୍ରାମ କରିଲେ
ହଟିବ କରୋନା ଡର ।

+ ପ୍ରତାପ ନଗରୀ, କଟକ
ମୋ : ୮୨୪୯୯୩୨୭୯୨

# ସୁନା ପାଇବା ଖରାପ କାହିଁକି ?



ସୁନା ଏପରି ଏକ ମୂଲ୍ୟବାନ ଧାତୁ, ଯାହା ଉପରେ ପ୍ରାଚୀନକାଳରୁ ସମସ୍ତଙ୍କ ବିଶେଷ ଆକର୍ଷଣ ରହିଛି। ପୁରୁଷଙ୍କ ଅପେକ୍ଷା ମହିଳାଙ୍କର ସୁନା ପ୍ରତି ଅଧିକ ଲୋଭ । ସୁନା କିଣିବା ବେଳେ ଶୁଭ ବେଳାକୁ ଗୁରୁତ୍ୱ ଦିଆଯାଏ । ଘରେ ସୁନା ରହିଲେ ଲକ୍ଷ୍ମୀଙ୍କ ବାସ ହେଉଥିବପାର ବିଶ୍ୱାସ ରହିଛି । ହେଲେ ସୁନା ମିଳିବା ବା ହଜିବା ଅଶୁଭ ବୋଲି କୁହାଯାଏ । ଜ୍ୟୋତିଷ ଅନୁସାରେ, ଗୁରୁ ଗ୍ରହର ରଙ୍ଗ ହଳଦିଆ ଓ ସୁନାର ରଙ୍ଗ ମଧ୍ୟ ହଳଦିଆ । ସୁନାକୁ ଗୁରୁ ପ୍ରଭାବର ଏକ କାରକ ବୋଲି କୁହାଯାଇଥାଏ । ତେଣୁ ସୁନା ପାଇଲେ ବା ହଜାଇଲେ ଗୁରୁର କୁ-ପ୍ରଭାବ ପଡୁଥିବାରୁ ଏହା ଖରାପ ବୋଲି କୁହାଯାଏ । ଏହାଦ୍ୱାରା ପାରିବାରିକ କଳହ ଉପୁନ୍ନ ହୋଇଥାଏ । ଏହାବ୍ୟତୀତ ଗୁରୁର ଅଶୁଭ ପ୍ରଭାବରେ ପରିବାରରେ ଅଯଥା କଳହ ସୃଷ୍ଟି ହୁଏ । କୌଣସି ବ୍ୟକ୍ତି ସୁନା ପାଇଲେ ତାହାକୁ ଅଧିକ ସମୟ ଘରେ ରଖିବା ଉଚିତ୍ ନୁହେଁ । ମିଳିଥିବା ସୁନା ଯେପର୍ଯ୍ୟନ୍ତ ଘରେ ଥିବ ସେତେବେଳ ପର୍ଯ୍ୟନ୍ତ ପରିବାରର କୌଣସି ବ୍ୟକ୍ତି ରୋଗର ପଡ଼ିବା ସୁନିଶ୍ଚିତ । ତେଣୁ ସୁନା ମିଳିଲେ ତାହାକୁ ଲୋଭରେ ଘରେ ନ ରଖି କୌଣସି ମନ୍ଦିରରେ ଦାନ କରିଦେବା ଉଚିତ୍ ।

# ବେଲର ଉପକାରିତା

ତୁଳସୀ ଗଛ ଭଳି ବେଲ ଗଛ ମଧ ଏକ ପବିତ୍ର ଗଛ । ବେଲ ଗଛ ଏକ ବଡ଼ ଗଛ ଓ ଏହା ଭାରତର ସର୍ବତ୍ର ଦେଖିବାକୁ ମିଳିଥାଏ । ବହୁ ଉପକାରୀ ଏହି ଗଛ ବାଡ଼ି ବଗିଚାରେ ଲଗାଯାଉଥିଲେ ମଧ ବଣରେ ବି ଏହା ଉପଲବ୍ଧ ହୋଇଥାଏ । ଏହି ଗଛରେ ଅନେକ ଔଷଧୀୟ ଗୁଣ ଭରପୁର ରହିଛି । ଏହାର ପତ୍ର, ଫୁଲ ଓ ଚେରରେ ବୀଜାଣୁ ପ୍ରତିରୋଧକ ଶକ୍ତି ରହିଥିବାରୁ ନାନା ପ୍ରକାର ସୁଫଳ ସେଥିରୁ ମିଳୁଛି । ଯଥା-

ବେଲ ପତ୍ରକୁ ଚୋବାଇ ଖାଇଲେ କ୍ଷୁଧା ବୃଦ୍ଧି ଘଟିଥାଏ ।

ବେଲପତ୍ର ରସ ସହ ଗୋଲମରିଚ ମିଶାଇ ଖାଇଲେ ପେଟର ନାନାଦି ଗୋଳମାଳ ଦୂର ହୋଇଥାଏ ।

କାମଳ ଓ ଜଣ୍ଡିସ୍ ରୋଗ ହୋଇଥିଲେ, ବେଲପତ୍ର ସହ ଗୋଲମରିଚ ମିଶାଇ ଖାଇଲେ ଉପକାର ମିଳିଥାଏ ।

ନାଳରକ୍ତ ଝାଡ଼ା ହେଉଥିଲେ କଞ୍ଚାବେଲକୁ ନିଆଁରେ ପୋଡ଼ି ଖାଇଲେ ସୁଫଳ ମିଳିବା ସହିତ ପେଟ ରୋଗରୁ ଉପଶମ ମିଳିଥାଏ ।

ଖରାଦିନେ ବେଲ ପଣା ପିଇଲେ ପେଟ ଥଣ୍ଡା ରହିଥାଏ ।



# ମଧୁମେହ ରୋକିବ ଆମ୍ବ ପତ୍ର



ମଧୁମେହ ବା ଡାଇବେଟିସ ରୋଗକୁ କିଏ ନ ଚିହ୍ନିଛି । ଏହା ଏକ ଗମ୍ଭୀର ରୋଗ ଯାହାକୁ ନୀରବ ଘାତକ ବୋଲି ମଧ କୁହାଯାଏ । ରକ୍ତରେ ଗ୍ଲୁକୋଜର ମାତ୍ରା ସାମାନ୍ୟରୁ ଅଧିକ ହେଲେ ଏହି ରୋଗ ହୋଇଥାଏ । ଶାରୀରିକ ବ୍ୟାମ ନକଲେ, ଅତ୍ୟଧିକ ମେଦବହୁଳତା , ଆବଶ୍ୟକତାଠାରୁ ଅଧିକ ଖାଇବା, ଅସନ୍ତୁଳିତ ଜୀବନଶୈଳୀ, ଆଦି ମଧୁମେହ ରୋଗ ହେବାର ମୁଖ୍ୟ କାରଣ । ମଧୁମେହ ଥରେ ଆକ୍ରାନ୍ତ କଲେ ରୋଗୀର ସୁସ୍ଥ ହେବା କଷ୍ଟକର ହୋଇପଡ଼େ । ଆଜି ଆମେ ମଧୁମେହ ରୋଗୀଙ୍କ ପାଇଁ ଏକ ସହଜ ଘରୋଇ ଉପଚାର ବିଧି କହନ୍ତୁ ଯାହା ଆମ୍ବ ପତ୍ରରୁ ମିଳିବ । ପ୍ରଥମେ ୧୦ରୁ ୧୫ଟି କଅଁଳିଆ ଆମ୍ବ ପତ୍ରକୁ ଏକ ପାତ୍ରରେ ରଖି ପାଣି ଦେଇ ଶିଝାନ୍ତୁ । ପାଣି ଫୁଟିଯିବା ପରେ ପୂରା ରାତି ତାକୁ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ । ପରଦିନ ସକାଳେ ଏହି ଆମ୍ବ ପତ୍ର ଶିଝା ପାଣିକୁ ସେବନ କରନ୍ତୁ । ଏହି ପାଣିକୁ ୨ରୁ ୩ ମାସ ପର୍ଯ୍ୟନ୍ତ ସେବନ କରନ୍ତୁ । ଦେଖିବେ ଆପଣଙ୍କର ସୁଗର ଲେଭଲ କମ୍ ହୋଇଯିବ ।

# ମାନସିକ ଚାପ: କାରଣ ଓ ପ୍ରତିକାର



ମାନସିକ ଚାପ ମନର ଏକ ଅସନ୍ତୁଳିତ ଅବସ୍ଥା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତି ହଜାରେ ଜଣରେ ତେୟାଳିଶ ପ୍ରତିଶତ ବ୍ୟକ୍ତି ମାନସିକ ଚାପ ଗ୍ରସ୍ତ । ତମାଖୁ, ଗୁଟ୍‌ଖା, ମାଦକ ଦ୍ରବ୍ୟ ସେବନ ଏହାର ଏହାର ଏକ ପ୍ରମୁଖ କାରଣ । ଏହା ଛଡ଼ା, ଅତ୍ୟଧିକ କାମର ଚାପ ଓ ଦାୟିତ୍ୱ, ଦୀର୍ଘ ସମୟ ଧରି କାର୍ଯ୍ୟକରିବା, ନିଷ୍ପତ୍ତି କିମ୍ବା ପରିଚାଳନାଗତ ଦକ୍ଷତାର ଅଭାବ, ପ୍ରିୟ ବ୍ୟକ୍ତିଙ୍କ ମୃତ୍ୟୁ, ପାରିବାରିକ ସମସ୍ୟା, ଛାଡ଼ପତ୍ର, କମ୍ ଅତ୍ମସମ୍ମାନ, ଦକ୍ଷତା ପ୍ରଦର୍ଶନର ସୁଯୋଗ ନ ମିଳିବା ଆଦି ମାନସିକ ଚାପ ବଢ଼ାଏ । ମନ ସ୍ଥିର ରହେନାହିଁ । କ୍ରୋଧ, ବିଷାଦ, ଅସହାୟ ଭାବ ବଢ଼େ । ଚାପରୁ ମୁକୁଳିବା ଲାଗି ନିଜ ସ୍ତରରେ ଚେଷ୍ଟା କରନ୍ତୁ । ବ୍ୟକ୍ତିଗତ ଭାବେ ସମୀକ୍ଷା କରନ୍ତୁ । ଚାପର କାରଣ ଜାଣନ୍ତୁ ଓ ଚାପରେ ନ ପଡ଼ିବାର ବାଟ ଖୋଜନ୍ତୁ । ପାରିବାରିକ ଓ ବ୍ୟକ୍ତିଗତ ଭାବେ ଖୁସି ରହିବାର କୌଶଳ ବାହାର କରନ୍ତୁ । ଦକ୍ଷତା ଅନୁସାରେ କାମର ଦାୟିତ୍ୱ ନିଅନ୍ତୁ। ନିର୍ଦ୍ଦିଷ୍ଟ ସମୟ ଅବଧିରେ ଅଧିକ କାମ କରିବାକୁ ପ୍ରୟାସ କରନ୍ତୁନାହିଁ । ଏହା ଦ୍ୱାରା ଚାପ ବଢ଼େ । ଯୋଗ, ପ୍ରାଣାୟାମ ଓ ଧ୍ୟାନ, ଶରୀରିକ ଶ୍ରମ, ପ୍ରତିଦିନ ସକାଳେ ଚାଲିବା, ନିଜର ରୁଚି ଓ ପସନ୍ଦ ଅନୁସାରେ ଗୀତ ଶୁଣିବା, ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରାଇବା ଦ୍ୱାରା ଚାପ କମେ । ଏହା ଛଡ଼ା, ଚାପରେ ଥିବାବେଳେ ପ୍ରଶ୍ୱାସର ଗତିକୁ ତୀବ୍ର କରନ୍ତୁ । ପଦ୍ମାସନରେ ବସି, ଆଖି ମୁଦି ପାଞ୍ଚ ମିନିଟଯାଏ ଜୋରରେ ପ୍ରଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ । ଏହା ଦ୍ୱାରା ହୃଦସ୍ପନ୍ଦନ ବଢ଼େ । ରକ୍ତଚାପ କମେ ଓ ଚାପ ଦୂର ହୁଏ ।

ଜୀବନ ଯନ୍ତ୍ରଣାରେ ଅତିଷ୍ଠ ହୋଇ ଜଣେ ଯୁବକ ଗୁରୁଙ୍କ ଶରଣାପନ୍ନ ହେଲେ । ଗୁରୁ କହିଲେ- ଯାଅ, ମୁଠେ ଲୁଣ ଆଣ। ତତ୍‌କ୍ଷଣାତ୍ ଯୁବକ ପଡ଼ିଶା ଘରକୁ ଯାଇ, ମୁଠେ ଲୁଣ ଧରି ଫେରିଲେ। ଗୁରୁ ପାଖରେ ପାଣି ଭର୍ତ୍ତି ପାତ୍ରଟିଏ ରଖିଥିଲେ। ସେଥିରେ ଲୁଣତକ ପକାଇ ଚାଖିବାକୁ କହିଲେ। ଯୁବକ ପାଣିକୁ ଓଠରେ ଲଗାଇ ଥୁ ଥୁ କରି କହିଲେ- ଅତି ଲୁଣିଆ। ପାଟିରେ ଲଗାହେଉନି। ଗୁରୁ କହିଲେ-ଯାଅ, ଆଉ ମୁଠେ ଲୁଣ ଆଣ। ଯୁବକ ସେମିତି କଲେ। ଗୁରୁ, ତାଙ୍କ ସାଙ୍ଗରେ ଧରି କିଛି ଦୂରରେ ଥିବା ଗୋଟିଏ ବଡ଼ ପୋଖରୀ ପାଖକୁ ଗଲେ। ସେ ଗୁରୁଙ୍କ ଉଦ୍ଦେଶ୍ୟ କିଛି ବୁଝିପାରୁ ନଥାନ୍ତି। ଗୁରୁ କହିଲେ- ଏଥର ଲୁଣତକ ପକାଇ, ପାଣିର ସ୍ୱାଦ ଚାଖ। ଯୁବକ ପାଣିରେ ଲୁଣ ପକାଇ ଚାଖି, ପାଣି ମଧୁର ବୋଲି କହିଲେ। ଗୁରୁ ହସି କହିଲେ ତୁମ ମୁଠାରେ ଥିବା ଲୁଣ ଠିକ୍ ଯନ୍ତ୍ରଣା ପରି। ଲୁଣ ଭଳି ଯନ୍ତ୍ରଣାର ପରିମାଣ ସମସ୍ତଙ୍କ ପାଇଁ ସମାନ। କେବଳ ତାହାର ଧରି ରଖିବା ଓ ଅନୁଭବରେ ପରିବର୍ତ୍ତନ ଲୋଡ଼ା। ଛୋଟ ପାତ୍ରରେ ନିରୋଳା ଲୁଣ ରହିବାରୁ ଲୁଣିଆ ଲାଗିଲା। ବଡ଼ ପୋଖରୀର ଅନୁଭୂତ ହେଲାନାହିଁ। ଜୀବନକୁ ଛୋଟିଆ ପାତ୍ରଟିଏ ନକରି ପୋଖରୀ ସଦୃଶ ବୃହତ କର। ଲୁଣ ଭଳି ଯନ୍ତ୍ରଣା ମିଳେଇଯିବ। ଜୀବନ ମଧୁର ଲାଗିବ।

# ତ୍ୱଚା ଅନୁଯାୟୀ ଫେସୱାଶ୍




ଶୁଷ୍କ ତ୍ୱଚାଥିବା ମହିଳାମାନେ ଫେସୱାଶ୍‌ରେ ମୁହଁ ଧୋଇବା ପରେ ତ୍ୱଚା ଆହୁରି ରୁକ୍ଷ ଲାଗେ । ତେଣୁ ସେମାନେ କ୍ରିମ୍ ଏବଂ ତ୍ୱଚାକୁ ନମନୀୟତା ପ୍ରଦାନ କରୁଥିବା ଫେସୱାଶ୍ ବ୍ୟବହାର କରିବାର ଦରକାର । କାରଣ ଏହି ଫେସୱାଶ୍‌ରେ କ୍ଷୀର ଏବଂ କେତେକ ପ୍ରାକୃତିକ ତେଲ ରହିଥାଏ, ଯାହା ତ୍ୱଚାକୁ ଶୁଷ୍କ ହେବାରୁ ରକ୍ଷାକରେ ।

ତ୍ୱଚାରେ ବ୍ରଣ ହେଉଥିଲେ ଏଣୁତେଣୁ ଫେସ୍‌ୱାଶ୍ ବ୍ୟବହାର କରନ୍ତୁ ନାହିଁ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ମେଡିକେଟଡ୍ ଫେସ୍‌ୱାଶ୍ ବ୍ୟବହାର କରନ୍ତୁ । କାରଣ ଅଧିକାଂଶ ମେଡିକେଟଡ୍ ଫେସ୍‌ୱାଶ୍‌ରେ ଥିବା ଆଣ୍ଟିସେପ୍ଟିକ୍ ତତ୍ତ୍ୱ ବ୍ରଣ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।

ତ୍ୱଚାରେ ବ୍ଲାକ୍ ହେଡ୍‌ସ ହୋଇଥିଲେ ଫେସୱାଶ୍ ବଦଳରେ ସ୍କ୍ରବ୍ ବ୍ୟବହାର କରନ୍ତୁ । ବର୍ତ୍ତମାନ ଏପରି ଫେସୱାଶ୍ ମିଳୁଛି ଯାହାକି ଉଭୟ ଫେସୱାଶ୍ ଏବଂ ସ୍କ୍ରବର କାମ କରୁଛି ।

ଖରା ଯୋଗୁ ତ୍ୱଚାରେ ଟ୍ୟାନିଂ ହୋଇଯାଇଥିଲେ ହ୍ୱାଇଟେନିଂ ଫେଶିଆଲ କ୍ଲିଂଜରର ବ୍ୟବହାର କରନ୍ତୁ । ଏଥିରେ ଥିବା ପ୍ରାକୃତିକ ବ୍ଲିଚିଂ ତତ୍ତ୍ୱ ତ୍ୱଚାରେ ଟ୍ୟାନିଂ ଦୂର କରିଥାଏ ।

ବାହାରକୁ ଯାଉଥିଲେ ତ୍ୱଚା ଉପରେ ଅଧିକ ଧୂଳି ଜମିଯିବା ପରି ଅନୁଭବ ହେଉଥିଲେ ଭିଟାମିନ୍ ଇ ଯୁକ୍ତ ଫେସୱାଶ୍ ଚୟନ କରନ୍ତୁ । ଏହା ତ୍ୱଚାକୁ ପୋଷଣ ପ୍ରଦାନ କରିବା ସହ ନଷ୍ଟ ହୋଇଯାଇଥିବା କୋଷଗୁଡ଼ିକୁ ପୁଣି ଥରେ ଜୀବନ୍ତ କରିଥାଏ ।




# ବିନ୍ଦିର ଚମକ



ପୂର୍ବରୁ ବିବାହିତା ମହିଳାମାନେ ମଥାରେ ସିନ୍ଦୂର ଏବଂ ଝିଅମାନେ କୁଙ୍କୁମ ଲଗାଉଥିଲେ । ଧୀରେଧୀରେ ଏହି ଧାରାରେ ପରିବର୍ତ୍ତନ ଆସିଯାଇଛି । ସିନ୍ଦୂର ଓ କୁଙ୍କୁମ ବଦଳରେ ଝିଅ ଏବଂ ମହିଳାମାନେ ଏବେ ମଥାରେ ବିନ୍ଦି ଲଗାଉଛନ୍ତି । ଫଳରେ ବିନ୍ଦି ଏକ ବଡ଼ ବ୍ୟବସାୟରେ ପରିଣତ ହୋଇଯାଇଛି । ବିନ୍ଦି ନିର୍ମାତାଙ୍କ କହିବାନୁଯାୟୀ, ଏ କ୍ଷେତ୍ରରେ ବ୍ୟବସାୟର ବ୍ୟାପକ ସୁଯୋଗ ରହିଛି । ପୂର୍ବାପେକ୍ଷା ମହିଳାମାନେ ଏବେ ବିନ୍ଦି କିଣିବାରେ ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି । ଏପରିକି ଜଣେ ଜଣେ ଗ୍ରାହକ ଏକାଥରେ ୨ ହଜାର ଟଙ୍କା ଲେଖାଁଏ ବିନ୍ଦି କିଣୁଛନ୍ତି । ଅନେକ ମହିଳା ପାଶ୍ଚାତ୍ୟ ଡିଜାଇନ୍‌ର ପୋଷାକ ପିନ୍ଧୁଥିଲେ ମଧ୍ୟ ବିନ୍ଦିର ବ୍ୟବହାର ଛାଡ଼ିନାହାନ୍ତି । ଓଡ଼ିଶା ମହିଳାମାନେ ପରମ୍ପରାକୁ ବଜାୟ ରଖିବା ଲାଗି ତୃତୀୟ ନୟନର ଉପର ଅଡ଼କୁ କପାଳରେ ବିନ୍ଦି ଲଗାଇବା ଦେଖିବାକୁ ମିଳିଥାଏ । ବିନ୍ଦିକୁ ନେଇ ଆମର ଏହି ସ୍ୱତନ୍ତ୍ର ଉପସ୍ଥାପନା:-





### ୨ହଜାରରୁ ଅଧିକ ଡିଜାଇନ୍

ବଜାରରେ ପ୍ରାୟ ଦୁଇ ହଜାରରୁ ଅଧିକ ଡିଜାଇନର ବିନ୍ଦି ଉପଲବ୍ଧ ହେଉଛି । ବୟସ ଏବଂ ପସନ୍ଦ ଅନୁସାରେ ମହିଳାମାନେ ଭିନ୍ନ ଭିନ୍ନ ଡିଜାଇନ ଓ ଫେସନର ବିନ୍ଦି କିଣୁଛନ୍ତି ।

### ଦାମ ୨ଟଙ୍କାରୁ ଆରମ୍ଭ-

ବଜାରରେ ବିନ୍ଦି ପ୍ୟାମେଟର ମୂଲ୍ୟ ୨ଟଙ୍କାରୁ ଆରମ୍ଭ ହେଉଛି । ସାଧାରଣ ଛୋଟ ପ୍ୟାକେଟ ବିନ୍ଦିର ମୂଲ୍ୟ ୨ଟଙ୍କା ଏବଂ ୫ଟଙ୍କା ହୋଇଥିବାବେଳେ ବଡ଼ ପ୍ୟାକେଟ ବିନ୍ଦିର ମୂଲ୍ୟ ୧୦ଟଙ୍କା ଓ ୧୫ଟଙ୍କାରୁ ଆରମ୍ଭ ହେଉଛି । ଦୈନନ୍ଦିନ ବ୍ୟବହାର ପାଇଁ ଉପଲବ୍ଧ ବିନ୍ଦିର ମୂଲ୍ୟ କମ୍ ଥିବାବେଳେ ପାର୍ଟି ଏବଂ ବିଭିନ୍ନ ପ୍ରକାର ଉତ୍ସବ ପାଇଁ ରହିଥିବା ବିନ୍ଦିର ଦାମ୍ ଅପେକ୍ଷାକୃତ ଭାବେ ଅଧିକ ରହିଛି । ଏତଦ୍ବ୍ୟତୀତ ବିବାହ ଭଳି ସ୍ୱତନ୍ତ୍ର ଉତ୍ସବ ପାଇଁ ଉପଲବ୍ଧ ବିନ୍ଦିର ଦାମ୍ ଅଧିକ ରହିଛି । ସେଗୁଡ଼ିକର ମୂଲ୍ୟ ୧୦୦ଟଙ୍କାରୁ ଆରମ୍ଭ କରି ଦେଢ଼ ଶହ ଏବହ ଦୁଇ ଶହ ଯଙ୍କା ପର୍ଯ୍ୟନ୍ତ ରହିଛି ।

### ରଙ୍ଗ, ଆକୃତି ଓ ଆମାରରେ ଭିନ୍ନତା:-

ବଜାରରେ ଉପଲବ୍ଧ ହେଉଥିବା ବିନ୍ଦିର ରଙ୍ଗ, ଆକୃତି ଏବଂ ଆକାରରେ ଭିନ୍ନତା ରହିଛି । ପୂର୍ବେ ପ୍ରାୟତଃ ଲାଲ ରଙ୍ଗର ବିନ୍ଦି ମିଳୁଥିବାବେଳେ ଏବେ କଳା, ଧଳା, ମେରୁନ୍, ସମେତ ମଲ୍ଟି କଲର ବିନ୍ଦି ମିଳୁଛି । ସେହିଭଳି ବିନ୍ଦି କହିଲେ କେବଳ ଗୋଲାକାରରେ ସୀମିତ ନାହିଁ ଅଣ୍ଡାକୃତି, ସର୍ପାକୃତି ଏବଂ ଅର୍ଦ୍ଧ ଚନ୍ଦ୍ରାକାର, ଠିକିରି ଭଳି ଆକୃତିର ବିନ୍ଦି ବିକ୍ରି ହେଉଛି । ଏସବୁର ଆକାର ପୁଣି ଭିନ୍ନ ଭିନ୍ନ ରହିଛି । ଛୋଟଠାରୁ ଆରମ୍ଭ କରି ମଧ୍ୟମ ଧରଣ ଏବଂ ବୃହଦାକାରବିନ୍ଦି ସୋ ରୁମ୍ ଗୁଡ଼ିକରେ ମିଳୁଛି ।

### କୋଟିର ବଜାର :-

ବିନ୍ଦି ବଜାର ଏକ ଅସଙ୍ଗଠିତ ବଜାର ହୋଇଥିବାରୁ ଏହି ବଜାରର ଆକାର ନିର୍ଦ୍ଦିଷ୍ଟ ଭାବେ କେତେ ତାହା ଆକଳନ କରିବା କଷ୍ଟକର । ତଥାପି ପାଇକାରୀ ବ୍ୟବସାୟୀ ଓ ଖୁଚୁରା ବ୍ୟବସାୟୀ ଓ ବଜାର ବିଶ୍ଳେଷକଙ୍କ କହିବା ଅନୁଯାୟୀ ଏହି ବଜାରର ଆକାର ଏବେ ଦେଶର ୫୦୦ କୋଟି ଟଙ୍କାରୁ ଅଧିକ ହୋଇସାରିଛି । ଆଗାମୀ କିଛିବର୍ଷ ମଧ୍ୟରେ ଏହି ବଜାର ଆକାର ହଜାରେ କୋଟି ଟଙ୍କା ଟପିଯିବ ବୋଲି ସେମାନେ ଅନୁମାନ କରୁଛନ୍ତି ।



### ଅନଲାଇନରେ ବି ମିଳୁଛି :-

କେବଳ ସେ ସୋରୁମରେ ବିନ୍ଦି ମିଳୁଛି ତାହା ନୁହେଁ, ଅନଲାଇନରେ ମଧ୍ୟ ବିନ୍ଦି ବିକ୍ରି ହେଉଛି । ଫ୍ଲପକର୍ଡ ଏବଂ ଅମାଜନ ଭଳି ସାଇଟରେ ବ୍ୟାପକ ବର୍ଗର ବିନ୍ଦି ବିକ୍ରି କରାଯାଉଛି । ଏସବୁରେ କମ୍ପନୀ ଗୁଡ଼ିକ ଗ୍ରାହକଙ୍କୁ ରିହାତି ମଧ୍ୟ ପ୍ରଦାନକରୁଛନ୍ତି।

### ଫ୍ୟାନ୍‌ସି ଓ ଷ୍ଟେନ ବିନ୍ଦିର ବିକ୍ରି ବଢୁଛି:-

ପୂର୍ବରୁ ଲାଲ ଏବଂ କଳା ବିନ୍ଦି ଅଧିକ ସଂଖ୍ୟାରେ ବିକ୍ରି ହେଉଥିଲା । ଝିଅମାନେ ସାଧାରଣତଃ କଳା ବିନ୍ଦି ପିନ୍ଧୁଥିବାବେଳେ ବିବାହିତା ମହିଳାମାନେ ଲାଲ ବିନ୍ଦି ପିନ୍ଧୁଥିଲେ । କିନ୍ତୁ ଏହି ଟ୍ରେଣ୍ଡ ବଦଳିବାରେ ଲାଗିଛି । ଫ୍ୟାନସି ଏବଂ ଷ୍ଟୋନ୍ ଭଳି ଫ୍ୟାସନ ବିନ୍ଦିର ବିକ୍ରି ବଢୁଛି । ଏଥିସହିତ ଷ୍ଟାଇଲ ପ୍ରିୟ ମହିଳାଙ୍କ ମଧ୍ୟରେ ତୀର, ଅର୍ଦ୍ଧ ଚନ୍ଦ୍ର ଏବଂ ସର୍ପାକୃତି ବିନ୍ଦିର ଚାହିଦା ଅଧିକ ରହିଛି । ସେହିଭଳି ଏକାଧିକ ବିନ୍ଦିକୁ ନେଇ ପ୍ରସ୍ତୁତ ହୋଇଥିବା ଥାକଥାକିଆ ବିନ୍ଦିର ଚାହିଦା ମଧ୍ୟ ବଢ଼ିବାରେ ଲାଗିଛି ।



# କ୍ଷେତ ପ୍ରସ୍ତୁତ, ବିହନ ନାହିଁ , ଆବଶ୍ୟକ ୧୨୫୦ କ୍ୱିଟାଂଲ, ଆସିଛି ମାତ୍ର ୩୮୦ କ୍ୱିଟାଂଲ

ଭୁବନ,୩୧/୫ (ନି.ପ୍ର): ଭୁବନ ବ୍ଲକର କୃଷି ବିଭାଗ ତରଫରୁ ଏ ପର୍ଯ୍ୟନ୍ତ ଆବଶ୍ୟକ ପରିମାଣର ଧାନ ବିହନ ଯୋଗାଣ କରାଯାଇ ନାହିଁ। ଚାଷୀମାନେ ଅକ୍ଷୟ ତୃତୀୟା ଠାରୁ ଜମି ହଳ କରି ବିହନ ବୁଣିବା ପାଇଁ ପ୍ରସ୍ତୁତ ଥିଲାବେଳେ ଏପର୍ଯ୍ୟନ୍ତ କୃଷି ବିଭାଗ ତରଫରୁ ବିହନ ଯୋଗାଇବାରେ ବିଫଳ ପରିଲକ୍ଷିତ ହୋଇଛି । ଯୁବ ଚାଷୀମାନେ ପାରମ୍ପରିକ ଧାନ ବିହନ ବୁଣି ଚାଷ କରିବାକୁ ପ୍ରସ୍ତୁତ ନାହାଁନ୍ତି । ତେଣୁ ସେମାନେ ଅଧିକ ଅମଳକ୍ଷମ ଧାନ ବିହନ ସରକାରୀ ବିହନ ଉପରେ ନିର୍ଭରଶୀଳ । ଯେ ପର୍ଯ୍ୟନ୍ତ ସରକାରୀ ଧାନ ବିହନ ନଆସିଛି ସେ ପର୍ଯ୍ୟନ୍ତ ସେମାନେ ହାତ ବାନ୍ଧି ବସିଥିବେ ବୋଲି ଜଣେ ଯୁବଚାଷୀ କହିଛନ୍ତି। ଭୁବନ ବ୍ଲକ୍‌ରେ ପ୍ରତିବର୍ଷ ପ୍ରାୟ ୧୦ ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ ହୋଇଥାଏ । ସାଧାରଣତଃ ପ୍ରତିବର୍ଷ ଏହି ଖରିଫ୍ ଫସଲ ପାଇଁ ଆବଶ୍ୟକ ୧୨୫୦ କ୍ୱିଟାଂଲ ବିହନ, କିନ୍ତୁ ମାତ୍ର ୩୮୦ କ୍ୱିଟାଂଲ ବିହନ ଆସିଛି । ଅଧିକ ଅମଳକ୍ଷମ ବିହନ ବ୍ଲକ୍‌ରେ ଥିବା ୧୦ ଟି ପ୍ରାଥମିକ ସେବା ସମବାୟ ସମିତି ଜରିଆରେ ସରକାର କୃଷି ବିଭାଗ ତରଫରୁ ବିହନ ଯୋଗାଇ ଦେଇଥାନ୍ତି । ଚଳିତ ବର୍ଷ ଏପର୍ଯ୍ୟନ୍ତ ଆବଶ୍ୟକତା ଅନୁଯାୟୀ କୌଣସି ପ୍ରାଥମିକ ସେବା ସମବାୟ ସମିତି ଜରିଆରେ ସରକାର କୃଷି ବିଭାଗ ତରଫରୁ ବିହନ ଯୋଗଇ ପାରିନାହାନ୍ତି । ପ୍ରତ୍ୟେକ ସେବା ସମବାୟ ସମିତିକୁ ହାରାହାରି ୩୦ କ୍ୱିଟାଂଲ ଲେଖାଏଁ ବିହନ ଆସିଥିବାରୁ ସବୁ ଚାଷୀ ବିହନ ନେଇପାରିନାହାନ୍ତି । ସମବାୟ ସମିତି ତରଫରୁ ଡିଡି ପ୍ରେରଣ କରାଯାଇଥିଲେ ମଧ ବିହନ ଆସିନାହିଁ। ଚାଷୀ ମାନଙ୍କୁ ମାତ୍ର ସ୍ୱଳ୍ପ ପରିମାଣର ବିହନ ଦିଆଯାଉଥିବା ଯୋଗୁ ସେମାନେ ଚାଷ କାର୍ଯ୍ୟରେ ପଛେଇ ଯାଉଛନ୍ତି । ଏପଟେ କରୋନା ମହାମାରୀ ଚାଷୀର ମନକୁ ଭାଙ୍ଗି ଦେଇଥିବା ବେଳେ ବିହନ ଅଭାବ ସାଙ୍ଗକୁ ପଙ୍ଗପାଳ ଚିନ୍ତା ଚାଷୀ ଙ୍କୁ ଚାଷ କରିବାକୁ ହତୋତ୍ସାହିତ କରୁଛି। କଥାରେ ଅଛି ଚାଷ ତରତର ବଣିଜ ମଠ ନ୍ୟାୟରେ ସରକାରୀ ସ୍ତରରେ ଚାଷୀଙ୍କୁ ଆବଶ୍ୟକ ଅଧିକ ଅମଳକ୍ଷମ ସ୍ୱର୍ଣ୍ଣ,କଳାଚଂପା ଧାନ ବିହନ ଯଥାଶୀଘ୍ର ଯୋଗାଇ ଦେବାକୁ ଚାଷୀ ମାନେ ଦାବି କରିଛନ୍ତି। ଏ ସଂପର୍କରେ ସହକାରୀ ବିହନ ଉତ୍ପାଦନ ଅଧିକାରୀ ଜ୍ଞାନ ପଟ୍ଟନାୟକ ଙ୍କୁ ପଚାରିବାରୁ ଆସନ୍ତା ଗୁରୁବାର ସୁଦ୍ଧା ବିହନ ପହଁଚିବ ବୋଲି କହିଥିଲେ।

## ମୋବାଇଲ ଚୋରି କରୁଥିବା ସମୟରେ ଧରାପଡିଲା ନାବାଳକ

ଧର୍ମଶାଳା,୩୧/୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାସ୍ଥିତ ପରିବା ମାର୍କେଟରେ ଆଜି ସକାଳେ ସ୍ଥାନୀୟ ଅଂଚଳର ଜଣେ ଜେନୈକ ବ୍ୟକ୍ତିଙ୍କ ନିକଟରୁ ଅତିଚତୁରତାର ସହ ମୋବାଇଲ ଚୋରି କରୁଥିବା ସମୟରେ ଜଣେ ନାବାଳକ ଧରାପଡିଥିବା ଜଣାପଡିଛି । ଧରାପଡିଥିବା ନାବାଳକ ଜଣକ ହେଲେ ଯାଜପୁର ରୋଡ ଅଂଚଳ ମୁଣ୍ଡମାଳ ଗ୍ରାମର ବୋଲି ଜଣାପଡିଛି । ଏନେଇ ଧର୍ମଶାଳା ପୁଲିସ ଖବର ପାଇ ଉକ୍ତ ନାବାଳକକୁ ଧରି ପଚରାଉଚୁରା କରି ଘଟଣାର ତଦନ୍ତ ଜାରି ରଖିଛି।

## ଗଞ୍ଜାମ ଜିଲ୍ଲାରେ ଆଉ ୧୦ କରୋନା ପଜିଟିଭ୍ ଚିହ୍ନଟ

### ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୧୪ କୁ ବୃଦ୍ଧି

ଗଞ୍ଜାମ,୩୧/୫ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଆଜି ଆଉ ୧୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୧୪ କୁ ବୃଦ୍ଧି ପାଇଛି । ଗତକାଲି ସଂନ୍ଧ୍ୟା ସୁଦ୍ଧା ଆକ୍ରାନ୍ତଙ୍କ ୪୦୪ ଥିଲା । ନୂଆ ଚିହ୍ନଟ ଚିହ୍ନଟ ହୋଇଥିବା ସମସ୍ତଙ୍କର ସୁରତ ଲିଙ୍କ୍ ରହିଛି। ଏବଂ ଏମାନେ କ୍ୱାରେଂଟାଇନ ସେଂଟରର ବୋଲି ଜଣାପଡିଛି । ପ୍ରକାଶ ଥାଉ କି, ଅଦ୍ୟାବଧି ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪ ଶହ ପାର୍ କରିଛି ଏବଂ ତିନି ଜଣଙ୍କର ମୃତ୍ୟୁ ଘଟିଛି । ଜିଲ୍ଲାର ୭୮ ପ୍ରତିଶତ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି । ଜିଲ୍ଲାକୁ ପୂର୍ବରୁ ରେଡ୍ ଜୋନ୍ ତାଲିକାଭୁକ୍ତ କରାଯାଇଛି । ତେବେ ଜିଲ୍ଲାରେ ଗୋଷ୍ଠୀ ସଂକ୍ରମଣର ଆଶଙ୍କା ନଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଆଶ୍ୱାସନା ଦିଆଯାଇଛି ।

## ଜୟପୁରରେ ଅତ୍ୟାଧୁନିକ ଆହାର କେନ୍ଦ୍ର ଉଦଘାଟିତ

ଜୟପୁର,୩୧/୫ (ନି.ପ୍ର): ଜୟପୁର ଜିଲା ଚିକିତ୍ସାଳୟ ପରିସରରେ ଅତ୍ୟାଧୁନିକ ଆହାର କେନ୍ଦ୍ର ଆଜି ଉଦଘାଟିତ ହୋଇଛି। ଏହି ଆହାର କେନ୍ଦ୍ରକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ଜିଲାପାଳ ମଧୁସୁଦନ ମିଶ୍ର ଉଦଘାଟନ କରିଥିଲେ। ଗରିବ ଲୋକମାନେ କିପରି ସୁଲଭ ମୂଲ୍ୟରେ ରନ୍ଧା ଖାଦ୍ୟ ପାଇପାରିବେ ସେଥିପାଇଁ ରାଜ୍ୟ ସରକାର ଖୋଲିଛନ୍ତି ଆହାର କେନ୍ଦ୍ର । ତାହାପୁଣି ଅତ୍ୟାଧୁନିକ ସ୍ୱାସ୍ଥ୍ୟକର ଏବଂ ଶୀତ ତାପ ନିୟନ୍ତ୍ରଣ କକ୍ଷରେ କେନ୍ଦ୍ର ହୋଇଛି। ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟରେ ଏକ କଠୋରିରେ ଏହି କେନ୍ଦ୍ର ଚାଲୁଥିବା ବେଳେ ସେହି କଠୋରିରେ ସିଟି ସ୍କାନ ଲାଗିବ। ତେଣୁ ଚିକିତ୍ସାଳୟ ପରିସରରେ ୩୧ ଲକ୍ଷ ଟଙ୍କା ବିନିମୟରେ ଏହା ନିର୍ମାଣ ହୋଇଛି । ପ୍ରଥମଟି ଅବିଭକ୍ତ କୋରାପୁଟ ଜିଲାର କୋଟପାଡ ବିଜ୍ଞାପିତ ପରିଷଦ ଠାରେ କରାଯାଇଥିବା ବେଳେ ଦ୍ୱିତିୟଟି ଜୟପୁର ଜିଲା ଚିକିତ୍ସାଳୟରେ ଥିବା ଆହାର କେନ୍ଦ୍ର ହୋଇଛି । ଆହାର କେନ୍ଦ୍ରଟି ସମ୍ପୂର୍ଣ୍ଣ ଶୀତ ତାପ ନିୟନ୍ତ୍ରିତ ହେବା ସହ ସ୍ୱୟଂ ଚାଳିତ ହାତ ଧୋଇବା ପାଇଁ ସାବୁନ ଫେଣ ଏବଂ ଏଠାରେ ସିସି କ୍ୟାମେରା ମଧ ଲାଗିଛି । ଛୋଟ ପିଲା ଓ ଭିନ୍ନକ୍ଷମ ବସିକି ଖାଇବାର ବ୍ୟବସ୍ଥା କରାଯାଇଛି । ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ସ୍ୱୟଂ ଚାଳିତ ବାସନ ସଫା କରିବା ମେସିନ ମଧ ଏଠାରେ ଲାଗାଯାଇଛି । ଆହାର ଖାଇବା ଲୋକଙ୍କ ମନୋରଞ୍ଜନ ପାଇଁ ଏଠାରେ ଖୁବ ଶିଘ୍ର ଏଲଇଡି ଟିଭିର ବ୍ୟବସ୍ଥା ହେବାକୁ ଯାଉଛି । ସ୍ୱଚ୍ଛ ପିଇବା ପାଣି, ମାଛିଙ୍କ ଦାଉରୁ ରକ୍ଷା ପାଇବା ପାଇଁ ସେମିନ ମଧ ଲାଗିବ । ଲୋକେ ଓ ରୋଗିଙ୍କ ସମ୍ପର୍କିୟ ଏହି ଆହାର କେନ୍ଦ୍ରରେ ଖାଇଲେ କୌଣସି ରେଷ୍ଟୁରାଂଟରେ ଖାଇବା ପରି ଅନୁଭବ କରିବେ ବୋଲି ବିଧାୟକ ତାରାପ୍ରସାଦ ବାହିନିପତି, ଜିଲାପାଳ ମିଶ୍ର ଓ ଜୟପୁର ପୌର କାର୍ଯ୍ୟନିବାହୀ ଅଧିକାରି ଆଲୋକ ରଞ୍ଜନ ସାମନ୍ତରାୟ ଆଶା ପ୍ରକଟ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପିଡି ଡିଆରଡିଏ ପ୍ରବିର କୁମାର ନାୟକ, ଉପ ଜିଲାପାଳ ଲୋକନାଥ ଦଳ ବେହେରା, ଜିଲା ଚିକିତ୍ସାଧିକାରି ମକରନ୍ଦ ବେଉରା, ଚିକିତ୍ସାଳୟର ସୁପରିଟେଣ୍ଡେଂଟ ରାମ ମହାନ୍ତି, ଜିଲା ଚିକିତ୍ସାଳୟର ଡାକ୍ତର ପ୍ରମୁଖ ଉପସ୍ଥିତ ଥିଲେ ।

# ଫୁଲବାଣୀରେ ଆତ୍ମନିର୍ଭର ଭାରତ ଅଭିଯାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ,୩୧/୫ (ନି.ପ୍ର): ଜିଲ୍ଲାର ସମସ୍ତ ବ୍ୟାଙ୍କ ପରିଚାଳକ ଓ ଉଦ୍ୟୋଗୀ ମାନଙ୍କୁ ନେଇ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ମାନଙ୍କ ପାଇଁ ଆତ୍ମ ନିର୍ଭର ଭାରତ ଅଭିଯାନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଗତକାଲି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଳ୍ପ କେନ୍ଦ୍ର ଆନୁକୁଲ୍ୟରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଶ୍ରୀ ନଓ୍ୱାଲ କିଶୋର ସିଂ ଅଧକ୍ଷତା କରିଥିଲେ। କୋଭିଡ୍-୧୯ର ପରବର୍ତୀ ପଦକ୍ଷେପ ସ୍ୱରୂପ ଦେଶର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରକୁ ସଶକ୍ତ କରିବା ପାଇଁ ଭାରତ ସରକାର ଘୋଷଣା କରିଥିବା ଆତ୍ମ ନିର୍ଭର ଭାରତ ପ୍ୟାକେଜକୁ ଉଦ୍ୟୋଗୀ ବନ୍ଧୁମାନଙ୍କୁ ଜଣାଇବା ଲକ୍ଷ୍ୟ ନେଇ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେଶରେ ଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ସହିତ ଗୃହ ଉଦ୍ୟୋଗରେ ନିୟୋଜିତ ଥିବା ଲୋକଙ୍କ ପାଇଁ ୩ ଲକ୍ଷ କୋଟି ଟଙ୍କା ବନ୍ଧକ ଋଣର ବ୍ୟବସ୍ଥା କରାଯାଇଛି। ସେହିପରି ଯେଉଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ମାନଙ୍କର ଋଣ ଏନ୍.ପି.ଆର୍. ଖାତାରେ ସାମିଲ ହୋଇଯାଇଛି ସେମାନଙ୍କୁ ୨୦ ହଜାର କୋଟି ଟଙ୍କାର ଋଣ ଦିଆଯିବା ବ୍ୟବସ୍ଥା ମଧ କରାଯାଇଛି। ଫଣ୍ଡ ଅଫ୍ ଫଣ୍ଡ୍‌ସ ମାଧ୍ୟମରେ ଯେଉଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ମାନେ ଭଲ କାରବାର କରୁଛନ୍ତି ଏବଂ ବ୍ୟବସାୟ ସଂପ୍ରସାରଣ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ୫୦ ହଜାର କୋଟି ଟଙ୍କାର ସହାୟତା ଓ ସୁଯୋଗ ସୃଷ୍ଟି କରାଯିବ। ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ରୟବିକ୍ରୟ ପାଇଁ ଗ୍ଲୋବାଲ୍ ଟେଣ୍ଡର କରାଯିବ ନାହିଁ। ଏତଦ୍‌ବ୍ୟତୀତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ପରିଭାଷା ମଧ ବଦଳିଯାଇଛି। ପୂର୍ବରୁ ମାନଦଣ୍ଡ ପ୍ଲାଣ୍ଟ ଓ ମେସିନେରି କିମ୍ବା ଇକ୍ୟୁପ୍‌ମେଣ୍ଟରେ ନିବେଶ ଥିବାବେଳେ ଏବେ ଏହା ହେଲା ନିବେଶ ଓ ବାର୍ଷିକ କାରବାର। ନିର୍ମାଣ ଏବଂ ସେବା ଉଦ୍ୟୋଗ ବିଭାଗର ଅଣୁ ଉଦ୍ୟୋଗୀ ମାନଙ୍କ ପାଇଁ ନିବେଶ ୧ କୋଟି ପର୍ଯ୍ୟନ୍ତ ଓ ବାର୍ଷିକ କାରବାର ୫ କୋଟି ପର୍ଯ୍ୟନ୍ତ ରଖାଯାଇଥିବାବେଳେ କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ପାଇଁ ନିବେଶ ୧୦ କୋଟି ପର୍ଯ୍ୟନ୍ତ ଓ ବାର୍ଷିକ କାରବାର ୫୦ କୋଟି ପର୍ଯ୍ୟନ୍ତ ଏବଂ ମଧ୍ୟମ ଉଦ୍ୟୋଗୀମାନଙ୍କ ପାଇଁ ନିବେଶ ୨୦ କୋଟି ପର୍ଯ୍ୟନ୍ତ ଓ ବାର୍ଷିକ କାରବାର ୧୦୦ କୋଟି ପର୍ଯ୍ୟନ୍ତ ରଖାଯାଇଛି। ବ୍ୟବସାୟ ଓ କର୍ମଚାରୀମାନଙ୍କ ୩ ମାସର ଇ.ପି.ଏଫ୍. ସହାୟତା ପାଇଁ ୨ ହଜାର ୫୦୦ କୋଟି ଟଙ୍କା ବ୍ୟବସ୍ଥା, ବ୍ୟବସାୟ ଓ କର୍ମଚାରୀମାନଙ୍କର କମ୍ ହୋଇଯାଇଥିବା ୩ ମାସର ଇ.ପି.ଏଫ୍. ନଗଦ ଜମା ଆକାରରେ ୬ ହଜାର ୭୫୦ କୋଟି ଟଙ୍କା ବ୍ୟବସ୍ଥା ସହିତ ଅନ୍ୟାନ୍ୟ ସୁବିଧା ଓ ସୁଯୋଗ ସୃଷ୍ଟି କରାଯାଇଛି। ଉକ୍ତ ବୈଠକରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ବି. କେ. ମାନ୍ଧାତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ଏସ୍. ରାଓ, ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ଶ୍ରୀ ମନୋଜ କୁମାର ମହାନ୍ତି, ବ୍ରହ୍ମପୁର ସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ସହକାରୀ ପରିବେଶ ଯନ୍ତ୍ରୀ ଶ୍ରୀ ମହେଶ୍ୱର ବେହେରା, ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ଉପ-ଆୟୁକ୍ତ ଶ୍ରୀ ବିଭୁଦତ ଆଚାରୀ, ଅଗ୍ରଣୀ ବ୍ୟାଙ୍କର ବିତିୟ ସାକ୍ଷର ପରାମର୍ଶଦାତା ଶ୍ରୀ ଇଜିକ୍ଷା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳିକା ସୁଷମା କରାଲୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିଳ୍ପ ବିକାଶ ଅଧିକାରୀ ଶ୍ରୀ ଦେବରାଜ ସାହୁ ତଥ୍ୟ ଉପସ୍ଥାପନା କରିଥିଲେ।

## ୧୭ହଜାର କୋଟିର ପ୍ୟାକେଜ ନୁହେଁ ପ୍ରହସନ : କଂଗ୍ରେସ

ଭୁବନେଶ୍ୱର,୩୧/୫ (ନି.ପ୍ର): ଓଡ଼ିଶା ସରକାରଙ୍କର ଦ୍ୱାରା ଘୋଷିତ ୧୭ ହଜାର କୋଟି ଟଙ୍କାର ପ୍ୟାକେଜ ପ୍ୟାକେଜ ନୁହେଁ ବରଂ ଏକ ପ୍ରହସନ ବୋଲି କହିଛନ୍ତି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ । ସେ ଏକ ସାମ୍ବାଦିକ ସମ୍ମିଳନୀରେ ଏହାକୁ ସରକାରଙ୍କୁ କଠୋର ସମାଲୋଚନା କରିବା ସହ ଭୁଷୁଡ଼ି ଯାଇଥିବା ଆର୍ଥିକ ସ୍ଥିତିକୁ ସଜାଡ଼ିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ମୋଦିଙ୍କର ୨୦ ଲକ୍ଷ କୋଟି ଟଙ୍କା ଯେପରି ଏକ ପ୍ରହସନ ରାଜ୍ୟ ସରକାର ଜୀବିକା ନିମନ୍ତେ ଘୋଷିତ ଯୋଜନା "ଜୀବିକା ମିଶନ" ସେହିପରି ଏକ ପ୍ରହସନ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ପାଇଁ ସରକାର ୧୭ ହଜର କୋଟି ଟଙ୍କାର ବରାଦ କରିଛନ୍ତି। ହୁଏତ ଏହା ବଜେଟ ଓ ବଜେଟ ବାହାର ଅର୍ଥରୁ ଯୋଗାଡ଼ ହେବ। ଏଥିରେ ମୁଖ୍ୟତଃ ମହାତ୍ମାଗାନ୍ଧୀ ନରେଗା ଅର୍ଥ ମିଶିଛି। ମହାତ୍ମା ଗାନ୍ଧୀ ନରେଗା କାର୍ଯ୍ୟକ୍ରମ ପାଇଁ କେନ୍ଦ୍ରିୟ ବଜେଟ୍‌ରେ ୬୧ ଜହାର କୋଟି ଟଙ୍କା ଓ ସ୍ୱତନ୍ତ୍ର ପ୍ୟାକେଜ ୪୦ ହଜାର କୋଟି ଟଙ୍କାରୁ ମିଳିବ। ଓଡ଼ିଶା ପାଇଁ ରାଜ୍ୟ ଅଂଶ ବାବଦ ମିଶି ହୁଏତ ଏହା ୯ରୁ ୧୦ ହଜାର କୋଟି ଟଙ୍କା ହେବ। ଅର୍ଥ କମିଶନଙ୍କ ପ୍ରଦତ ଅର୍ଥ ପଂଚାୟତ ଓ ମ୍ୟୁନିସିପାଲଟି ପାଇଁ ଅନୁଦାନ ଏଥିସହିତ ଅଛି। ନିର୍ମାଣ ଶ୍ରମିକ ପାଣ୍ଠି ଅର୍ଥ. କାମ୍ପା ଅର୍ଥ , ଜିଲ୍ଲା ଖଣିଜ ପାଣ୍ଠି, ଆଦିବାସୀ ଉନ୍ନୟନ ର ଅର୍ଥ ଅଛି। ଘୋଷିତ ଟଙ୍କାର ପରିମାଣ ହୁଏତ ଯୋଗାଡ଼ ସମ୍ଭବ। କିନ୍ତୁ ସେ ସରକାରଙ୍କର ନିଷ୍ଠା ଓ ଆନ୍ତରିକତାକୁ ନେଇ ପ୍ରଶ୍ନ କରିଛନ୍ତି । । ସେ କହିଛନ୍ତି ଯେ ସରକାରଙ୍କ ସ୍ୱଷ୍ଟ କାର୍ଯ୍ୟକ୍ରମ ଘୋଷିତ ନ ହେଲେ ମଧ ଏହା ଭାବରେ ଅଣକୁଶଳୀ ଶ୍ରମିକଙ୍କ ପାଇଁ ଓ ମହାତ୍ମା ଗାନ୍ଧୀ ନରେଗା ଅର୍ଥ ଉପରେ ନିର୍ଭରଶୀଳ ବୋଲି ଜଣାଯାଉଛି। ତେବେ ଜୁନ୍‌ମାସ ଦ୍ୱିତୀୟ ସପ୍ତାହରେ ସରକାର ସମସ୍ତ ମାଟିକାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବେ। ରାଜ୍ୟରେ କାମପାଇଁ ହାତରେ କିଛି ଅର୍ଥ ଚାହିଁ ବସିଥିବା ୪୦ଲକ୍ଷ ଶ୍ରମଜିବୀ ପରିବାର ଜୁନ୍‌ରୁ ଅକ୍ଟୋବର ପାଂଚମାସ କାମ ପାଇବେକି ? ଭୋକିଲା ପେଟରେ ଓଦାକନା ଦେଇ ବସିବେ। ଏ ସମସ୍ୟାର ସମାଧାନ ନିମନ୍ତେ ତୁରନ୍ତ ବିଧାନ ସଭାର ସ୍ୱତନ୍ତ ଅଧିବେସନ ଡାକି ବିସ୍ତୃତ ଆଲୋଚନା କରିବାପାଇଁ ଶ୍ରୀ ପଟ୍ଟନାୟକ ଦାବି କରିଥିଲେ। ଦ୍ୱିତୀୟତଃ ରାଜ୍ୟ ବାହାରୁ ଆସିଥିବା କୁଶଳୀ- ଅର୍ଦ୍ଧକୁଶଳୀ ଶ୍ରମିକଙ୍କୁ ସରକାର ଚିହ୍ନଟ କରିନାହାନ୍ତି ଏବଂ ସେମାନଙ୍କୁ କେଉଁ କାମ କେଉଁ କ୍ଷେତ୍ରରେ ଯୋଗାଇବେ ତାହା ସ୍ୱଷ୍ଟ ନୁହେଁ। ରାଜ୍ୟରେ ଥିବା ପ୍ରାୟ ୨ଲକ୍ଷ କ୍ଷୁଦ୍ର ଓ ଲଘୁ ଉଦ୍ୟୋଗ ଅଚଳ ଅବସ୍ଥାରେ ଅଛି। ସେଥିରେ ନିଯୁକ୍ତ ସବୁ ବର୍ଗ ରୋଜଗାର ହରାଇଛନ୍ତି। ତାଙ୍କୁ କେନ୍ଦ୍ର ଘୋଷିତ ସହାୟତା ଆକାଶ କୟାଁ ଚିଲିକା ମାଛ ସଦୃଶ। ସରକାର ସେମାନଙ୍କ ପାଇଁ ଅନ୍ତତଃ ୬ ମାସର ବିଦ୍ୟୁତ ଦେୟ ଛାଡ଼ ଦେବାର ବ୍ୟବସ୍ଥା ଏଥିରେ ନାହିଁ। ସେମାନଙ୍କ ଉତ୍ପାଦନ ବଜାରରେ ପହଂଚିଲେ ବିକ୍ରେତାମାନେ ଭିଡ଼ ଜମାଇବାରେ ସମ୍ଭାବନା ନାହିଁ। ସେଥିପାଇଁ ସମସ୍ତ ବେରୋଜଗାରୀଙ୍କ ହାତକୁ ମାସକୁ ଅନ୍ତତଃ ୭ ହଜାରରୁ ୮ ହଜାର ଟଙ୍କା ପହଂଚିବାର ଆବଶ୍ୟକତା ଅଛି। ଏହି ଯେଉଁ ଟଙ୍କାର ବରାଦ ଅଛି କୌଣସି ଭାବେ ୪୦ଲକ୍ଷ ପରିବାରକୁ ୨୦୦ ଦିନର ମଜୁରୀ ଅତିକମ୍‌ରେ ୩୦୦ ଟଙ୍କା ହାରରେ ଦେବାକୁ ହେଲେ ୨୪ ହଜାର କୋଟି ଟଙ୍କାର ଆବଶ୍ୟକତା ଅଛି। ତେବେ କେଉଁ ଆଧାରରେ ଏହି ୧୭ ହଜାର କୋଟି ଟଙ୍କା ସ୍ୱପ୍ନ ବଂଟାଯାଇଛି ବୋଲି ସେ କହିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମଳନୀରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀ ସୁରେଶ କୁମାର ରାଉତରାୟ, ଜ୍ଞାନଦେବ ବେଉରା, ଅଭିଷେକ ମହାନନ୍ଦ, ମିଡ଼ିଆ ସଂଯୋଜକ ଦୀପକ ମହାପାତ୍ର ଉପସ୍ଥିତ ଥିଲେ।

## ଭଦ୍ରକ ସାଳନ୍ଦୀ କୋଭିଡ୍ ହସ୍‌ପିଟାଲରେ 'ବନ୍ଦେ ଉତ୍କଳ ଜନନୀ' ଗାନ

ଭଦ୍ରକ, ୩୧ /୫ (ହି.ସ.) - ସମଗ୍ର ବିଶ୍ୱ ଆଜି କୋଭିଡ୍-୧୯ ରୋଗରେ ପିଡ଼ିତ ହେଉଥିବା ବେଳେ ଓଡ଼ିଶା ଏହି ରୋଗରୁ ବାଦ ପଡ଼ିନାହିଁ। ଏହି ରୋଗକୁ ପ୍ରତିହତ କରିବା ପାଇଁ ଡାକ୍ତର, ଷ୍ଟାଫ ନର୍ସ, ପୋଲିସ୍, ସଫେଇ କର୍ମଚ୍ୱରୀ, ସ୍ୱାସ୍ଥ୍ୟକର୍ମୀ ମାନେ ନିଜ ଜୀବନକୁ ବାଜିରେ ଲଗାଇ ରୋଗୀମାନଙ୍କର ସେବା କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଉକ୍ତ କର୍ମୀମାନଙ୍କୁ ଶ୍ରେୟ ଦେବା ଉଦ୍ଦେଶ୍ୟରେ ଗତ ୨୭ ତାରିଖରେ ରାଜ୍ୟର ଜାତୀୟ ସଂଗୀତ "ବନ୍ଦେ ଉତ୍କଳ ଜନନୀ ..." ୩୦ ତାରିଖ ଅପରାହ୍ନରେ ୫.୩୦ ମିନିଟରେ ଗାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହା ସେମାନଙ୍କର ମନୋବଳ ଦୃଢ଼ କରିବା ଓ ଉତ୍ସାହ ବଢ଼ାଇବା ପାଇଁ ଏକ ପ୍ରୟାସ। ସାଳନ୍ଦୀ ହସ୍‌ପିଟାଲ ପରିସରସ୍ଥ କୋଭିଡ଼୍ ହସ୍‌ପିଟାଲରେ ଭଦ୍ରକ ରୋଟାରୀ କ୍ଲବ, ଜିଲ୍ଲା ପ୍ରଶାସନ, ସାଳନ୍ଦୀ ହସ୍‌ପିଟାଲ ଓ ସାଳନ୍ଦୀ କଲୋନୀ ବାସିନ୍ଦାଙ୍କ ମିଳିତ ଆୟୋଜନରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ସାଳନ୍ଦୀ ହସ୍‌ପିଟାଲର ଡାଇରେକ୍ଟର ତଥା ଭଦ୍ରକ ରୋଟାରୀ କ୍ଲବର ଉପ ସଭାପତି ରୋଟାରୀୟାନ ଡ଼ା. ପ୍ରଭାସ କୁମାର ମହାନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏସ୍.ଏମ୍.ଓ. ଡା. ଅର୍ଚ୍ଚନା ଗାୟାନ, ଏ.ଡ଼ି.ଏମ୍.ଓ. ଡା. ଶିଭାଶିସ୍ ମହାରଣା, କୋଭିଡ଼୍ ଡାଇରେକ୍ଟର ଡା. ଦୀପକ କୁମାର ଜେନା, ଡା. ସିନ୍ଧୁସୁତା ନାୟକ, ଡା. କ୍ରୀଷ୍ଣା ପଲାଇ, ଡା. ପ୍ରଜ୍ଞା ପଣ୍ଡା, ଡା. ଗୌରବ କୁମାର ଦାସ, ଡା. କୌଶିକ କୁମାର ସାହୁ, ଡା. ଦେବଦ ରାଉତ, ରୋଟାରୀୟାନ୍ ଅଜିତ୍ କୁମାର ଦାସ, ରୋଟାରୀୟାନ୍ ତୁଷାରକାନ୍ତି ମହାନ୍ତି, ରୋଟାରୀୟାନ୍ ଗୟାଧର ପଣ୍ଡା, ରେଟାରୀୟାନ ଇଂ. କମଳାକାନ୍ତ ବେହେରା, କୋଭିଡ଼୍ ହସ୍‌ପିଟାଲ ମ୍ୟାନେଜର ପ୍ରଶାନ୍ତ କୁମାର ରାଉଳ, ମ୍ୟାନେଜର ରମେଶ ଚନ୍ଦ୍ର ଦାସ, କୋଭିଡ଼୍ ହସ୍‌ପିଟାଲର ଷ୍ଟାଫ ନର୍ସ, କର୍ମଚ୍ୱରୀ, ଚିକିତ୍ସିତ ହେଉଥିବା କରୋନା ଆକ୍ରାନ୍ତ ବ୍ୟକ୍ତି ଏବଂ ଶତାଧିକ ସ୍ଥାନୀୟ କଲୋନୀ ବାସିନ୍ଦା ଉପସ୍ଥିତ ରହି ସାମାଜିକ ଦୂରତା ବଜାୟ ରଖି ହସ୍‌ପିଟାଲ ପରିସରରେ ଏହି ଜାତୀୟ ସଂଗୀତ ଗାନ କରିଥିଲେ। ଏହି ସମୂହ ସଂଗୀତ ଗାନର ଦୃଶ୍ୟ ଏକ ନିଆରା ପରିବେଶ ସୃଷ୍ଟି କରିବା ସହିତ କରୋନା ଯୋଦ୍ଧାଙ୍କୁ ସାହସ ଯୋଗାଇବା ସହ ସେମାନଙ୍କ ତ୍ୟାଗ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲା।

## ଗ୍ରାମାଂଚଳରେ କ୍ୱାରେନଟାଇନ ଶଯ୍ୟା ସଂଖ୍ୟା ମୋଟ ୭,୪୨,୫୩୬

ଭୁବନେଶ୍ୱର,୩୧/୫ (ନି.ପ୍ର): କୋଭିଡ଼୍-୧୯ ପରିପ୍ରେକ୍ଷୀରେ ଗ୍ରାମାଂଚଳରେ କ୍ୱାରେନଟାଇନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ୬୭୯୮ ଗ୍ରାମ ପଂଚାୟତରେ ୧୬,୭୫୧ ଟି ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ସ୍ଥାପିତ ହୋଇଛି। ଏଥିରେ ମୋଟ ୭,୪୨,୫୩୬ ଶଯ୍ୟାର ବ୍ୟବସ୍ଥା କରାଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।

## କ୍ଷତି ପୂରଣ ଦାବିରେ ରାସ୍ତାରୋକ

ଧର୍ମଶାଳା,୩୧/୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ କଂଟିଗଡିଆ(ଗାନ୍ଧୀଛକ) ନିକଟରେ ଜଣେ ଡ୍ରାଇଭରର ମୃତ ଦେହକୁ ରଖି କ୍ଷତି ପୂରଣ ଦାବିରେ ଚଣ୍ଡିଖୋଲ-ପାରାଦୀପ ରାସ୍ତାକୁ ଅବରୋଧ କରିଛନ୍ତି ଡ୍ରାଇଭର ସଂଘ । ପ୍ରତିଶୃତି ଦିଆଯିବ ପରେ ୧ଘଂଟା କାଳ ବନ୍ଦ ଥିବା ରାସ୍ତା ସ୍ୱଭାବିକ ହୋଇଥିଲା । ସୂଚନା ଥାଉକି ଗତ କାଲି ପାରାଦୀପ ନିକଟସ୍ଥ ଯଦୁପୁର ନିକଟରେ ଏସଭିଟି କମ୍ପାନୀର ଜଣେ ଡ୍ରାଇଭରଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା । ମୃତ ଡ୍ରାଇଭର ଜଣକ ହେଲେ ଖୋର୍ଦ୍ଧା ଜିଲା ଅଂଚଳର ମୋଟା ଗ୍ରାମର ନରହରି ପ୍ରଧାନ(୩୯) ବୋଲି ଜଣାପଡିଛି । ଫଳରେ ତାଙ୍କ ମର ଶରୀର ବ୍ୟବଚ୍ଛେଦ ହୋଇ ଫେରିବା ପରେ ଗାନ୍ଧୀଛକ ନିକଟରେ ଆଜି ଡ୍ରାଇଭର ସଂଘ ପକ୍ଷରୁ ମୃତକ ପରିବାରଙ୍କୁ ସରକାରୀ ସହାୟତା ଦାବିରେ ରାସ୍ତାରୋକ କରିଥିଲେ । ଖବର ପାଇ ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପଂହଚି ବିକ୍ଷୋଭକାରୀଙ୍କ ସହ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା ।

## ଗୋଟିଏ ଦିନରେ ୧୮ ପଜିଟିଭ, ଚିନ୍ତାରେ ପ୍ରଶାସନ

କେନ୍ଦ୍ରାପଡ଼ା,୩୧/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଗୋଟିଏ ଦିନରେ ୧୮ଜଣ କରୋନା ଭୁତାଣୁ ସଂକ୍ରମିତଙ୍କୁ ଠାବ କରାଯିବା ପରେ ପ୍ରଶାସନର ମୁଣ୍ଡ ବ୍ୟଥା ବଢି ଯାଇଛି । ଏହାକୁ ମିଶାଇ ଜିଲ୍ଲାରେ ମୋଟ ୮୮ ସଂକ୍ରମିତ ଥିବାବେଳେ ୪୪ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ସୂଚନା ମିଳିଛି। ସୂଚନା ମୁତାବକ ଜିଲ୍ଲାକୁ ଅସିଥିବା ୧୨ଜଣ ପ୍ରବାସୀ ଙ୍କ ଠାରେ ଏହି ଲକ୍ଷଣ ଦେଖା ଦେଇଛି। ଏମାନେ ବାହାର ରାଜ୍ୟରୁ ଆସି ବିଭିନ୍ନ ସଂଗରୋଧ ଶିବିର ରେ ୧୪ ଦିନିଆ ପର୍ଯ୍ୟବେକ୍ଷଣରେ ରହିଥିଲେ। ଏହା ସହ ମାର୍ଶାଘାଇ ଓ ପଟ୍ଟାମୁଣ୍ଡାଇ ଅଂଚଳରେ ଥିବା ସଂଗରୋଧ ଶିବିର ରେ ସେବା କାର୍ଯ୍ୟ ଯୋଗାଉଥିବା ଅନ୍ୟ ୬ ଜଣ କର୍ମଚାରୀ ଭାବେ ଅଂଚଳର ୨ଟି ସଂଗରୋଧ ଶିବିର ରେ ପ୍ରବାସୀ ମାନଙ୍କୁ ସେବା ଯୋଗାଉଥିବା ବେଳେ ସଂକ୍ରମିତ ହୋଇଛନ୍ତି । ତେବେ କରୋନା ଯୋଦ୍ଧା ଭାବେ ସଂକ୍ରମିତ ହେବା ଘଟଣା ଜିଲ୍ଲାରେ ପ୍ରଥମ କରି ଘଟିଥିବାରୁ ପ୍ରଶାସନ ପାଇଁ ଚିନ୍ତାର ବିଷୟ ପାଲଟିଛି । ଏମାନେ ଅଙ୍ଗନବାଡି ଅଶାକର୍ମୀ, ସ୍ୱସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀ ଭାବେ ପ୍ରବାସୀ ମାନଙ୍କୁ ସଚେତନ କରାଇବା ସହ ସେବାକାର୍ଯ୍ୟ ଯୋଗଉଥିବା ବେଳେ ସଂର୍କମିତ ହୋଇଛନ୍ତି । ସ୍ଥାନୀୟ ଅଂଚଳରେ ଏମାନେ ବହୁ ଲୋକଙ୍କ ସଂପର୍କରେ ଥିବାରୁ ସଂକ୍ରମିତ ଘଟଣା ଜଣାପଡିବା ପରେ ଲୋକ ମାନଙ୍କ ମଧରେ ଛାନିଆ ସୃଷ୍ଟି ହୋଇଛି ।

# ସଙ୍ଗରୋଧ କେନ୍ଦ୍ରରେ ଥିବା ବୟସ୍କଙ୍କ ମୃତ୍ୟୁରେ କର୍ତୃପକ୍ଷଙ୍କୁ ଦାୟୀ କଲେ ପରିବାର ଲୋକ

### ତୁମୁଡ଼ିବନ୍ଧ ବି.ଡି.ଓ ଙ୍କୁ ଲିଖିତ ଅଭିଯୋଗ କଲେ

କନ୍ଧମାଳ,୩୧/୫ (ନି.ପ୍ର): ତୁମୁଡ଼ିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ସଂଗରୋଧ କେନ୍ଦ୍ରରେ ରହୁଥିବା ଜଣେ ୬୫ ବର୍ଷର ପ୍ରବାସୀଙ୍କର ମୃତ୍ୟୁ ଘଟିଛି । ତାଙ୍କୁ ସେଠାରେ ସଠିକ୍ ଭାବରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇନଥିବା ନେଇ ସେହି ପରିବାର ଲୋକଙ୍କ ସମେତ ଅଂଚଳରେ ବାସୀ ଅଭିଯୋଗ କରିବା ସହିତ ସେମାନଙ୍କ ଭିତରେ ଉତେଜନା ଦେଖାଦେଇଛି ।

ଚଳିତମାସ ୨୦ ତାରିଖ ଦିନ ଛତିଶଗଡରୁ ତୁମୁଡ଼ିବନ୍ଧ ଗ୍ରାମ ପଚାଂୟତର ନିଜ ଗ୍ରାମ ମାଲିପଡା କୁ ଯୋଗେନ୍ଦ୍ର ନାୟକ (୩୦), ସ୍ତ୍ରୀ କାଂଚନ ନାୟକ (୨୫), ପୁଅ ପ୍ରୀନ୍ସ ନାୟକ (୮), ଝିଅ ପ୍ରଚୀ ନାୟକ (୬) ଓ ବାପା ଦିନ ନାୟକ (୬୫) ଫେରିଥିଲେ । ଏହି ବିଷୟରେ ଜାଣିବା ପରେ ପ୍ରଶାସନ ତରଫରୁ ତାଙ୍କୁ ତୁମୁଡିବନ୍ଧ ପଂଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟ ସଂଗରୋଧ କେନ୍ଦ୍ରକୁ ନିଆଯାଇଥିଲା । ତେବେ ନିୟମାନୁଯାଇ ୨୧ଦିନ ସଂଗରୋଧ କେନ୍ଦ୍ରରେ ଯୋଗେନ୍ଦ୍ରଙ୍କ ପରିବାର ରହିଥିଲେ । ସେଠାରେ ଥିବା ସମୟ ଭିତରେ ଯୋଗେନ୍ଦ୍ରଙ୍କ ପିତା ଦିନ ନାୟକ ଅସୁସ୍ଥ ହୋଇଥିଲେ । ଏହାକୁ ନେଇ ଯୋଗେନ୍ଦ୍ର ସଂଗରୋଧ କର୍ତ୍ତୃପକ୍ଷଙ୍କୁ ତାଙ୍କ ପିତାଙ୍କ ଚିକିତ୍ସା ନିମନ୍ତେ ବାରମ୍ବାର ଅନୁରୋଧ କରିଥିଲେ। ସଂଗରୋଧ କେନ୍ଦ୍ରର କର୍ତ୍ତୃପକ୍ଷ ଅସୁସ୍ଥଥିବା ଦିନ ନାୟକଙ୍କର ଚିକିତ୍ସା ଆରମ୍ଭ କରିଥିଲେ । । ହେଲେ ଗତ ୨୯ ତାରିଖରେ ଭୁବନେଶ୍ୱର କିମସ୍ ହସପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଦିନ ନାୟକଙ୍କର ଚିକିତ୍ସାରେ ଅବହେଳା କାରଣରୁ ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି ଯୋଗେନ୍ଦ୍ର । ଏହି ସଂଗରୋଧ କେନ୍ଦ୍ରରେ ଏକ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଥିଲେ ମଧ କୌଣସି ଡାକ୍ତର କିମ୍ବା ନର୍ସ ଆସି ଚିକିତ୍ସା କରିନଥିବା ସେ କହିଛନ୍ତି । ଗତ ୨୭ତାରିଖ ଦିନ ପିତା ଦିନ ନାୟକଙ୍କ ଦେହ ଅତ୍ୟନ୍ତ ଅସୁସ୍ଥ ହୋଇପଡିଥିଲା । ଏହି ଖବର ଅଚଂଳ ଲୋକେ ଜାଣିବା ପରେ ତୁମୁଡ଼ିବନ୍ଧ ଗୋଷ୍ଠି ଉନ୍ନୟନ ଅଧିକାରୀ ଅଗସ୍ତି ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ପରେ ମୁମୂର୍ଷୁ ଅବସ୍ଥାରେ ଦିନ ନାୟକଙ୍କୁ ପ୍ରଥମେ ତୁମୁଡ଼ିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଏହାପରେ ସ୍ୱାସ୍ଥ୍ୟ ଗୁରୁତର ଥିବା ଦେଖି ଭୁବନେଶ୍ୱର କିମସ୍ ହସପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । କିମସ୍ ହସପିଟାଲରେ ମଧ ଦିନ ନାୟକଙ୍କୁ ଉପଯୁକ୍ତ ଚିକିତ୍ସା କରାଯାଇନଥିବା ଅଭିଯୋଗ ହୋଇଛି । ଶେଷରେ ଗତ ୨୯ତାରିଖ ଶନିବାର ଦିନ ପୂର୍ବାହ୍ନ ୧୧ଟା ସମୟରେ ମୃତ୍ୟୁ ବରଣ କରିଥିଲେ। ପିତାଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକେ ଭାଙ୍ଗିପଡିଥିବା ଜଣାପଡିଛି । ସଙ୍ଗରୋଧ କେନ୍ଦ୍ରରେ ତାଙ୍କର ଚିକିତ୍ସାରେ ଅବହେଳା କାରଣରୁ ଏପରି ହୋଇଥିବାରୁ ସରକାରୀ ଉଚ୍ଚ ବିଦ୍ୟାଳୟ ସଂଗରୋଧ କେନ୍ଦ୍ରର ପ୍ରଶାସନିକ ଅଧିକାରୀଙ୍କ ସମେତ ଦାୟୀତ୍ୱରେ ଥିବା ତୁମୁଡ଼ିବନ୍ଧ ସରପଂଚ, ସ୍ୱାସ୍ଥ୍ୟ କର୍ମଚାରିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଅସହାୟ ପରିବାରକୁ ସରକାରୀ ସହାୟତା ରାଶି ପ୍ରଦାନ ପାଇଁ ପୁଅ ଯୋଗେନ୍ଦ୍ର ନାୟକ ତୁମୁଡ଼ିବନ୍ଧ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ କନ୍ଧମାଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ପିତାଙ୍କ ଶେଷକୃତ୍ୟ ସଂମ୍ପର୍ଣ୍ଣ ପାଇଁ ୩୦ ତାରିଖ ଅପରାହ୍ନରେ ଯୋଗେନ୍ଦ୍ର ନାୟକଙ୍କ ସପରିବାରଙ୍କୁ ସରକାରୀ ଉଚ୍ଚ ବିଦ୍ୟାଳୟ ସଂଗରୋଧ କେନ୍ଦ୍ରରୁ ନେଇ ତାଙ୍କ ଘରେ ମୃତ ଦେହକୁ ହସ୍ତାନ୍ତର କରିଥିବା ଜଣାପଡିଛି । ଏହି ବାବଦରେ ତୁମୁଡ଼ିବନ୍ଧ ଗୋଷ୍ଠିଉନ୍ନୟନ ଅଧରକାରୀଙ୍କୁ ପଚାରିବାରୁ ଦେଇଥିବା ଲିଖିତ ଅଭିଯୋଗ ପାଇବାପରେ ତୁରନ୍ତ ମୁଁ ଜିଲ୍ଲାପାଳଙ୍କୁ ଜଣାଇଛି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ।

# ଯୋଗ ଓ ପ୍ରାଣାୟାମ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ନୂଆଦିଲ୍ଲୀ,୩୧।୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଯୋଗ - ପ୍ରାଣାୟାମ କରିବାକୁ ଆହ୍ୱାନ ଜଣାଇଛନ୍ତି । ମନ କି ବାତ କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ ଏହି କରୋନା ସଂକଟ କାଳରେ ବିଶ୍ୱର ଅନେକ ନେତାଙ୍କ ସହ କଥାବାର୍ତା ବେଳେ ବିଶ୍ୱର ଅନେକ ନେତା ଯୋଗ ଓ ଆୟୁର୍ବେଦ ସଂପର୍କରେ ଜାଣିବା ପାଇଁ ସେମାନଙ୍କ ଭିତରେ ଉତ୍ସୁକତା ବହୁତ ବେଶୀ ରହିଥିବା ଦେଖିଛି । କେତେକ ନେତା ମୋତେ ପଚାରିଥିଲେ ଯେ ଏ କରୋନା କାଳରେ ଏହି ଯୋଗ ଓ ଆୟୁର୍ବେଦ କିପରି ସହାୟତା କରିପାରିବ । ସେ କହିଛନ୍ତି 'ଆନ୍ତର୍ଜାତିକ ଯୋଗ ଦିବସ' ଆସୁଛି । ଯୋଗ ଲୋକଙ୍କ ଜୀବନ ସହିତ ଯେତେ ଯୋଡ଼ି ହେଉଛି, ନିଜ ସ୍ୱାସ୍ଥ୍ୟକୁ ନେଇ ଲୋକଙ୍କ ଭିତରେ ସେତିକି ସଚେତନତା ବଢ଼ି ଚାଲିଛି । ବର୍ତମାନର ଏହି କରୋନା ସଂକଟ କାଳରେ ମଧ ଦେଖାଯାଉଛି ଯେ ହଲିଉଡ଼ରୁ ହରିଦ୍ୱାର ପର୍ଯ୍ୟନ୍ତ, ଲୋକେ ଘରେ ରହି ଯୋଗ ଉପରେ ବେଶ୍ ଗୁରୁତ୍ୱ ଦେଇ ମନୋନିବେଶ କରୁଛନ୍ତି । ସବୁ ଜାଗାରେ ଲୋକେ ଯୋଗ ଓ ତା'ସହ ଆୟୁର୍ବେଦ ସମ୍ପର୍କରେ ଅଧିକରୁ ଅଧିକ ଜାଣିବା ପାଇଁ ଚାହୁଁଛନ୍ତି, ତାକୁ ଆପଣାଇବାକୁ ଚାହୁଁଚନ୍ତି । କେବେ ଯୋଗ କରିନଥିବା ଅନେକ ଲୋକ ଅନ୍‌ଲାଇନ୍ ଯୋଗ କ୍ଲାସ୍ କରୁଛନ୍ତି କିମ୍ବା ଅନ୍‌ଲାଇନ୍ ଭିଡିଓ ମାଧମରେ ଯୋଗ ଶିଖୁଛନ୍ତି । ପ୍ରକୃତରେ, ଯୋଗ - କମ୍ୟୁନିଟି, ଇମ୍ୟୁନିଟି ଓ ୟୁନିଟି, ସବୁପାଇଁ ଭଲ ।ଏ କରୋନା ସଂକଟ ସମୟରେ ଯୋଗ ଆଜି ଏଇଥିପାଇଁ ମଧ ଗୁରୁତ୍ୱପୂର୍ଣ ଯେ ଏହି ଭୂତାଣୁ ଆମ ଶ୍ୱାସକ୍ରିୟା ପ୍ରଣାଳୀକୁ ସବୁଠୁ ଅଧିକ ପ୍ରଭାବିତ କରିଥାଏ । ଯୋଗରେ ଏହି ଶ୍ୱାସକ୍ରିୟା ବ୍ୟବସ୍ଥାକୁ ମଜଭୁତ କରିବା ଭଳି ଅନେକ ପ୍ରକାରର ପ୍ରାଣାୟାମ ରହିଛି, ଯାହାର ପ୍ରଭାବ ଆମେ ଦୀର୍ଘଦିନରୁ ଦେଖିଆସୁଛୁ । ଏହା ଏକ ସମୟସିଦ୍ଧ ପଦ୍ଧତି, ଯାହାର ଏକ ସ୍ୱତନ୍ତ୍ର ମହତ୍ୱ ରହିଛି । ପ୍ରାଣାୟାମ ଯେପରିକି କପାଳଭାରତି ଓ ଅନୁଲୋମ-ବିଲୋମ ସଂପର୍କରେ ବେଶ୍ ଲୋକ ଜାଣିଥିବେ । କିନ୍ତୁ ଭସ୍ତ୍ରୀକା, ଶୀତ୍‌ଲି, ଭ୍ରାମରୀ ଭଳି କେତେ ପ୍ରକାରର ପ୍ରାଣାୟାମ ଅଛି, ଯାହାର ଅନେକ ଲାଭ ବି ରହିଛି । ଆଉ ମଧ ଆପଣଙ୍କ ଜୀବନରେ ଯୋଗ କିପରି କାମରେ ଆସିବ, ସେଥିପାଇଁ ଆୟୁଷ ମନ୍ତ୍ରଣାଳୟ ଏଥର ଏକ ନିଆରା ପ୍ରୟୋଗ କରିଛି । ଆୟୁଷ ମନ୍ତ୍ରାଳୟ "ମାଇଁ ଲାଇଫ୍ ମାଇଁ ଯୋଗ" ନାଁରେ ଏକ ଆନ୍ତର୍ଜାତିକ ଭିଡିଓ ବ୍ଲଗ୍ ଜରିଆରେ ପ୍ରତିଯୋଗିତା ଆରମ୍ଭ କରିଛି । କେବଳ ଭାରତ ନୁହେଁ, ସାରା ପୃଥିବୀର ଲୋକ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ । ଏଥିରେ ଅଂଶଗ୍ରହଣ କରିବା ପାଇଁ ଆପଣଙ୍କୁ ନିଜର ତିନି ମିନିଟର ଏକ ଭିଡିଓ ତିଆରି କରି ଅପ୍‌ଲୋଡ୍ କରିବାକୁ ହେବ । ଆପଣ ଯେଉଁ ଯୋଗ ବା ଆସନ କରନ୍ତି, ତାହା ଏହି ଭିଡିଓରେ ଦେଖାଇବାକୁ ପଡ଼ିବ ଏବଂ ଯୋଗ ଦ୍ୱାରା ଆପଣଙ୍କ ଜୀବନରେ ଯେଉଁ ପରିବର୍ତନ ଆସିଛି, ସେ ସମ୍ପର୍କରେ ମଧ ଜଣାଇବାକୁ ପଡ଼ିବ । ଆପଣମାନଙ୍କୁ ମୋର ଅନୁରୋଧ, ଆପଣ ସମସ୍ତେ ଏହି ପ୍ରତିଯୋଗିତାରେ ନିଶ୍ଚୟ ଭାଗ ନିଅନ୍ତୁ ଏବଂ ନୂଆ ଶୈଳୀରେ ଆନ୍ତର୍ଜାତିକ ଯୋଗ ଦିବସରେ ଆପଣ ଭାଗୀଦାର ହୁଅନ୍ତୁ ବୋଲି ସେ ଆହ୍ୱାନ ଜଣାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କରୋନା ବିରୋଧରେ ଲଢେଇରେ ....

ତଥାପି, ଆମ ଦେଶରେ କରୋନା ସେତେ ତୀବ୍ର ଗତିରେ ବ୍ୟାପିପାରିନି, ଯେତିକି ବିଶ୍ୱର ଅନ୍ୟ ଦେଶମାନଙ୍କରେ ବ୍ୟାପିଛି । କରୋନାଜନିତ ମୃତ୍ୟୁହାର ମଧ ଆମ ଦେଶରେ ଯଥେଷ୍ଟ କମ୍ । ଯାହାକିଛି କ୍ଷତି ଘଟିଛି, ତା'ପାଇଁ ଆମେ ସମସ୍ତେ ଦୁଃଖୀ । କିନ୍ତୁ ଯାହାକିଛି ଆମେ ସଂରକ୍ଷିତ କରିପାରିଛୁ ତାହା ନିଶ୍ଚିତ ଭାବେ ଦେଶର ସାମୁହିକ ସଂକଳ୍ପଶକ୍ତିର ପରିଣାମ । ଏତେ ବଡ଼ ଦେଶରେ ପ୍ରତ୍ୟେକ ଦେଶବାସୀ ନିଜେ ଏହି ଯୁଦ୍ଧ ଲଢ଼ିବାକୁ ସଂକଳ୍ପ ଗ୍ରହଣ କରିଛନ୍ତି, ଏହା ସମ୍ପୂର୍ଣ୍ଣ ଭାବେ ଏକ ଜନସଂଚାଳିତ ଅଭିଯାନ ବୋଲି ସେ କହିଛନ୍ତି ।

### ମା'କୁ ହତ୍ୟା....

ହେଲେ ନିରଂଜନ କହି ଦେଇଥିଲେ ଯେ ସେ ମାମୁଁ ଘରେ ଅଛନ୍ତି । ଯୋଗାଯୋଗ କରିବା ପରେ ତାଙ୍କ ବାପା ଜାଣିବାକୁ ପାଇଲେ ଯେ ମାତାଜୀ ସେଠାକୁ ଯାଇନାହାଁନ୍ତି । ଏହାପରେ ସେ ମାତାଜୀଙ୍କୁ ଖୋଜାଖୋଜି କରିଥିଲେ । ଗତକାଲି ଏକ ବିଲରୁ ମାତାଜୀଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରାଯାଇଥିଲା । ପୁଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ପୁଅ ନିରଂଜନ ଓ ବୋହୂ ମିଶି ମାତାଜୀଙ୍କୁ ହତ୍ୟା କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏନେଇ ପୁଲିସ୍ ମାମଲା ରୁଜୁ କରିଥିବାବେଳେ ନିରଂଜନଙ୍କୁ ଅଟକ ରଖିଛି ।

# ବିଭିନ୍ନ ଜିଲ୍ଲାରେ କରୋନାର ସ୍ଥିତି : ଗଂଜାମ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୧୪ ହେଲା

ଭୁବନେଶ୍ୱର,୩୧।୫ (ନି.ପ୍ର): କରୋନା ଆକ୍ରାନ୍ତ ଜିଲ୍ଲାଙ୍କ ସୂଚୀରେ ଗଂଜାମ ଜିଲ୍ଲା ସବୁଠାରୁ ଆଗରେ ରହିଛି । ଗଂଜାମ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୪୧୪ ରେ ପହଂଚିଛି ।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବର୍ତମାନ ସୁଦ୍ଧା ଯାଜପୁର ଜିଲ୍ଲାରେ ୨୬୯ , ବାଲେଶ୍ୱର ଜିଲ୍ଲାରେ ୧୫୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ୧୩୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ସେହିପରି ଭଦ୍ରକ ଜିଲ୍ଲାରେ ୧୧୩ ଜଣ ଚିହ୍ନଟ ହୋଇଛନ୍ତି । କଟକ ଜିଲ୍ଲାରେ ୧୦୦ ଜଣ ଆକ୍ରାନ୍ତ ହୋଇଥିବା ବେଳେ ପୁରୀ ଜିଲ୍ଲାରେ ୯୧ ଜଣ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡା ଜିଲ୍ଲାରେ ୮୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରେ ୮୦ ଜଣ, ଜଗତସିଂହପୁର ଜିଲ୍ଲାରେ ୬୮ ଜଣ ଓ ନୟାଗଡ ଜିଲ୍ଲାରେ ୬୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ ଜିଲ୍ଲାରେ ୫୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଗଜପତି ଜିଲ୍ଲାରେ ମଧ୍ୟ ୩୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରେ ୩୩ ଜଣ ଆକ୍ରାନ୍ତ, ଚିହ୍ନଟ ହୋଇଥିବାବେଳେ ଦେବଗଡ ଜିଲ୍ଲାରେ ୩୨ ଜଣ, ନୂଆପଡା ଜିଲ୍ଲାରେ ୩୦. ଅନୁଗୁଳ ଜିଲ୍ଲାରେ ୨୫ ଜଣ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ସେହିପରି କେନ୍ଦୁଝର ଜିଲ୍ଲାରେ ୨୫ ଜଣ ଚିହ୍ନଟ ହୋଇଥିବା ବେଳେ, ମୟୁରଭଂଜ ଜିଲ୍ଲାରେ ୨୩, କଳାହାଣ୍ଡି ଜିଲ୍ଲାରେ ୨୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ସେହିପରି ମାଲକାନଗିରି ଜିଲ୍ଲାରେ ୨୦ ଜଣ ଆକ୍ରାନ୍ତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ୧୯ ଜଣ ଆକ୍ରାନ୍ତ ହୋଇଥିବା ବେଳେ କନ୍ଧମାଳରେ ୧୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁର ଜିଲ୍ଲାରେ ୯ ଜଣ, କୋରାପୁଟ ଜିଲ୍ଲାରେ ୮ ଜଣ ଓ ବରଗଡ ଜିଲ୍ଲାରେ ୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡା ଜିଲ୍ଲାରେ ୭ ଓ ସୋନପୁରରେ ୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନବରଂଗପୁର ୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି ।

# ଅଜଣା କୀଟ ଆକ୍ରମଣରେ ଜଙ୍ଗଲ ଗଛ ସଫା

ନୀଳଗିରି,୩୧।୫ (ନି.ପ୍ର): ନୀଳଗିରି ରେ ଅଜଣା କୀଟ ଆତଙ୍କ ଏହା ପଙ୍ଗୁପାଳ ନୁହେଁ , ଏହା ଝିଂଟିକା ପ୍ରଜାତିର ବୋଲି ସୂଚନା ଦେଇଛନ୍ତି । କୃଷି ଅଧିକାରୀ ଓଡିଶାକୁ ପଙ୍ଗୁପାଳ ପ୍ରବେଶ ଭୟ ରହିଛି । ଦେଶରେ ଗୋଟିଏ ପରେ ଗୋଟିଏ ବିପତି ଆସୁଥିବା ବେଳେ କିଛିଦିନ ଆଗୁରୁ ଚର୍ଚ୍ଚାର ବିଷୟ ପାଲଟିଥିବା ପଙ୍ଗୁପାଳ ପୋକ ଙ୍କ ବିପ୍ାତ ରାଜସ୍ଥାନରେ ଦେଖାଦେଇଛି । ଏହି ପୋକ ଗଛପତ୍ର ନଷ୍ଟ କରିବା ସହ ଘର ଗୁଡିକରେ ପ୍ରବେଶ କରି ମଣିଷ ସମାଜକୁ ଅସୁବିଧାରେ ପକାଉଛନ୍ତି । ଏହି ପୋକଙ୍କ ସଂଖ୍ୟା ଗୋଟିଏ କି ଶହେ ମଧରେ ସମିତ ନୁହେଁ । ଏମାନଙ୍କ ସଂଖ୍ୟା ଅଗଣିତ ତେବେ ଏହି ପୋକ ଗୁଡିକ ଓଡିଶା ମୁହାଁ ହୋଇପାରନ୍ତି ବୋଲି ଆଶଙ୍କାରେ ଓଡିଶାବାସୀ ନୀଳଗିରି ପଉଖଣ୍ଡ ଅନ୍ତର୍ଗତ ଔପଦା ବ୍ଲକ କାଣ୍ଡଗରଡି ପଂଚାୟତର ବଉଳଗଡିଆ ଗ୍ରାମ ଏକ ଅଜବ ପ୍ରଜାତିର କୀଟ ପ୍ରଭାବ ଦେଖିବାକୁ ମିଳିଛି । ଏହି ପୋକ ଗୁଡିକ ଗଛର ପତ୍ର ଗୁଡିକୁ ଖାଇ ସଫା କରିଦେଉଛନ୍ତି ତେବେ ସାଧାରଣ ଲୋକ ଏପରି ପରିସ୍ଥିତିରେ ଭୟଭିତ ଅବସ୍ଥାରେ ଥିବା ଜଣାପଡିଛି । ଏ ଅଂଚଳର ପାହାଡ ନିକଟର ସମସ୍ତ ଗଛରେ ଶତାଧିକ ସଂଖ୍ୟାରେ ଲାଗି ରହି ପତ୍ର ଖାଇ ସଫା କରିଦେଇଛନ୍ତି ଏହା ପଙ୍ଗୁପାଳ ନୁହେଁ ବରଂ ଝିଂଟିକା ପ୍ରଜାତିର ଏକ ଭିନ୍ନ କୀଟ ବୋଲି ନୀଳଗିରି କୃଷି ଅଧିକାରୀ ଭରତ ଚନ୍ଦ୍ର ନାଥ ସୂଚନା ଦେବା ସହିତ କହିଛନ୍ତି ପଙ୍ଗୁପାଳ ମଧ ପ୍ରଦେଶରେ ଥିବା ବେଳେ ଛତିଶଗଡରେ ପ୍ରବେଶ କରିନାହାନ୍ତି । ତେବେ ଓଡିଶାକୁ କେମିତି ଆସିଲେ ବୋଲି ପାଲଟା ପ୍ରଶ୍ନ କରିଛନ୍ତି ।

# ଏକ କୋଟି ଟପିଲା 'ଆୟୁଷ୍ମାନ ଭାରତ' ହିତାଧିକାରୀଙ୍କ ସଂଖ୍ୟା

ନୂଆଦିଲ୍ଲୀ,୩୧।୫ (ନି.ପ୍ର): 'ଆୟୁଷ୍ମାନ ଭାରତ' ହିତାଧିକାରୀଙ୍କ ସଂଖ୍ୟା ଏକ କୋଟି ଟପି ଥିବାରୁ ପ୍ରଧାନମନ୍ତ୍ରୀ ମୋଦି ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମନ କି ବାତ କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ ଗରୀବ ଲୋକଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଚିନ୍ତାକୁ ଦୂର ଦୂର କରିବା ପାଇଁ ପ୍ରାୟ ଦେଢ଼ବର୍ଷ ତଳେ 'ଆୟୁଷ୍ମାନ୍ ଭାରତ' ଯୋଜନା ଆରମ୍ଭ କରାଯାଇଥିଲା । କିଛିଦିନ ପୂର୍ବରୁ 'ଆୟୁଷ୍ମାନ ଭାରତ'ର ହିତାଧିକାରୀଙ୍କ ସଂଖ୍ୟା ଏକ କୋଟିରୁ ଅଧିକ ହୋଇଯାଇଛି । ଏକ କୋଟିରୁ ଅଧିକ ରୋଗୀ, ଅର୍ଥାତ୍ ଦେଶର ଏକ କୋଟିରୁ ଅଧିକ ପରିବାରର ସେବା ହୋଇଛି । ଏକ କୋଟିରୁ ଅଧିକ ରୋଗୀର ଅର୍ଥ କ'ଣ, ଜାଣନ୍ତି ? ଏକ କୋଟିରୁ ଅଧିକ ରୋଗୀଙ୍କ ଅର୍ଥ ନରୱେ ପରି ଦେଶ, ସିଙ୍ଗାପୁର ପରି ଦେଶଙ୍କ, ମୋଟ ଜନସଂଖ୍ୟାର ଦୁଇଗୁଣ ଲୋକଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଦିଆଯାଇଛି । ଯଦି ଗରିବ ଲୋକଙ୍କୁ ଡାକ୍ତରଖାନାରେ ଭର୍ତି ହେବାପରେ ଚିକିତ୍ସା ପାଇଁ ଟଙ୍କା ଦେବାକୁ ପଡ଼ିଥାନ୍ତା, ସେମାନଙ୍କର ମାଗଣା ଚିକିତ୍ସା ହୋଇନଥା'ନ୍ତା, ତେବେ ସେମାନଙ୍କୁ ମୋଟାମୋଟି ଆନୁମାନିକ ପ୍ରାୟ ୧୪ ହଜାର କୋଟିରୁ ବି ଅଧିକ ଟଙ୍କା ନିଜ ପକେଟ୍‌ରୁ ଖର୍ଚ୍ଚ କରିବାକୁ ପଡ଼ିଥାନ୍ତା । 'ଆୟୁଷ୍ମାନ୍ ଭାରତ' ଯୋଜନା ଗରିବ ଲୋକଙ୍କୁ ଟଙ୍କା ଖର୍ଚ୍ଚ କରିବାରୁ ରକ୍ଷା କରିଛି । ମୁଁ 'ଆୟୁଷ୍ମାନ ଭାରତ'ର ସମସ୍ତ ହିତାଧିକାରୀଙ୍କ ସହ ରୋଗୀଙ୍କ ଚିକିତ୍ସା କରିଥିବା ସମସ୍ତ ଡାକ୍ତର, ନର୍ସ ଓ ମେଡିକାଲ ଷ୍ଟାଫ୍‌ଙ୍କୁ ମଧ ବଧେଇ ଜଣାଉଛି ବୋଲି ସେ କହିଛନ୍ତି । 'ଆୟୁଷ୍ମାନ ଭାରତ' ଯୋଜନାର ଏକ ବହୁତ ବଡ଼ ବିଶେଷତ୍ୱ ହେଉଛି ଏଥିରେ ପୋର୍ଟେବିଲିଟି ସୁବିଧା ମଧ ରହିଛି । ପୋର୍ଟେବିଲିଟି ଦେଶକୁ ଏକତାର ରଂଗରେ ରଂଗୀନ ହେବାରେ ସାହାଯ୍ୟ କରିଛି; ଅର୍ଥାତ୍ ବିହାରର ଜଣେ ଗରିବ ଲୋକ ଚାହିଁଲେ ତାକୁ ନିଜ ରାଜ୍ୟ ପରି କର୍ଣ୍ଣାଟକରେ ମଧ ସେହି ସମାନ ସୁବିଧା ମିଳିପାରିବ । ସେହିପରି, ମହାରାଷ୍ଟ୍ରର ଜଣେ ଗରିବ ଲୋକ ଚାହିଁଲେ ତା' ନିଜ ରାଜ୍ୟ ପରି ତାମିଲନାଡୁରେ ମଧ ତାକୁ ଚିକିତ୍ସା ସୁବିଧା ମିଳିବ । ଏହି ଯୋଜନା ଯୋଗୁଁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଦୁର୍ବଳ ଥିବା ଅଂଚଳର ଗରିବ ଲୋକଙ୍କୁ ଦେଶର କୋଣଅନୁକୋଣରେ ଉତମ ଚିକିତ୍ସା କରିବାର ସୁଯୋଗ ମିଳିଥାଏ । ଏକକୋଟି ହିତାଧିକାରୀଙ୍କ ମଧରୁ ଶତକଡ଼ା ଅଶୀଭାଗ ଗ୍ରାମାଂଚଳରେ ବସବାସ କରନ୍ତି । ଏଇ ହିତାଧିକାରୀମାନଙ୍କ ମଧରୁ ଶତକଡ଼ା ପ୍ରାୟ ପଚାଶଭାଗ ହେଉଛନ୍ତି ଆମର ମାଆ, ଭଉଣୀ ଆଉ ଝିଅମାନେ । ଏମାନଙ୍କ ମଧରୁ ଅଧିକାଂଶ ଏଭଳି ରୋଗରେ ଆକ୍ରାନ୍ତ ଥିଲେ ଯାହାର ଚିକିତ୍ସା ସାଧାରଣ ଔଷଧରେ ସମ୍ଭବ ହୋଇପାରୁନଥିଲା । ଏମାନଙ୍କ ମଧରୁ ଶତକଡ଼ା ୭୦ ଭାଗ ଲୋକଙ୍କ କ୍ଷେତ୍ରରେ ଅସ୍ତ୍ରୋପଚାର କରାଯାଇଛି । ମଣିପୁର ଚୁରା-ଚାନ୍ଦପୁର ଅଂଚଳର ଛଅବର୍ଷର ପିଲା କେଲେନ୍‌ସାଙ୍ଗ୍‌ଙ୍କୁ ମଧ ଏହିଭଳି ଆୟୁଷ୍ମାନ ଭାରତ ଯୋଜନା ଦ୍ୱାରା ନୂଆ ଜୀବନ ମିଳିଛି । କେଲେନ୍‌ସାଙ୍ଗ୍‌ଙ୍କୁ ଏତେ ଛୋଟ ବୟସରେ ଅତି ଗୁରୁତର ରୋଗ ହୋଇଗଲା । ଏଇ ପିଲାଟିର ବାପା ଜଣେ ଦିନମଜୁରିଆ ହୋଇଥିବାବେଳେ ମା' ଲୁଗାବୁଣା କାମ କରନ୍ତି । ଏଭଳି ଅବସ୍ଥାରେ ପିଲାର ଚିକିତ୍ସା କରିବା ସେମାନଙ୍କ ପାଇଁ କଷ୍ଟସାଧ ଥିଲା । କିନ୍ତୁ ଆୟୁଷ୍ମାନ ଭାରତ ଯୋଜନାରେ ଏବେ ମାଗଣାରେ ତାଙ୍କ ପିଲାର ଚିକିତ୍ସା ହୋଇପାରିଲା । ପଣ୍ଡିଚେରୀର ଅମୃତାବଲ୍ଲୀଙ୍କର ଅନୁଭୂତି ମଧ ପ୍ରାୟ ଏଇଭଳି । ତାଙ୍କପାଇଁ ମଧ ଆୟୁଷ୍ମାନ ଭାରତ ଯୋଜନା ସଂକଟମୋଚକର ଭୂମିକା ନେଲା । ଦୁଃଖର କଥା ଅମୃତାବଲ୍ଲୀଙ୍କ ସ୍ୱାମୀଙ୍କର ହୃଦଘାତରେ ମୃତ୍ୟୁ ହୋଇସାରିଛି । ତାଙ୍କର ୨୭ ବର୍ଷ ବୟସ୍କ ପୁଅ ଜୀବା ମଧ ହୃଦ୍‌ରୋଗୀ ଥିଲା । ଡାକ୍ତରମାନେ ଜୀବାର ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଲେ, କିନ୍ତୁ ଦିନମଜୁରିଆ ଭାବେ କାମ କରୁଥିବା ଜୀବା ପକ୍ଷରେ ନିଜ ଖର୍ଚ୍ଚରେ ଏତେବଡ଼ ଅପରେସନ କରାଇବା ସମ୍ଭବ ନ ଥିଲା । କିନ୍ତୁ, ଅମୃତାବଲ୍ଲୀ ଆୟୁଷ୍ମାନ ଭାରତ ଯୋଜନାରେ ନିଜ ପୁଅର ପଂଜିକରଣ କରାଇଲେ ଏବଂ ମାତ୍ର ନଅଦିନ ପରେ ଜୀବାର ଅପରେସନ ମଧ ହୋଇଗଲା ।

# ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରି ଗିରଫ ହେଲେ ୮ ଜଣ

ଭୁବନେଶ୍ୱର,୩୧।୫ (ନି.ପ୍ର): ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ମଇ ୩୦ରୁ ମଇ ୩୧ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧରେ ୬ଟି ମାମଲା ଦାୟର କରାଯାଇଛି । ଏଥି ମଧରୁ ୪ଟି ମାମଲା ଲକ୍ ଡାଉନ୍ ସମ୍ପର୍କିତ ହୋଇଥିବା ବେଳେ ୧ଟି ମାମଲା ହୋମ୍ କ୍ୱାରେନ୍‌ଟାଇନ ଏବଂ ୧ଟି ଗୁଜବ ପ୍ରଚାର ପାଇଁ ଅଟେ । ବିଭିନ୍ନ ଅଭିଯୋଗରେ ୮ ଜଣଙ୍କୁ ଗିରଫ କରାଯାଇଛି । ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

# କେନ୍ଦ୍ରାପଡା ଜିଲ୍ଲାରେ ସଂଗରୋଧ କେନ୍ଦ୍ରର ୬ କର୍ମଚାରୀ କରୋନା ଆକ୍ରାନ୍ତ ହେଲେ

ଭୁବନେଶ୍ୱର,୩୧।୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରୁ ୧୮ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ତନ୍ମଧ୍ୟରୁ ୧୨ ଜଣ ପ୍ରବାସୀ ଓ ବାହାର ରାଜ୍ୟ ଫେରନ୍ତା ହୋଇଥିବା ବେଳେ ୬ ଜଣ ସଂଗରୋଧ କେନ୍ଦ୍ରର କର୍ମଚାରୀ ମଧ୍ୟ ରହିଛନ୍ତି । କେନ୍ଦ୍ରାପଡା ଜିଲ୍ଲାପାଳ ସମର୍ଥ ବର୍ମା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ୧୨ ଜଣ ଗୁଜରାତ, କର୍ଣାଟକ ଓ ପଶ୍ଚିମବଙ୍ଗରୁ ଫେରିଛନ୍ତି । ସେମାନଙ୍କ ବ୍ୟତୀତ ଦୁଇଟି ସଂଗରୋଧ କେନ୍ଦ୍ରର ୬ଜଣ କର୍ମଚାରୀ ମଧ୍ୟ ସଂକ୍ରମିତ ହୋଇଛନ୍ତି । ଏମାନଙ୍କର ନମୂନା ସଂଗ୍ରହ କରା ଯାଇଥିଲା ଓ ସେମାନଙ୍କର ରିପୋର୍ଟ ପଜିଟିଭ ଆସିଛି । ସମସ୍ତଙ୍କୁ କୋବିଡ ହସପିଟାଲକୁ ପଠାଇ ଦିଆ ଯାଇଛି । ଏମାନେ ମାର୍ଶାଘାଇ ହାଇସ୍କୁଲ ଓ ପେଣ୍ଠପାଲ ସାଇକ୍ଲୋନ ସେଂଟରର ସଂଗରୋଧ କେନ୍ଦ୍ରର କର୍ମଚାରୀ । ସେମାନଙ୍କ ମଧ୍ୟରେ କୌଣସି ଲକ୍ଷଣ ନାହିଁ । ଏମାନଙ୍କ ମଧ୍ୟରେ ଆଙ୍ଗନବାଡି କର୍ମୀ, ଆଶା ଦିଦି, ସଫେଇ କର୍ମଚାରୀ ଓ ସଂଗରୋଧ କେନ୍ଦ୍ରରେ କାମ କରୁଥିବା ସ୍ୱେଚ୍ଛା ସେବୀ ଅଛନ୍ତି । ଏହି କାରଣରୁ ଦୁଇଟି ଅଂଚଳରେ ଦୁଇଟି କଂଟେନମେଂଟ ଜୋନ ଭାବେ ଘୋଷଣା କରା ଯାଇଛି ।

# ହରିଆନାରେ ୧୧୮ ନୂଆ ମାମଲା : ୨ ହଜାର ପାର କଲା କରୋନା

ଚଣ୍ଡିଗଡ଼,୩୧।୫ (ନି.ପ୍ର): ହରିଆନାରେ କରୋନା ସଂକ୍ରମଣର ହାର ଲଗାତର ବଢ଼ିବାରେ ଲାଗିଛି । ଏପ ସପ୍ତାହରେ ପାଖାପାଖି ୧୨୦୦ ନୂଆ ମାମଲା ଆସିବା ଦ୍ୱାରା ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨ ହଜାର ପାର ହୋଇଗଲାଣି । ୫୦ ପ୍ରତିଶତରୁ ଅଧିକ ମାମଲା କେବଳ ଗୁରୁଗ୍ରାମ ଓ ଫରିଦାବାଦର । ଏନସିଆରର ସତେ ସୋନିପତ, ଝାଂଜର, ପଲଓଲ ଓ ନୁଁହ ରେ ମଧ କରୋନା ସଂକ୍ରମଣ ନିୟନ୍ତ୍ରଣାଧିନ ବୋଲି ଜଣାପଡ଼ିଛି ।

ରବିବାର ଦିନ ୧୧୮ ନୂଆ ମାମଲା ଆସିବା ଦ୍ୱାରା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୨୦୪୧ ରେ ପହଂଚିଛି । ଭଲ ଖବର କି ଏମାନଙ୍କ ମଧରୁ ଅଧା କରୋନା ରୋଗୀ ଭଲ ହୋଇ ଘରକୁ ଫେରିଛନ୍ତି । ୭୭ କରୋନା ରୋଗୀ ଠିକା ହେବା ପରେ ମୋଟ ଏହି ସଂଖ୍ୟା ୧୦୪୮ ରେ ପହଂଚିଛି । ଯାହାକି ରିକଭରି ରେଟ୍ ୫୧.୩୫ ଅଛି । ପ୍ରତ୍ୟେକ ୧୦ ଲକ୍ଷ ଉପରେ ସନ୍ଦିଗ୍ଧଙ୍କ ଯାଂଚ ପ୍ରକ୍ରିୟା ଲଗାତର ବଢୁଛି, ଯାହା ୪୫୯୨ ରେ ପହଂଚିଛି । ଗୁରୁଗ୍ରାମରେ ପ୍ରଖର ମାତ୍ରାରେ ସଂକ୍ରମଣ ହେଉଛି । ସେଠାରେ ମଧ୍ୟ ସଂକ୍ରମଣକୁ ହରାଇବା ଲୋକ ସଂଖ୍ୟା ବଢ଼ିଛି । ଗୁରୁଗ୍ରାମରେ ୬୦ ରୋଗୀ ଠିକ୍ ହୋଇ ଘରକୁ ଫେରିଛନ୍ତି । ଫରିଦାବାଦରୁ ୧୫, ସୋନିପତରୁ ୨ ରୋଗୀ ଠିକ୍ ହୋଇଛନ୍ତି । ଏଥି ସହିତ ଗୁରୁଗ୍ରାମରେ ୮୨ ନୂଆ ମାମଲା ସାମନାକୁ ଆସିଛି, ଯାହାକି ଭିୱାନିରେ ୨୦, ହିସାରରୁ ୯, ଫରିଦାବାଦରୁ ୬ ଓ ପଲୱଲରୁ ୧ ଜଣ ସଂକ୍ରମିତ ମିଳିଛି । ଯମୁନାନଗର ଓ ଜିନ୍ଦ କରୋନାକୁ ହରାଇବାରେ ଏକ କଦମ ଦୂରରେ । ପ୍ରଦେଶରେ ଲଗାତର ମାମଲା ବଢୁଥିବାର ଦେଖି ସନ୍ଦିଗ୍ଧ ସାମ୍ପଲ ନେବା ସଂଖ୍ୟା୧ ଲକ୍ଷ ୧୬ ହଜାର ୪୦୭ ରେ ପହଂଚିଲାଣି । ଯେଉଁଥିରେ କି ୧ ଲ ୯ହଜାର ୯ ଶହ ୯୮ ଜଣଙ୍କ ରିପୋର୍ଟ ନେଗେଟିଭ ଆସିଛି ଏବଂ ୪ ହଜାର ୩ ଶହ ୬୮ ଜଣଙ୍କ ରିପୋର୍ଟ ଅପେକ୍ଷାରେ ଅଛି । ପ୍ରଦେଶରେ ୟୁଏସଏରୁ ଫେରିଥିବା ୨୧ ଲୋକ ଓ ୧୩୩ ଜମାତିଙ୍କୁ ମିଶେଇ ସଂକ୍ରମିତଙ୍କ ସଂଖ୍ୟା ୨ ହଜାର ୪୧ ରେ ପହଂଚିଛି । ଏହା ମଧ୍ୟରେ ସବୁଠାରୁ ଅଧିକ ଗୁରୁଗ୍ରାମ ରୁ ୭୫୯, ଫରିଦାବାଦରୁ ୩୪୫, ସୋନିପତ ରେ ୧୯୯, ଝାଂଜର ରେ ୯୭, ନୁହଁରେ ୭୦, ପାନୀପଥ ରେ ୬୧, ପଲୱଲରେ ୫୯, କରନାଲ ଅଂବାଲ ରେ ୫୦-୫୦, ହିସାର ରେ ୪୦, ମହେନ୍ଦ୍ରଗଡ଼ରେ ୩୯, ଭିୱାନୀରେ ୩୩, ରୋହତକରେ ୩୧, ଜିଂଦରେ ୨୯, ପଂଚକୁଲାରେ ୨୬, କୁରୁକ୍ଷେତ୍ରରେ ୨୭, ରାୱାଡ଼ି ରେ ୨୩, କୋୟଲ ରେ ୧୮, ସିରସା ଓ ଫତେହାବାଦରେ ୧୫-୧୫, ଚରଖି ଦାଦରୀ ରେ ୧୩, ଯମୁନାନଗର ରେ ୯ ତଥା ଚରଖୀ-ଦାଦରୀ ରେ ୮ ସଂକ୍ରମିତ ରୋଗୀ ଅଛନ୍ତି । କରୋନାକୁ ମାତ ଦେଇଥିବାଙ୍କ ସଂଖ୍ୟା ୯୪୦ ହୋଇଛି । ଏଥିରୁ ଗୁରୁଗ୍ରାମରେ ୨୮୪, ଫରିଦାବାଦରେ ୧୬୮, ସୋନିପତରେ ୧୪୮, ଝାଂଜର ରେ ୯୨, ନୁଁହରେ ୬୫, ଆମ୍ବଲାରେ ୪୦, ପଲୱଲରେ ୪୧, ପାନିପଥରେ ୩୭, ପଂଚକୁଲାରେ ୨୫, ଜିଂଦରେ ୨୪, ନାରନୋଲରେ ୧୯, କରନାଲରେ ୧୬, କୁରୁକ୍ଷେତ୍ରରେ ୧୩, ସିରସାରେ ୯, ଯମୁନା ନଗରରେ ୮, ରୋହତକରେ ୧୦, ଭିୱାନୀ ଓ ଫତେହାବାଦରେ ୭-୭, ହିସାରରେ ୫, ରାୱାଡ଼ିରେ ୪, କୌଥଲରେ ୩ ତଥା ଚରଖୀ-ଦାଦର ରେ ୧ ରୋଗୀ ଠିକ୍ ହୋଇ ଘରକୁ ଫେରିଛନ୍ତି ।

# ଆଧ୍ୟାତ୍ମିକ ବିଶ୍ୱାସରେ କରୋନାକୁ ହରେଇବା ପ୍ରୟାସ : ୭୧ଦିନ ହେଲା ଚାଲିଛି ହୋମଯଜ୍ଞ

ଭୁବନେଶ୍ୱର,୩୧।୫ (ନି.ପ୍ର): ମହାମାରୀ କରୋନାକୁ ପରାଜିତ କରିବା ଏବଂ ତାର ସଂକ୍ରମଣଜନିତ ଭୟକୁ ଦୂର କରିବା ସମଗ୍ର ବିଶ୍ୱପାଇଁ ଏକ ବିଷମୟ ପରିସ୍ଥିତି ସୃଷ୍ଟି କରିଛି । ମାରାତ୍ମକ ଭୂତାଣୁ କୋଭିଡ୍-୧୯ ଦୁର୍ବଳ ହେବାର ନାଁ ହିଁ ଧରୁନି । ସମଗ୍ର ରାଷ୍ଟ୍ରକୁ ତାଲାବନ୍ଦୀ କରି ରଖିଛି ଏହି ଶକ୍ତିଶାଳୀ ଭୂତାଣୁ । ଚିନ୍ତାର ବିଷୟ ଏପର୍ଯ୍ୟନ୍ତ କୌଣସି ଔଷଧ କିମ୍ବା ଭ୍ୟାକ୍‌ସିନ୍ ମଧ ଏହାର ଉପଚାର ପାଇଁ ଖୋଜା ଯାଇପାରି ନାହିଁ । ଡାକ୍ତର ଓ ବୈଜ୍ଞାନିକମାନେ ଅକ୍ଳାନ୍ତ ପରିଶ୍ରମ କରି ମଧ କିଛି ସୁଫଳ ଦେଇପାରି ନାହାନ୍ତି । ଭୟଙ୍କର ଭୂତାଣୁ କରୋନକୁ ଶକ୍ତିହୀନ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଦେଶବାସୀଙ୍କୁ ଘରେ ରହିବାକୁ ଅନୁରୋଧ କରିଛନ୍ତି । ସଚେତନତା, ସାମାଜିକ ଦୂରତା ହିଁ ଏକମାତ୍ର ଉପାୟ ଏହାର ବୃଦ୍ଧିକୁ ରୋକିବା ପାଇଁ । ଏଭଳି ସମୟରେ ନା କେବଳ ଘରେ ରହି, ମାତ୍ର ଘରେ ହୋମ ଯଜ୍ଞର ଆୟୋଜନ କରି ଦୀର୍ଘ ୭୧ ଦିନ ହେଲା ପରିବେଶକୁ ପବିତ୍ର ଓ ଭୂତାଣୁମୁକ୍ତ କରିବାର ଅଭିନବ ପ୍ରୟାସ କରିଆସୁଛନ୍ତି ଭୁବନେଶ୍ୱର ଲୁମ୍ବିନୀ ବିହାରସ୍ଥିତ ସମାଜସେବୀ ଶ୍ରୀମତୀ ନିବେଦିତା ଲେଙ୍କା । ବିଜ୍ଞାନ, ଟେକ୍ନୋଲୋଜି ଯେଉଁଠି ହାରିଯାଇଛି, ସେଇଠି ନିଜର ଗଭୀର ଆତ୍ମବିଶ୍ୱାସ ଏବଂ ପ୍ରୟାସ ଦ୍ୱାରା କରୋନା କବଳରୁ ପୃଥିବୀକୁ ମୁକ୍ତ କରିବାର ତାଙ୍କର ଏହି ଚେଷ୍ଟା ନିଶ୍ଚୟ ସ୍ୱାଗତଯୋଗ୍ୟ । ବିଶ୍ୱବାସୀଙ୍କ ରକ୍ଷା ପାଇଁ ଚତୁର୍ଥ ପର୍ଯ୍ୟାୟରେ ମଧ ଧୈର୍ଯ୍ୟ ନ ହରାଇ ଭଗବାନଙ୍କ ନିକଟରେ ପୂଜା, ହୋମ ଓ ପ୍ରାର୍ଥନା ଦ୍ୱାରା ଏ ଭୟଙ୍କର ବ୍ୟାଧି ଦୁର୍ବଳ ହେବ ବୋଲି ରହିଛି ତାଙ୍କର ଅଗାଧ ବିଶ୍ୱାସ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନରେ ଜନତା କର୍ଫ୍ୟୁ ଜାରି ହେବାଦିନଠାରୁ ଆଜିଯାଏଁ ସପରିବାର ପ୍ରତ୍ୟହ ସକାଳ ୮ଟାରୁ ୧୦ଟା ଯାଏ, ସେ ଏ ହୋମଯଜ୍ଞ କରୁଛନ୍ତି । ଏହା ସହିତ ସେ ଜରୁରୀକାଳୀନ ସେବାରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀ, ଗଣମାଧମ ପ୍ରତିନିଧି, ପୋଲିସବାହିନୀ ଏବଂ ସଫେଇକର୍ମୀଙ୍କ ସୁରକ୍ଷା ଓ ସୁସ୍ଥତା କାମନା କରୁଛନ୍ତି ବୋଲି ଜଣେଇଛନ୍ତି । ଲକ୍‌ଡାଉନ୍ ଅବଧି ଶେଷ ହେବା ପର୍ଯ୍ୟନ୍ତ ଏ ହୋମଯଜ୍ଞ ଜାରି ରହିବାର ସୂଚନା ବାସ୍ତବରେ ତାଙ୍କର ଧୈର୍ଯ୍ୟ, ନିଃସ୍ୱାର୍ଥପର ଜନସେବା ଓ ଭଗବତ ବିଶ୍ୱାସକୁ ପ୍ରତିଫଳିତ କରୁଛି । ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସଂସ୍କୃତିକୁ ଅନୁସରଣ କରି ହ୍ୱାଇଟ୍ ହାଉସ୍ ପ୍ରାଙ୍ଗଣରେ ତାଙ୍କ ଦେଶବାସୀଙ୍କ ଶାନ୍ତିପାଠର ଆୟୋଜନ କରିଥିଲେ ସଂସ୍କୃତିର ମହାନତାକୁ ପ୍ରମାଣିତ କରିଥିଲେ । ସ୍ୱେନ୍‌ର ଏକ ଡାକ୍ତରଖାନାରେ ଡାକ୍ତରଙ୍କ ସମେତ ସମସ୍ତ କର୍ମଚାରୀ ଆମ ଭାରତୀୟ ସଂସ୍କୃତିକୁ ଅବଲମ୍ବନ କରି 'ଓଁ' ମନ୍ତ୍ରର ଉଚ୍ଚାର କରିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଏହି ମନ୍ତ୍ରର ଜପ ଦ୍ୱାରା ମନ ସ୍ଥିର ଓ ଶାନ୍ତ ହୁଏ, ଯାହା କରୋନା କାଳରେ ଲୋକଙ୍କ ମନକୁ ଭୟମୁକ୍ତ କରିବାରେ ସହାୟକ ହୋଇପାରିବ ବୋଲି ତାଙ୍କର ବିଶ୍ୱାସ ରହିଛି । କହିବା ବାହୁଲ୍ୟ ଭକ୍ତି ଓ ଭଗବତ ବିଶ୍ୱାସ ହିଁ ଏବେ ଶେଷ ଆଶ୍ରା ବୋଲି କୁହାଯାଇପାରେ । ବହୁତ ଗୁଡ଼ିଏ ରାଷ୍ଟ୍ର ଏଭଳି ସମୟରେ ଭକ୍ତି ଓ ଆଧ୍ୟାତ୍ମିକ ମନୋବୃ ି ନେଇ ଦୁନିଆକୁ କରୋନାମୁକ୍ତ କରିବାର ପ୍ରୟାସ କରୁଥିବା ବେଳେ ଶ୍ରୀମତୀ ନିବେଦିତାଙ୍କର ଏହି ଆସ୍ଥା ଓ ବିଶ୍ୱାସର ଚେଷ୍ଟା ସାମ୍ପ୍ରତିକ ପରିସ୍ଥିତିରେ ଏକ ଉଦାହରଣ ସାଜିଛି ।

# ଡେଲାଙ୍ଗରେ ବନ୍ଦେ ଉତ୍କଳ ଜନନୀ ଗାନ

ଡେଲାଙ୍ଗ,୩୧।୫ (ନି.ପ୍ର): ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱନ କ୍ରମେ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକର ବିଭିନ୍ନ ପୁରପଲ୍ଲୀରେ କୋଭିଡ-୧୯ ଯୁଦ୍ଧରେ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଦିନରାତି ଏକ କରିଦେଇଥିବା କୋଭିଡ ଯୋଦ୍ଧାମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇବା ଏବଂ ସେମାନଙ୍କ ମହତ କାର୍ଯ୍ୟକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ଅପରାହ୍ନରେ ୫ଟା ୩୦ରେ ଯିଏଁ ଯେଉଁ ସ୍ଥାନରେ ରହି ବନ୍ଦେ ଉତ୍କଳ ଜନନୀ ଗାନ କରି ଓଡିଆ ଭାଇଭଉଣୀ ମାନେ ବିପୁଳ ସମର୍ଥନ ଜଣାଇଥିଲେ । ଏହି ପରିପେକ୍ଷୀରେ ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରେ ବିଡିଓ କ୍ଷିରୋଦ୍ର ପ୍ରଧାନ, ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ ,ମିଶନଶକ୍ତି ମହିଳା ମହାସଙ୍ଘର ସମ୍ପାଦିକା ବାସନ୍ତି ସାହୁ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ରାଜେନ୍ଦ୍ର ଆଚାରିଆ ,ଡେଲାଙ୍ଗ ଥାନାରେ ଆଇଆଇସି ରଶ୍ମି ରଞ୍ଜନ ପଟ୍ଟନାୟକ, ସମେତ ଡେଲାଙ୍ଗ -କୋଠବାଡ,ଚାଇଁପୁର ଆଦି ଗ୍ରାମ ପଂଚାୟତରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା ।

# ଅମ୍ଫନର କ୍ଷୟକ୍ଷତି ନେଇ ସିପିଏମ୍‌ର ପ୍ରେସ୍‌ମିଟ୍

## ପ୍ରଶାସନୀକ ରିପୋର୍ଟ ଭ୍ରମାତ୍ମକ : ସାନି ରିପୋର୍ଟ ଲାଗି ଜିଲାପ୍ରଶାସନର ଦୃଷ୍ଟି ଆକର୍ଷଣ

ଜଳେଶ୍ୱର,୩୧।୫(ନିପ୍ର) : ଅମ୍ଫନ କ୍ଷୟକ୍ଷତି ରିପୋର୍ଟ ଜଳେଶ୍ୱର ବ୍ଲକରେ ପ୍ରକାଶ ପାଇବାପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରୀୟା ଦେଖା ଦେଇଛି । ଆଜି ଜଳେଶ୍ୱର ସିପିଆଇଏମ୍ ପ୍ରକାଶିତ ରିପୋର୍ଟ ଭ୍ରମାତ୍ମକ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିବା ସହିତ ସାନି ତଦନ୍ତ କରିବାକୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି । ଅନ୍ୟଥା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସାମ୍ବାଦିକ ସମ୍ମିଳନରେ କେତେକ ନେତୃମଣ୍ଡଳି ସୂଚନା ଦେଇଛନ୍ତି ।

ଅମ୍ଫନ ପରେ ବ୍ୟାପକ ଚାଷ ଜମିର କ୍ଷୟକ୍ଷତି ହେବା ସଂପର୍କରେ କୃଷି ବିଭାଗ ସୂଚନା ଦେଇଥିଲା । ଏଥିରେ ୨୫୦୦ ହେକ୍ଟର ଜମିରେ ଧାନକଟା ହୋଇନଥିବା ଅମ୍ଫନ ଆସିବା ପୂର୍ବ ୧୯ତାରିଖରେ କୁହାଯାଇଥିବା ବେଳେ ପରବର୍ତ୍ତୀ ସମୟରେ କ୍ଷୟକ୍ଷତି ଆକଳନ କରି ସ୍ଥାନୀୟ ପ୍ରଶାସନ ୩୨୪ ହେକ୍ଟର ଜମି କ୍ଷତିଗ୍ରସ୍ତ ବୋଲି ରିପୋର୍ଟକୁ ସିପିଆଇଏମ୍ ହାସ୍ୟାସ୍ପଦ ବୋଲି କହିଛି । ଏବେବି ଜଳେଶ୍ୱର ବ୍ଲକର ବିଭିନ୍ନ ସ୍ଥାନରେଅଧିକ ଅମଳକ୍ଷମ ଧାନ ଅମଳ ହେଉଥିବାର ଲକ୍ଷ କରାଯାଇଛି । ଧାନରୁ ଗଜ ହୋଇଥିଲେ ମଧ୍ୟ ଚାଷୀ ଧୈର୍ଯ୍ୟ ସହ ତାହା ଅମଳ କରି ଚାଲିଛି । ଏହା ବ୍ୟତିତ ମାତ୍ର ୩୦୬ଟି ଘର ଅଂଶିକଭାବେ ଭଂଗିଯିବା ପ୍ରକାଶ କରିବା ମଧ୍ୟ ବିଶ୍ୱାସଯୋଗ୍ୟ ନୁହେଁ । ଏହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ସିପିଆଇଏମ୍ ପକ୍ଷରୁ କୁହାଯିବା ସହିତ ସବିଶେଷ ତଥ୍ୟ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି ।

ଜଳେଶ୍ୱର ବ୍ଲକରେ ରେସନକାର୍ଡ ହିତାଧିକାରୀ ଚୟନରେ ଅନିୟମିତତାର ଅଭିଯୋଗ ଆଣିଛି ସିପିଆଇଏମ୍ । କେତେକ ଯୋଗ୍ୟ ହିତାଧିକାରୀ ବାଦ୍ ପଡିଥିବାରୁ ସ୍ୱଚ୍ଛ ଚୟନପାଇଁ ସିପିଆଇଏମ୍ ଦାବି ଜଣାଇଛି । ଜଳେଶ୍ୱର ପୌରପରିଷଦର ସଫେଇ କାର୍ଯ୍ୟର ସ୍କାମ ସଂପର୍କରେ ବର୍ଣ୍ଣନା କରି ଭିଜିଲାନ୍ସ ତଦନ୍ତ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି । ନିଳଗିରିର ଏ ?କ ନିର୍ଦ୍ଦିଷ୍ଟ କମ୍ପାନୀ ୩ବର୍ଷ ପୂର୍ବେ ମାସକ ୩ଲକ୍ଷ ଟଙ୍କାରେ ଟେଣ୍ଡର ନେଇଥିବା ବେଳେ ଏବେ ୮ଲକ୍ଷ ୭୬ହଜାର ଟଙ୍କାରେ ଟେଣ୍ଡର ନେଇଥିଲେ ମଧ୍ୟ ସଫେଇ କାର୍ଯ୍ୟ ଠିକ୍‌ଭାବେ ହେଉନାହିଁ । ୬୨ଜଣ ଲୋକ ଦୈନିକ କାର୍ଯ୍ୟ କରିବାର ଥିବା ବେଳେ ବାସ୍ତବରେ ତାହା ହେଉନଥିବା ସେମାନେ ଅଭିଯୋଗ କରିଛନ୍ତି । ବିଦ୍ୟୁତ୍ ଟିକସ ଓ ହୋଲ୍ଡିଂ ଟିକସ ସମପରିମାଣରେ ଦିଆଯାଉଥିଲେ ମଧ୍ୟ ବିଦ୍ୟୁତ୍ ସରବରହ ଠିକ୍‌ଭାବେ ହେଉନଥିବା ସେମାନେ କହିଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ କୋଭିନ-୧୯ ଟେଷ୍ଟିଂ ଅଧିକ ହେବାକୁ ଦେମାନେ ଦାବି କରିଛନ୍ତି । ଦିଲ୍ଲିପ କୁମାର ଗିରି, ଶିଶିର କୁମାର ହୁଇ, ଦିପ୍ତିମାନ ଆଚାର୍ଯ୍ୟ, ସିତାଂଶୁ ସେନାପତି, ରବିନ୍ଦ୍ର ବାରିକ, ଜୀବନ ପରିଡା, ଦିଲ୍ଲିପ ପରିଡା ଓ ପଲ୍ଟୁ ଦାସ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

ସୋମବାର,୧ ଜୁନ୍ ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ପ୍ରବାସୀ ଶ୍ରମଜୀବୀଙ୍କ ସମର୍ଥନରେ ପଦଯାତ୍ରା

ଭୁବନେଶ୍ୱର,୩୧।୫ (ନି.ପ୍ର): କୌଣସି ପୂର୍ବ ପ୍ରସ୍ତୁତି ବିନା ଦେଶରେ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଲକ୍ ଡାଉନ୍ ଲାଗୁ କରି ସରକାର ଦେଶର ତଥା କୋଟିକୋଟି ଶ୍ରମଜୀବୀଙ୍କର ଜୀବନ ଦୁର୍ବିସହ କରିଦେଇଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ କାମ କରୁଥିବା ଶ୍ରମଜୀବୀମାନେ ରୋଜଗାର ହରାଇବା ସହ ଭୋକ ଶୋଷରେ କୌଣସି ସରକାରୀ ସହାୟତା ବିନା ପାଦରେ ଚାଲି ଚାଲି, ସାଇକେଲ ବା ଟ୍ରକ ଡାଲାରେ ବିପଦଶଙ୍କୁଳ ଭାବେ ହଜାର ହଜାର କିଲୋମିଟର ଅତିକ୍ରମ କରୁଛନ୍ତି। ମୁଖ୍ୟମନ୍ତ୍ରୀ, ପୋଲିସ ମହାନିର୍ଦ୍ଦେଶକ, ପ୍ରଧାନମନ୍ତ୍ରୀ ତଥା ସୁପ୍ରିମକୋର୍ଟଙ୍କ 'କେହି ଭୋକ ପେଟରେ ଚାଲିବେ ବା ସାଇକେଲରେ ଯିବେ ନାହିଁ' ନିର୍ଦ୍ଦେଶ ଥିବା ସତ୍ତ୍ୱେ ବାସ୍ତବତା ହେଉଛି ଆଜି ବି ହଜାର ହଜାର ଲୋକେ ଦେଶର ଏ କୋଣରୁ ସେ କୋଣ ଯାଏ ଚାଲିବାରେ ଲଗିଛନ୍ତି। ଶ୍ରମିକ ସ୍ପେଶାଲ ଟ୍ରେନସବୁ ଦିଗହରା ହୋଇଛନ୍ତି। ଶ୍ରମଜୀବୀଙ୍କର ଏହି ବିପଦ ସମୟରେ ଓଡ଼ିଶା ସମେତ ବିଭିନ୍ନ ସରକାରମାନେ ଦିନକର ଶ୍ରମ ଅବଧି ୮ ଘଂଟାରୁ ୧୨ ଘଂଟାକୁ ବଢ଼ାଇ ଦେଇଛନ୍ତି। ସରକାରମାନଙ୍କର ଏହି ଅମାନବୀୟ କାର୍ଯ୍ୟକଳାପକୁ ବିରୋଧ କରି ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ରାଷ୍ଟ୍ରୀୟ ଯୁବା ସଙ୍ଗଠନ, ଉତ୍କଳ ଖଦି ମଣ୍ଡଳ, କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟ, ସର୍ବୋଦୟ, ଲୋହିଆ ଏକାଡେମୀ, ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ ଆଦି ଗାନ୍ଧୀ ବିଚାରର ସଂଗଠନମାନଙ୍କ ପକ୍ଷରୁ ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ଏକ ପଦଯାତ୍ରା ଆୟୋଜନ କରାହୋଇଛି। ଆମ ରାଜ୍ୟ ତଥା ରାଜ୍ୟ ବାହାରର ଯେଉଁ ମଣିଷ ଓଡ଼ିଶା ମଧ ଦେଇ ଯାଉଛନ୍ତି, ସରକାର ନିଜ ବାକ୍ୟ ରକ୍ଷା କରି ତୁରନ୍ତ ବିଭିନ୍ନ ସ୍ଥାନରେ ମାଗଣା ଖାଦ୍ୟର ବ୍ୟବସ୍ଥା କରିବା ସହ ଗାଡିର ବ୍ୟବସ୍ଥା କରିବାକୁ ସଂଗଠନମାନଙ୍କ ପକ୍ଷରୁ ଦାବି କରାହୋଇଛି। ଶ୍ରମ ଦିବସର ଅବଧି ପୂର୍ବପରି ଆଠ ଘଣ୍ଟାକୁ କମାଇବା, ରାଜ୍ୟକୁ ଫେରି ଆସିଥିବା ଶ୍ରମିକମାନଙ୍କ ପାଇଁ ଗାଁ ଗାଁରେ ଗ୍ରାମସ୍ୱରାଜ୍ୟ ଭିତ୍ତିରେ କାମ ସୃଷ୍ଟି କରିବା ପ୍ରଭୃତି ଦାବୀ କରାହୋଇଛି ।

## ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ଛୁଇଁଲା ୧୫୨

### କଟକଣା କୋହଳ ୫ମ ଲକ୍ ଡାଉନ୍‌କୁ ନେଇ ସାଧାରଣରେ ଆଶ୍ୱସ୍ତି

ବାଲେଶ୍ୱର,୩୧।୫ (ନି.ପ୍ର): ଦିନକୁ ଦିନ ରାଜ୍ୟରେ ବୃଦ୍ଧି ପାଉଥିବା କରୋନା ସଂକ୍ରମିତଙ୍କ ସଂଖ୍ୟାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଆଜି ସୁଦ୍ଧା ଓଡ଼ିଶାରେ ସଂକ୍ରମିତଙ୍କ ୧୯୪୮ରେ ପହଞ୍ଚିଛି ଥିବା ବେଳେ ତନ୍ମଧ୍ୟରୁ ୧୧୨୬ଜଣ ସୁସ୍ଥ ହୋଇଥିବା ବେଳେ ୭ ଜଣଙ୍କର ମୃତ୍ୟୁ ହୋଇଛି। ତେବେ କରୋନା ସଂକ୍ରମିତ ଥାଇ ଅନ୍ୟ ରୋଗରେ ମଧ୍ୟ ଦୁଇଜଣଙ୍କର ମୃତ୍ୟୁ ହୋଇଛି। ମୋଟ ୮୧୩ ଜଣ ଏବେ କୋଭିଡ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ଅନୁରୂପ ଭାବେ ବାଲେଶ୍ୱରରେ ଆଜି ୬ ଜଣ ନୂଆ ପଜିଟିଭ ଚିହ୍ନ ହୋଇଥିବା ବେଳେ ଅଦ୍ୟାବଧି କରୋନା ସଂକ୍ରମିତଙ୍କ ସଂଖ୍ୟା ୧୫୨ରେ ପହଞ୍ଚିଛି। ୧୨୪ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ମୋଟ ୨୭ ଜଣ ଏବେ କୋଭିଡ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ସଂକ୍ରମିତ ଥାଇ ଅନ୍ୟ ରୋଗରେ ଜଣକର ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ଆଜି ଶେଷ ହୋଇଛି ସରକାରଙ୍କ ୪ର୍ଥ ପର୍ଯ୍ୟାୟ ଲକ୍ ଡାଉନ୍ ଅବଧି। କଟକଣା କୋହଳ ମଧ୍ୟରେ ସରକାର ଜୁନ୍ ମାସ ପହିଲାରୁ ୩୦ ତାରିଖ ପର୍ଯ୍ୟନ୍ତ ପଞ୍ଚମ ପର୍ଯ୍ୟାୟ ଲକ୍ ଡାଉନ୍ ଘୋଷଣା କରିଛନ୍ତି। ଏହି ପଞ୍ଚମ ପର୍ଯ୍ୟାୟ ଲକ୍ ଡାଉନ୍‌ରେ ଜନସାଧାରଣଙ୍କ ଯାତାୟତ ଓ ଗାଡ଼ି ଚଳାଚଳକୁ କଟକଣା ମୁକ୍ତ କରାଯାଇଥିବା ବେଳେ ରାତ୍ରିକାଳୀନ କର୍ଫ୍ୟୁକୁ ମଧ୍ୟ କୋହଳ କରାଯାଇଛି। ପୂର୍ବରୁ ସଂଧ୍ୟା ୭ଟାରୁ ସକାଳ ୬ ପର୍ଯ୍ୟନ୍ତ ଥିବା କର୍ଫ୍ୟୁ ଅବଧିକୁ ହ୍ରାସ କରାଯାଇ ରାତି ୯ଟାରୁ ଭୋର ୫ଟା ପର୍ଯ୍ୟନ୍ତ କରାଯାଇଛି। ତେବେ ୧୦ ବର୍ଷରୁ କମ୍ ଶିଶୁ ଓ ଅସୁସ୍ଥ ବ୍ୟକ୍ତିଙ୍କ ବୁଲାବୁଲି ଉପରେ କଟକଣା ରହିଛି। ଅନ୍ୟପକ୍ଷରେ ଏଥର ୩ ଗୋଟି ପର୍ଯ୍ୟାୟରେ ଲକ୍ ଡାଉନ କଟକଣାକୁ କୋହଳ କରାଯାଇଛି। ଯାହାବି ହେଉ କଟକଣା କୋହଳ ପଞ୍ଚମ ପର୍ଯ୍ୟାୟ ଲକ୍ ଡାଉନକୁ ନେଇ ସାଧାରଣ ଲୋକେ ସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷ କରି ଶ୍ରମଜୀବୀ ଓ ସାଧାରଣ ଲୋକେ

## ଏ.ବି.ଭି.ପ କଟକ ଦ୍ୱାରା କରୋନା ଯୋଦ୍ଧାଙ୍କୁ ସମ୍ମାନ

କଟକ,୩୧।୫ (ନି.ପ୍ର): ବିଶ୍ୱରେ କରୋନା ମହାମାରୀ ନିଜର ଭୟାବହତା ଜାରି ରଖିଥିବା ସମୟରେ ନିଜ ଜୀବନକୁ ଖାତିର ନ କରି ନିଜ କର୍ମକ୍ଷେତ୍ରରେ ଯୋଗଦେଉଥିବା ଓ ଲୋକମାନଙ୍କ ସେବା କରୁଥିବା କରୋନା ଯୋଦ୍ଧାମାନେ ପ୍ରକୃତରେ ସମ୍ମାନ ପାଇବା ଯୋଗ୍ୟ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ କରୋନା ଯୋଦ୍ଧା ମାନଙ୍କୁ ସମ୍ମାନୀତ କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ଏବିଭିପି କଟକର ସଦସ୍ୟ ମାନଙ୍କ ଦ୍ୱାରା କଟକର ବିଭିନ୍ନ ସ୍ଥାନରେ ତଥା କଟକ ମହାନଗର, ସାଲେପୁର, ଚୌଦ୍ୱାର, ଅଢ଼ଙ୍ଗପୁର, ନରସିଂହପୁର ଓ କନ୍ଦରପୁର ଆଦି ସ୍ଥାନରେ କରୋନା ଯୋଦ୍ଧା ମାନଙ୍କୁ ଫୁଲ-ଚନ୍ଦନ, ପୁଷ୍ପଗୁଚ୍ଛ, ଧନ୍ୟବାଦ ପତ୍ର, ମାନପତ୍ର, ଉତରୀୟ, ଥଣ୍ଡା ପାନୀୟ ଓ ମିଠା ଆଦି ଦେଇ ସମ୍ମାନିତ ଓ ଉତ୍ସାହିତ କରାଯାଇଥିଲା।

## ସବୁରି ମୁହଁରେ ବନ୍ଦେ ଉତ୍କଳ ଜନନୀ

ଭୁବନେଶ୍ୱର,୩୧।୫ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ସାରା ଓଡ଼ିଶା ସହିତ ରାଜ୍ୟ ଓ ଦେଶ ବାହାରେ ଥିବା ସମସ୍ତ ଓଡ଼ିଆମାନେ କୋଭିଡ଼ ଯୋଦ୍ଧା ମାନଙ୍କୁ ଉତ୍ସାହସତ କରିବା ଓ ସେମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏକାକାର ହୋଇ ମେ ତିରିଶ ସନ୍ଧ୍ୟା ୫.୩୦ ମିନିଟ୍ ସମୟରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରିଛନ୍ତି। ସେଥିରୁ ବୀର ସୁରେନ୍ଦ୍ର ସାଏ ନଗର ବାସୀ ମଧ୍ୟ ବାଦ ପଡ଼ି ନାହାନ୍ତି । ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପରେ ଭି.ଏସ.ଏସ ନଗର ଉନ୍ନୟନ ପରିଷଦ, ଦୁର୍ଗାପୂଜା ସମିତି, ବରିଷ୍ଠ ନାଗରିକ ମଂଚ ଓ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ମିଳିତ ଭାବେ ବୋଲିଛନ୍ତି ବନ୍ଦେ ଉତ୍କଳ ଜନନୀ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ରଶ୍ମିତା ମହାନ୍ତି, ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ତଥା ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା, ଉପଦେଷ୍ଟା ନିରଂଜନ ଦାଶ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, ଦୁର୍ଗାପୂଜା ସମିତିର ସଭାପତି ଆର୍ତତ୍ରାଣ ଦଳାଇ, ଉପ-ସଭାପତି ନିମାଇଁ ଦାସ ଓ ସାଧାରଣ ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା କାଳନ୍ଦି ସ୍ୱାଇଁ, ବରିଷ୍ଠ ନାଗରିକ ମଂଚର ସାଧାରଣ ସମ୍ପାଦକ ସୁରେଶ କୁମାର କର, ଉନ୍ନୟନ ପରିଷଦର କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ, ଯୁଗ୍ମ-ସମ୍ପାଦକ ତ୍ରିଲୋଚନ ରଥ, ଇଂ. ନଳିନୀ କୁମାର ମହାନ୍ତି, ପ୍ରସନ୍ନ କୁମାର ରଥ, ରାମ ଚନ୍ଦ୍ର ସାମଲ, ମନୋଜ ସାହୁ, ନିରଂଜନ ପାତ୍ର, ଚିନ୍ତାମଣି ବାରିକ ଓ ଭ୍ରମରବର ପ୍ରଧାନଙ୍କ ସହିତ ବହୁ କର୍ମକର୍ତା ଓ ସଦସ୍ୟ, ସଦସ୍ୟା ଯୋଗ ଦେଇ ଏହି ଗୀତ ଗାନ କରିଥିଲେ।

## ୧୭ ହଜାର କୋଟି ଟଙ୍କା ବାଟମାରଣ ରାସ୍ତାରେ ରାଜ୍ୟ ସରକାର

ଭୁବନେଶ୍ୱର,୩୧।୫ (ନି.ପ୍ର): କରୋନା ମହାମାରୀ ଜନିତ ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ୧୭ ହଜାର କୋଟି ଟଙ୍କାର ଯେଉଁ ସହାୟତା ରାଶି ଘୋଷଣା କରିଛନ୍ତି, ସେଥିରେ ରାଜ୍ୟର କାମ ହରାଇଥିବା ଶ୍ରମିକ, ରାଜ୍ୟ ବାହାରୁ ଆସିଥିବା ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ କୌଣସି ବାସ୍ତବ ଯୋଜନା ନିଆଯାଇ ନାହିଁ। ମନରେଗା କାମକୁ ବର୍ଷକୁ ୧୦୦ ଦିନ ପରିବର୍ତ୍ତେ ୨୦୦ ଦିନ କରିବା, ଗ୍ରାମାଂଚଳ ପରି ସହରାଂଚଳରେ ତାହା କାର୍ଯ୍ୟକାରୀ କରିବାର ବ୍ୟବସ୍ଥା ହେଲେ ବହୁ ବେକାର ଶ୍ରମକ କାମ ପାଇ ପାରେନ୍ତ। ସେହିପରି ରାଜ୍ୟରେ ବନ୍ଦ ହୋଇଥିବା ଛୋଟ ବଡ଼ ଶିଳ୍ପ ଗୁଡ଼ିକୁ ଚାଲୁ କଲେ ସେଥିରେ ବହୁ ଶ୍ରମଜୀବି ନିଯୁକତି ପାଇ ପାରନ୍ତେ। ମାତ୍ର ସେ ଦିଗରେ ସରକାରଙ୍କର କୌଣସି ପଦକ୍ଷେପ ନାହିଁ। କୃଷି କ୍ଷେତ୍ର ପାଇଁ ମଧ ସରକାରୀ ପଦକ୍ଷେପ ତଦ୍ରୁପ। ଏପରି ହେଲେ ଏହି ଟଙ୍କାକୁ ବାଟମାରଣ କରି ତୋଷରପାତ କରିବା କେବଳ ସାର ହେବ। ବର୍ତମାନର ଦୁର୍ଦ୍ଦଶାରୁ ଲୋକେ ରିହାତି ପାଇବେ ନାହିଁ। ସେଥିପାଇଁ ଲୋକଙ୍କୁ କାମ ଯୋଗାଇବା ଲାଗି ସମସ୍ତଙ୍କ ସହ ଆଲୋଚନା କରି ସରକାର ଅବିଳମ୍ବେ ବାସ୍ତବବାଦୀ ପଦକ୍ଷେପମାନ ନେଲେ ଉପରେକ୍ତ ଟଙ୍କା ସଠିକ୍ ରାସ୍ତାରେ ବିନିଯୋଗ ହୋଇ ପାରିବ ବୋଲି ସିଆଇଟିୟୁ ରାଜ୍ୟ କମିଟି ତରଫରୁ ସଭାପତି ଦନାର୍ଦ୍ଦନ ପତି, ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଉପସଭାପତି ଶିବାଜୀ ପଟ୍ଟନାୟକ, ଲମ୍ବୋଦର ନାୟକ ପ୍ରମୁଖ ଦାବି କରିଛନ୍ତି।

## ବସ୍ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ପ୍ରତି ଉଦାସୀନ ସରକାର-ମାଲିକ

### ପ୍ୟାକେଜ୍ ଦାବିରେ ମୋଟର୍ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନର୍ ବିକ୍ଷୋଭ୍



ବାଲେଶ୍ୱର,୩୧।୫ (ନି.ପ୍ର): ରାଜ୍ୟ ସରକାର ଓ ଘରୋଇ ବସ୍ ମାଲିକ ସଂଘର ସଫଳ ଆଲୋଚନା କ୍ରମେ ଦୀର୍ଘଦିନ ପରେ ସମଗ୍ର ଓଡ଼ିଶାରେ ବସ୍ ଚଳାଚଳ ପାଇଁ ନିଷ୍ପତି ନିଆଯାଇଥିଲେ ବି ବିଭିନ୍ନ ଦାବି ନେଇ ପରିବହନ କର୍ମଚାରୀଙ୍କ ପକ୍ଷରୁ ଆଜିଠାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଏଥିରେ ଅନ୍ତରାୟ ହୋଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ ବାଲେଶ୍ୱର ଶାଖାର କର୍ମକର୍ତ୍ତା, ସଦସ୍ୟ ତଥା ଜିଲ୍ଲାର ଏକାଧିକ ଘରୋଇ ବସ୍‌ର ଡ୍ରାଇଭର, କଣ୍ଡକ୍ଟର ଓ ହେଲପର ସ୍ଥାନୀୟ ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବସ୍ ମାଲିକଙ୍କ ସ୍ୱାର୍ଥରକ୍ଷା ପ୍ରତି ଗୁରୁତ୍ୱ ଦେଇ ସେମାନଙ୍କ ଦାବି ଅନୁସାରେ ସରକାର ରୋଡ଼ ଟ୍ୟାକ୍ସ ଛାଡ଼ କରିବା ସହ ବୀମା ଓ ଋଣ କିସ୍ତି ପଇଠରେ କୋହଳ ନୀତି ଆପଣେଇଛନ୍ତି। ମାତ୍ର କରୋନା ସଂକ୍ରମଣ ଯୋଗୁଁ ସରକାରଙ୍କ ପକ୍ଷରୁ ଜାରି ରହିଥିବା ଲକ୍ ଡାଉନ୍ ଫଳରେ ଦୀର୍ଘ ୭୦ ଦିନ ଧରି ଜୀବିକା ହାରାଇ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଥିବା ପରିବହନ କର୍ମଚାରୀଙ୍କୁ ସରକାର କିମ୍ବା ବସ୍ ମାଲିକ ଟଙ୍କାଟିଏ ବି ସହାୟତା ଦେଲେ ନାହିଁ। ବସ୍ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ନ ଦେଇ ଗାଡ଼ି ଚଳାଚଳ କେତେ ଯୁକ୍ତିଯୁକ୍ତ ବୋଲି ସଂଗଠନ ପକ୍ଷରୁ ଆରୋପ ହୋଇଛି। ସଂଘର ଦାବି ମୁତାବକ ବସ୍ କର୍ମଚାରୀମାନଙ୍କୁ ଲକ୍ ଡାଉନ୍ ଅବଧି ସମେତ ଆସନ୍ତା ୬ ମାସ ପର୍ଯ୍ୟନ୍ତ ମାସିକ ୭ହଜାର ୫ଶହ ଟଙ୍କାର ଭତ୍ତା ସାଙ୍ଗକୁ ପ୍ରତି ପରିବାରକୁ ୧୦ କେଜି ଚାଉଳ, ୩ କେଜି ଡାଲି, ୨ ଲିଟର ଖାଇବା ତେଲ ପ୍ରଦାନ କରିବା; ମହାରାଷ୍ଟ୍ର ସରକାରଙ୍କ ଭଳି ଓଡ଼ିଶାରେ ମଧ୍ୟ ପ୍ରତ୍ୟେକ ପରିବହନ କର୍ମଚାରୀଙ୍କର ୧୦ ଲକ୍ଷ ଟଙ୍କାର ବୀମା କରାଇବା, କର୍ମଚାରୀ ଓ ଯାତ୍ରୀଙ୍କୁ ମାସ୍କ ପ୍ରଦାନ ଓ ସାନିଟାଇଜିଂ ପାଇଁ ସଂଘର କର୍ମକର୍ତ୍ତାମାନେ ଦାବି କରିଥିଲେ। ଏଥି ସହିତ ପରିବହନ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରା ନଗଲେ ଆଗାମୀ ଦିନରେ ସମସ୍ତ ପରିବହନ କର୍ମଚାରୀ ଚକାବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ରାଜକିଶୋର ଲେଙ୍କା, ଅସିତ ବରଣ ଦାସ, ପ୍ରମୋଦ କୁମାର ରାଉତ, ବିନୋଦ କୁମାର ଜେନା, ଅଚ୍ୟୁତ୍ କୁମାର ବାରିକ, ବସନ୍ତ କୁମାର ସାହୁ, ଗଣେଶ୍ୱର ଦାସ, ସନ୍ତୋଷ ମଲିକ ପ୍ରମୁଖ ପରିବହନ କର୍ମଚାରୀ ସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ହେଲପର, ଡ୍ରାଇଭର ଓ କଣ୍ଡକ୍ଟର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ରାଜଧାନୀ ଉପକଣ୍ଠସ୍ଥ ପ୍ରଧାନ ସାହିକୁ ପ୍ରଶାସନ କଲା ସଟଡାଉନ

ଭୁବନେଶ୍ୱର,୩୧।୫ (ନି.ପ୍ର): ରାଜଧାନୀରୁ କଂଟେନମେଂଟ ଓ ସଟ୍ ଡାଉନ ଉଠିବାର କିଛି ସମୟ ପରେ ଜିଲ୍ଲା ପ୍ରଶାସନ ପୁନର୍ବାର ରାଜଧାନୀ ଉପକଣ୍ଠସ୍ଥ ସୁନ୍ଦରପଦା ଅଂଚଳରେ ସଟ୍‌ଡାଉନ ଘୋଷଣା କରିଛି । ଖବର ନେବାରେ ଜଣାଯାଏ ଯେ, ସମ୍ପୃକ୍ତ ଅଂଚଳରେ ଥିବା ପ୍ରଧାନ ସାହିସ୍ଥିତ ଆଶୀର୍ବାଦ ଆପାଟମେଂଟରେ ରହୁଥିବା ଜନୈକ ବ୍ୟକ୍ତି କରୋନା ପଜିଟିଭରେ ଆକ୍ରାନ୍ତ ହୋଇଥିବାରୁ ସେ ଅଂଚଳକୁ ସଟ୍‌ଡାଉନ କରାଯାଇଛି। ଏହି ବ୍ୟକ୍ତି ଜଣକ ବହୁ ସ୍ଥାନରେ ବୁଲାବୁଲି କରିଛନ୍ତି। ଯେଉଁମାନେ ତା ସଂସ୍ପର୍ଶରେ ଆସିଛନ୍ତି ସେମାନଙ୍କର ମଧ୍ୟ କୋଭିଡ଼ ପରୀକ୍ଷା କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଗ୍ରାମାଂଚଳରେ କ୍ୱାରେନଟାଇନ ଶଯ୍ୟା ସଂଖ୍ୟା ମୋଟ ୭,୪୨,୫୩୬

ଭୁବନେଶ୍ୱର,୩୧।୫ (ନି.ପ୍ର): କୋଭିଡ଼-୧୯ ପରିପ୍ରେକ୍ଷୀରେ ଗ୍ରାମାଂଚଳରେ କ୍ୱାରେନଟାଇନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ୬୭୯୮ ଗ୍ରାମ ପଂଚାୟତରେ ୧୬,୬୫୧ ଟି ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ସ୍ଥାପିତ ହୋଇଛି । ଏଥିରେ ମୋଟ ୭,୪୨,୫୩୬ ଶଯ୍ୟାର ବ୍ୟବସ୍ଥା କରାଯାଇଛି । ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।

## କରୋନା ସଂକଟ ବେଳେ ସେବା କାମ କରୁଥିବା ଲୋକଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୩୧।୫ (ନି.ପ୍ର): କରୋନା ସମୟରେ ଦେଶବାସୀଙ୍କ ସେବାଶକ୍ତିକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ଏହି ମହାମାରୀ ସମୟରେ ଆମେ ଭାରତବାସୀ ଏକଥା ଦେଖାଇଦେଇଛୁ ଯେ ସେବା ଏବଂ ତ୍ୟାଗର ଆମ ଚିନ୍ତାଧାରା କେବଳ ଆମ ଆଦର୍ଶ ନୁହେଁ ବରଂ ଏହା ଭାରତର ଜୀବନ ପଦ୍ଧତି, ଆଉ କୁହାଯାଏ ବୋଲିସେ କହିଛନ୍ତି। ମନ କି ବାତକାର୍ଯ୍ୟକ୍ରମରେସେ କହିଛନ୍ତିଯେଯେ, ଅନ୍ୟମାନଙ୍କ ସେବାରେ ଉତ୍ସର୍ଗୀକୃତ ବ୍ୟକ୍ତିର ଜୀବନରେ କେବେହେଲେ କୌଣସି ପ୍ରକାର ମାନସିକ ଅବସାଦ କିମ୍ବା ଚାପ ଦେଖାଯାଏ ନାହିଁ। ତାଙ୍କ ଜୀବନରେ, ଜୀବନକୁ ନେଇ ତାଙ୍କ ଦୃଷ୍ଟିକୋଣରେ ଭରପୁର ଆତ୍ମବିଶ୍ୱାସ, ସକାରାତ୍ମକତା ଏବଂ ସ୍ଫୁର୍ତି ପ୍ରତିମୁହୂର୍ତରେ ଦେଖାଯାଉଥାଏ। ତାମିଲନାଡୁର ସି. ମୋହନଙ୍କ ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ମଦୁରାଇରେ ତାଙ୍କର ଗୋଟିଏ ସେଲୁନ ରହିଛି। ନିଜ ପରିଶ୍ରମରେ ଉପାର୍ଜିତ ଧନରୁ ସେ ନିଜ ଝିଅର ପାଠପଢ଼ା ପାଇଁ ପାଂଚଲକ୍ଷ ଟଙ୍କା ସଂଚୟ କରି ରଖିଥିଲେ। କିନ୍ତୁ, ସେ ଏହି ସମ୍ପୂର୍ଣ୍ଣ ଅର୍ଥକୁ ବର୍ତମାନର ପରିସ୍ଥିତିରେ ଅଭାବୀ ଏବଂ ଗରିବ ଲୋକଙ୍କ ସେବା ପାଇଁ ଖର୍ଚ୍ଚ କରିଦେଲେ। ସେହିଭଳି, ଅଗରତାଲାରେ ଠେଲାଗାଡ଼ି ଚଳାଇ ଜୀବନଯାପନ କରୁଥିବା ଗୌତମ ଦାସଜୀ, ନିଜର ଦୈନନ୍ଦିନ ରୋଜଗାରରୁ ସଂଚିତ ଅର୍ଥରେ ପ୍ରତିଦିନ ଡାଲି-ଚାଉଳ କିଣି ଆବଶ୍ୟକତା ଥିବା ଲୋକମାନଙ୍କୁ ଭୋଜନ କରାଉଛନ୍ତି। ପଞ୍ଜାବର ପଠାନକୋଟରୁ ମଧ ଏଭଳି ଗୋଟିଏ ଉଦାହରଣ ସମ୍ପର୍କରେ ମୁଁ ଜାଣିବାକୁ ପାଇଲି। ଏଠାକାର ଜଣେ ଦିବ୍ୟାଙ୍ଗ ଭାଇ – ରାଜୁ, ଅନ୍ୟମାନଙ୍କ ସହାୟତାରୁ ମିଳିଥିବା ସ୍ୱଳ୍ପ ପୁଞ୍ଜିରେ ତିନି ହଜାରରୁ ଅଧିକ ମାସ୍କ ତିଆରି କରି ଜନସାଧାରଣଙ୍କ ମଧରେ ବିତରଣ କଲେ। ରାଜୁ ଭାଇ ଏଭଳି କଠିନ ପରିସ୍ଥିତିରେ ପ୍ରାୟ ଶହେ ପରିବାର ପାଇଁ ଖାଦ୍ୟ ସାମଗ୍ରୀ ମଧ ଯୋଗାଡ଼ କରିଛନ୍ତି। ସେ କହିଛନ୍ତି ଯେ ଅନେକ ଥର ସମୟ ଅଭାବରୁ ମୁଁ ଅନେକ ଲୋକ, ଅନେକ ସଂସ୍ଥା, ଅନେକ ସଂଗଠନର ନାମ ଉଲ୍ଲେଖ କରିପାରୁନି। ସେବା ଭାବନାକୁ ନେଇ ଲୋକମାନଙ୍କୁ ସାହାଯ୍ୟ କରୁଥିବା ଏଭଳି ସମସ୍ତ ଲୋକଙ୍କୁ ମୁଁ ପ୍ରଶଂସା କରୁଛି। ସେମାନଙ୍କୁ ଆଦର କରୁଛି, ହୃଦୟର ଗଭୀରତମ ପ୍ରଦେଶରୁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି ବୋଲି ସେ କହିଛନ୍ତି।

## ୮୧ ଗ୍ରାମ ବ୍ରାଉନ୍‌ସୁଗାର ଜବତ: ୨ ଅଭିଯୁକ୍ତ ଗିରଫ



ଭଦ୍ରକ,୩୧।୫ (ନି.ପ୍ର): ପୁଣି ଭଦ୍ରକରେ ସାମ୍ନାକୁ ଆସିଲା ଧଳା ଜହର କାରବାର, ଜବତ ହେଲା ୮୧ ଗ୍ରାମର ବ୍ରାଉନ୍ ସୁଗାର। ଘଟଣାରେ ଦୁଇଜଣଙ୍କୁ ଗିରଫ କରିଛି କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ବିଭାଗ। ଭଦ୍ରକରେ ଦିନକୁ ଦିନ ବ୍ରାଉନ୍ ସୁଗାର କାରବାର ବୃଦ୍ଧି ପାଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ତେବେ ଏହି ରାକେଟକୁ ଧରିବା ପାଇଁ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଅନେକ ଦିନ ଧରି ବେପାରୀଙ୍କ ଉପରେ ନଜର ରଖୁଥିଲାବେଳେ ଆଜି ଏଥିରେ ସଫଳ ହୋଇଛି। ସୂଚନା ଅନୁସାରେ ଦୁଇ ଜଣ ବ୍ରାଉନ୍ ସୁଗାର ବେପାରୀ ଏକ ବାଇକ୍ ଯୋଗେ ଜଳେଶ୍ୱରରୁ ଭଦ୍ରକକୁ ଆସୁଥିବା ବେଳେ ଚରମ୍ପା ଓ ଓଭର ବ୍ରିଜ୍ ନିକଟରେ ଅବକାରୀ ଗୁଇନ୍ଦା ବିଭାଗ ହାବୁଡରେ ପଡିଥିଲେ। ଯାଞ୍ଚ କରିବା ପରେ ସେମାନଙ୍କ ଠାରୁ ୮୧ ଗ୍ରାମର ବ୍ରାଉନ୍ ସୁଗାର ଜବତ କରାଯାଇଛି। ଏହାସହ ଅଭିଯୁକ୍ତଙ୍କ ଦ୍ୱାରା ବ୍ୟବହୃତ ବାଇକ୍‌କୁ ମଧ ଅବକାରୀ ବିଭାଗ ଜବତ କରିଛି। ଜବତ ବ୍ରାଉନ୍ ସୁଗାରର ଆନୁମାନିକ ମୂଲ୍ୟ ୮ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି କହିଛନ୍ତି ଅବକାରୀ ନିରୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲ।

## ରାଜ୍ୟରେ ୭୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହେଲେ

ଭୁବନେଶ୍ୱର,୩୧।୫ (ନି.ପ୍ର): ରାଜ୍ୟର ୭୬ ଜଣ କୋରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ଆଜି ସୁସ୍ଥ ମାନଙ୍କ ମଧ୍ୟରେ ୧୮ ଜଣ କେନ୍ଦ୍ରାପଡାର ଅଛନ୍ତି । ସେହିପରି ଗଂଜାମ ଜିଲ୍ଲାର ୧୬ ଜଣ, ନୟାଗଡ ଜିଲ୍ଲାର ୧୧ ଓ କଳାହାଣ୍ଡି ଜିଲ୍ଲାର ୧୧ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଯାଜପୁର ଜିଲ୍ଲାର ୫ ଜଣ ଓ ବାଲେଶ୍ୱର ଓ ମୟୁରଭଂଜ ଜିଲ୍ଲାର ୩-୩ ଜଣ ସୁସ୍ଥ ହୋଇଛନ୍ତି ।

## ବନ୍ଦେ ଉତ୍କଳ ଜନନୀ ଗାନ ପାଇଁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବନ୍ଦେ ଉତ୍କଳ ଜନନୀ ଗାୟନ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଓଡ଼ିଶାର ଜନସାଧାରଣ ତଥା ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଓଡ଼ିଆମାନେ ଆମର କୋଭିଡ଼ ଯୋଦ୍ଧାମାନଙ୍କ ନିଷ୍ଠା, ତ୍ୟାଗ ଓ ସେବାକୁ ସମ୍ମାନ ଜଣାଇ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରି ଅଭୁତପୂର୍ବ ଉତ୍ସାହ ପ୍ରଦର୍ଶନ କରିଛନ୍ତି । ଆମ କୋଭିଡ଼ ଯୋଦ୍ଧା ମାନଙ୍କୁ କୃତଜ୍ଞତା ଜଣାଇ ଲକ୍ଷ ଲକ୍ଷ ଓଡ଼ିଆ ଏକ ସ୍ୱରରେ ଏହି ପରିବେଷଣ କରିଥିବାରୁ ଓଡ଼ିଶା ପ୍ରତି ସମଗ୍ର ବିଶ୍ୱ ଆକର୍ଷିତ ହୋଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମାଜର ସମସ୍ତ କ୍ଷେତ୍ରରୁ ଲୋକମାନଙ୍କର ଐକ୍ୟବଦ୍ଧତା କରୋନା ମହାମାରୀ ବିରୁଦ୍ଧରେ ଆମର ସଂଗ୍ରାମକୁ ଅଧିକ ସଶକ୍ତ କରିବ ।

## ଅମ୍ଫନର ୧୧ ଦିନ ପରେ ବି ସରିନି ଧାନ ଅମଳ : ସବୁ ଧାନ ଗଜା

ଜଳେଶ୍ୱର,୩୧।୫(ନିପ୍ର) : ସୁପର ସାଇକ୍ଲୋନ ତାଣ୍ଡବ ଘଟାଇ ଚାଲିଯିବାର ୧୧ ଦିନ ବିତିଲାଣି । କିନ୍ତୁ ଏବେବି ବହୁ ସ୍ଥାନରେ ଚାଷୀମାନେ ବିଲରୁ ଜଳ ମଧ୍ୟରେ ଧାନ ଅମଳ କରୁଛନ୍ତି । ଧାନରେ ସବୁ ଗଜା ହେଲାଣି । ତଥାପି ଚାଷୀର ପ୍ରଚେଷ୍ଟା ଜାରି ରହିଛି । ଝଡ ଓ ବାତ୍ୟା ପୂର୍ବରୁ ଜଳେଶ୍ୱର ଅଂଚଳରେ ଧାନକଟା ସଂପର୍କରେ କୃଷି ବିଭାଗ ଦେଇଥିବା ରିପୋର୍ଟ ଓ ଅମ୍ଫନ ପରେ ସରକାରୀଭାବେ ଘୋଷଣା ହୋଇଥିବା କ୍ଷୟକ୍ଷତି ରିପୋର୍ଟ ଦେଖିଲେ ସରକାରୀ ରିପୋର୍ଟ ପ୍ରତି ସନ୍ଦେହ ଯାତ ହୁଏ । ଏହି ପରିପ୍ରେକ୍ଷିରେ ଜଳେଶ୍ୱରର କେତେକ ସାମ୍ବାଦିକ ବିଭିନ୍ନ ସ୍ଥାନ ଗସ୍ତ କରିଥିଲେ । ଏବେବି ରାୟାଁରାମଚନ୍ଦ୍ରପୁର, ବାଇଗଣବାଡ଼ିଆ, ଖାଳିନା, ଦେବକୁମାର, ଖୁଲୁଡା ପଂଚାୟତ ଅଂଚଳରେ ଧାନକଟା ଚାଲିଥିବାର ଦେଖିବାକୁ ମିଳିଛି । ବିଭିନ୍ନ ଗ୍ରାମାଂଚଳରେ ଚାଷୀମାନେ ଧାନରୁ ବାହାରିଥିବା ଗଜା ଦେଖାଇଥିଲେ । ତେଣୁ ପ୍ରକୃତରେ ଧାନ କ୍ଷୟକ୍ଷତି ସଂପର୍କରେ ଏକ ନିରପେକ୍ଷ ତଦନ୍ତ କରିବାକୁ ଚାଷୀମାନେ ଦାବୀ ଜଣାଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo